

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୩୧ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 31 MARCH 2022
Vol.No. 33 ■ No. 85 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ଶାନ୍ତି ବୈଠକ ପରେ କିଭରୁ ସେନାକୁ ପଛକୁ ହଟାଇଲା ରୁଷ



ନୂଆଦିଲ୍ଲୀ, ୩୦/୦୩ : ୩୫ ଦିନରେ ପହଁଚିଲାଣି ରୁଷିଆ–ୟୁକ୍ରେନ ଯୁଦ୍ଧ । ତଥାପି ଫିଟୁନି ସମାଧାନର ବାଟ । ମଙ୍ଗଳବାର ଦୁଇ ଦେଶ ମଧ୍ୟରେ ହୋଇଥିବା ଶାନ୍ତି ବୈଠକ ପରେ ରୁଷିଆ ୟୁକ୍ରେନରୁ ନିଜ ସେନା ପ୍ରତ୍ୟାହାର କରିବା ନେଇ ସଂକେତ ଦେଇଥିଲା । ହେଲେ ଏହାକୁ ନେଇ ୟୁକ୍ରେନ ରାଷ୍ଟ୍ରପତି କହିଛନ୍ତି ଏଭଳି ନିଷ୍ପତି ନେଇ ରୁଷ ବିଶ୍ୱ ସମୁଦାୟର ଧ୍ୟାନ ଏଡାଇବା ପାଇଁ ଚେଷ୍ଟା କରୁଛି । ୟୁକ୍ରେନ ଓ ରୁଷିଆ ମଧ୍ୟରେ ଯୁଦ୍ଧର ସ୍ଥିତି ଏବେ ଉକ୍ରଟ ହେବାରେ ଲାଗିଛି । ୟୁକ୍ରେନରେ ଧ୍ୱଂସଲୀଳା ରଚି ଚାଲିଛି ରୁଷିଆ ସେନା । ଏହାରି ଭିତରେ ୟୁକ୍ରେନ ରାଜଧାନୀ କିଭ୍ରୁ ସେନା ପ୍ରତ୍ୟାହାର ନେଇ ସଂକେତ ଦେଇଛି ରୁଷ । ମଙ୍ଗଳବାର ଇସ୍ତାନବୁଲରେ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଶାନ୍ତି ବୈଠକ ପରେ ରୁଷିଆ ପକ୍ଷରୁ କିଛି ଏଭଳି ବୟାନ ଜାରି କରାଯାଇଛି । କିଭ ଆଖପାଖ ଅଂଚଳରୁ ରୁଷ ସେନା ପଛକୁ ହଟିଥିବା ସୂଚନା ମିଳିଛି । ତେବେ ରୁଷର ଏହି ପଦକ୍ଷେପକୁ ନେଇ ଭିନ୍ନ ମତ ରଖିଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଭୋଲଦମିର ଜେଲେନସ୍କି । ଜେଲେନସ୍କି କହିବା କଥା ବିଶ୍ୱ ସମୁଦାୟର ଧ୍ୟାନ ଏଡାଇବାକୁ ରୁଷିଆ ପକ୍ଷରୁ ଏଭଳି ନିଷ୍ପତି ନିଆଯାଇଛି । କିଭ୍ ପାଖରୁ ସେନା ପ୍ରତ୍ୟାହାର କରି ପୂର୍ବ ୟୁକ୍ରେନ ସହରକୁ ଦଖଲ କରିବାକୁ ପୁଟିନ୍ ଲକ୍ଷ୍ୟ ରଖିଛନ୍ତି । କେବଳ ସେତିକି ନୁହେଁ ଆହୁରି ଅତିରିକ୍ତ ରୁଷୀୟ ସେନା ୟୁକ୍ରେନରେ ପ୍ରବେଶ କରିଥିବା ଜେଲେନସ୍କି କହିଛନ୍ତି । ସେପଟେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ୩୫ଦିନରେ ପହଁଚିଲାଣି । ରୁଷିଆ ଆକ୍ରମଣରେ ୟୁକ୍ରେନ ଅନେକ ବଡ ବଡ ସହର ଧ୍ୱଂସ ସ୍ତୁପ ପାଲଟି ଗଲାଣି । ଏବେ ପଶ୍ଚିମ ୟୁକ୍ରେନରୁ ପୂର୍ବ ଆଡକୁ ମୁହାଁଇଲେଣି ରୁଷି ସୈନିକ । ପୂର୍ବ ୟୁକ୍ରେନର ମାୟକୋଲାଇବ ସହରରେ ଥିବା ସରକାରୀ କୋଠା ଉପରେ ମିଜାଇଲ ଆକ୍ରମଣ କରିଛି ପୁଟିନ ଆର୍ମି । ଘଟଣାରେ ୧୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୩ଜଣ ଆହତ ହୋଇଥିବା ସୂଚନା ମିଳିଛି । ୩୫ଦିନର ଯୁଦ୍ଧ ଭିତରେ ୟୁକ୍ରେନର ଅନେକ କ୍ଷୟକ୍ଷତି ହୋଇଥିବା ରୁଷ ଦାବି କରିଛି । ରୁଷ ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା ଅନୁସାରେ ୟୁକ୍ରେନ ସେନାର ୧୨୩ଟି ଯୁଦ୍ଧ ବିମାନ, ୭୪ଟି ହେଲକପ୍ଟର, ୧୭୨ ରକେଟ୍ ଲଂଚ୍ ସିଷ୍ଟମ୍, ୧୭୨୧ଟି ଟ୍ୟାଙ୍କକୁ ଧ୍ୱଂସ କରିଛି ରୁଷ ସେନା । ଯୁଦ୍ଧରେ ୧୭ହଜାରରୁ ରୁଷ ସେନା ପ୍ରାଣ ହରାଇଥିବା ୟୁକ୍ରେନ ପ୍ରତିରକ୍ଷା ବିଭାଗ କହିଛି । ▶▶ପୃଷ୍ଠା ୭

## ବିଧାନସଭାରେ କାମଚଳା ବଜେଟ୍ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ



ଭୁବନେଶ୍ୱର, ୩୦/୦୩ (ନି.ପ୍ର): ରାଜ୍ୟ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ବୁଧବାର ଦିନ ବିଧାନସଭାରେ ୨୦୨୨-୨୩ ଆର୍ଥିକ ବର୍ଷର ଏପ୍ରିଲରୁ ଜୁଲାଇ ମାସ ପର୍ଯ୍ୟନ୍ତ ଖର୍ଚ୍ଚ ବାବଦକୁ ୧ ଲକ୍ଷ ୬ ହଜାର ୪୯୮ ଟଙ୍କାର ଲେଖାନୁଦାନ ଉପସ୍ଥାପନ କରିଛନ୍ତି। ଏଥିରେ ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧୀୟ ଖର୍ଚ୍ଚ ବାବଦକୁ ମୋଟ ବାର୍ଷିକ ବ୍ୟୟ ଅଟକଳର ଶତ ପ୍ରତିଶତ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ବ୍ୟୟ ଅଟକଳର ୫୦% ଅନ୍ତର୍ଭୁକ୍ତ। ଅର୍ଥମନ୍ତ୍ରୀ କହିଛନ୍ତି ଯେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ବଜେଟ୍ ରହିଛି। ଏହି ବଜେଟ୍ ଗତ ୨୦୨୧-୨୨ ଆର୍ଥିକ ବର୍ଷର ବଜେଟ୍ ତୁଳନାରେ ୧୭.୬% ଅଧିକ । ସେ କହିଛନ୍ତି ଯେ ଫେବୃଆରୀ ଓ ମାର୍ଚ୍ଚ ମାସରେ ପ୍ରଥମେ ପଂଚାୟତ ଏବଂ ପରେ ପୌର ନିର୍ବାଚନ ଏବଂ ଆଦର୍ଶ ଆଚରଣ ବିଧି ଯୋଗୁଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ ହୋଇପାରିନାହିଁ। ତେଣୁ ରାଜ୍ୟ ସରକାର ୨୦୨୨-୨୩ ବର୍ଷର ପ୍ରଥମ ୪ ମାସ ପାଇଁ ଏକ କାମଚଳା ବଜେଟ୍ ଉପସ୍ଥାପନ କରାଯାଇଛି। ଆଜି ଏହି କାମଚଳା ବଜେଟ୍ ପାରିତ ହୋଇଥିବା ବେଳେ ଆସନ୍ତାକାଲି ଏସମ୍ପର୍କିତ ବ୍ୟୟ ମଂଜୁରୀ ବିଲ୍ ବିଧାନସଭାରେ ଉପସ୍ଥାପିତ ହୋଇ ଅନୁମୋଦନ ଲାଭ କରିବ । ବଜେଟ୍ ସମ୍ପର୍କରେ ସୂଚନା ଦେଇ ▶▶ପୃଷ୍ଠା ୭

## ଏସବିଆଇରେ ରହିବ ଶ୍ରୀମନ୍ଦିର ଟଙ୍କା

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ଶ୍ରୀମନ୍ଦିରର କର୍ପସ ଫଣ୍ଡ ଓ ଟେମ୍ପୁଲ ଫଣ୍ଡ ପୁରୀ ଷ୍ଟେଟ ବ୍ୟାଙ୍କ ଶାଖାରେ ଜମା ରହିବ । ମୋଟ ୫୪୮ କୋଟି ଟଙ୍କା ୫.୧୮ ପ୍ରତିଶତ ସୁଧହାରରେ ବର୍ଷକ ପାଇଁ ସ୍ଥାୟୀ ଜମା ବା ଫିକ୍ସଡ୍ ଡିପୋଜିଟ ଆକାରରେ ରହିବ। ଏ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ସୂଚନା ଦେଇଛନ୍ତି । ଗତ ୨୦୨୦ରେ ଶ୍ରୀମନ୍ଦିର ପାଣ୍ଠି ଏକ ଘରୋଇ ବ୍ୟାଙ୍କ ୟେସ ବ୍ୟାଙ୍କରେ ରଖାଯିବାକୁ ନେଇ ବିବାଦ ଉଠିଥିଲା ।

## ବଢୁଛି ତୈଳ ଦର : ପ୍ରଥମଥର ହାଇଡ୍ରୋଜେନ କାର୍‌ରେ ଆସିଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ, ୩୦/୦୩ : ଦେଶରେ କ୍ରମାଗତ ଭାବେ ତୈଳଦର ବଢୁଥିବା ବେଳେ ସାଧାରଣ ଲୋକ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଚାଲିଛନ୍ତି। ଏସବୁ ଭିତରେ ଆଜି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ଗ୍ରୀନ ହାଇଡ୍ରୋଜେନ ପାୱାର କାର୍ ଧରି ସଂସଦରେ ପହଞ୍ଚିଛନ୍ତି। ଭାରତରେ ହାଇଡ୍ରୋଜେନ କାରର ବ୍ୟବହାର ହେବା ଏହା ପ୍ରଥମ ଘଟଣା। ପୂର୍ବରୁ କେହି ବି ଏମିତି କାର ବ୍ୟବହାର କରି ନଥିଲେ। ପରିବହନ ମନ୍ତ୍ରୀ ଆଜି ପରୀକ୍ଷା ମୂଳକ ଭାବେ ନିଜ ବାସଭବନରୁ ହାଇଡ୍ରୋଜେନ କାର ଚଳାଇ ସଂସଦକୁ ଆସିଛନ୍ତି। ପୂର୍ବରୁ ସେ ପୁନଃ ନବୀକରଣ ଯୋଗ୍ୟ ଓ ସବୁଜ ଶକ୍ତିର ବ୍ୟବହାର କରିବାକୁ କହି ଆସୁଥିଲେ। ଏହି ଦୃଷ୍ଟିରୁ ସେ ଗ୍ରୀନ ହାଇଡ୍ରୋଜେନ କାର ଧରି ସଂସଦ ଆସିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ହାଇଡ୍ରୋଜେନ ଭିତ୍ତିକ ଫ୍ୟୁଏଲ ସେଲ ଇଲେକଟ୍ରିକ ଭେଇକିଲ(ଏଫସିଇଭି) ଟ୍ୟାଙ୍କି ଫୁଲ ଥିଲେ ୬୦୦ କିମି ଯାତ୍ରା କରିପାରିବ। ଏଥିରେ ଯାତ୍ରା କଲେ କିମି ପିଛା ମାତ୍ର ୨ ଟଙ୍କା ଖର୍ଚ୍ଚ ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହାର ଟ୍ୟାଙ୍କି ଫୁଲ କରିବାକୁ ମାତ୍ର ୫ ମିନିଟ ସମୟ ଲାଗିଥାଏ। ତେଣୁ ଏଥିରେ ଯିବା ଆସିବା କଲେ ପରିବେଶ ପ୍ରଦୂଷଣରୁ ରକ୍ଷା ମିଳିବ।

## ମାନସଙ୍କ ପୋଷ୍ଟମର୍ଟମ ରିପୋର୍ଟ

## ମାଡରେ ଭାଙ୍ଗିଯାଇଥିଲା ପଞ୍ଜରା ଓ ମେରୁ ହାଡ, ପ୍ରଚୁର ରକ୍ତସ୍ରାବ ଯୋଗୁଁ ହୋଇଥିଲା ମୃତ୍ୟୁ



ଭୁବନେଶ୍ୱର, ୩୦/୦୩ (ନି.ପ୍ର): କ୍ୟାମେରାମ୍ୟାନ ମାନସ ସ୍ୱାଇଁଙ୍କୁ କେମିତି ହତ୍ୟା କରାଯାଇଥିଲା ସେନେଇ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ନେଇ ଅଭିଯୁକ୍ତମାନଙ୍କୁ ଜେରା କରୁଥିବାବେଳେ ସାମ୍ନାକୁ ଆସିଛି ପୋଷ୍ଟମର୍ଟମ ରିପୋର୍ଟ । ରିପୋର୍ଟରେ ଦିଆଯାଇଥିବା ତଥ୍ୟ ଅନୁସାରେ ମାନସଙ୍କୁ ଭୋକରେ ରଖି ନିସ୍ତୁକ ମାଡ ମରାଯାଇଥିଲା । ମାଡରେ ପଞ୍ଜରା ହାଡ ଭାଙ୍ଗିବାରୁ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ମାନସଙ୍କ ମୃତ୍ୟୁ ହୋଇଥିବା ପୋଷ୍ଟମର୍ଟମ ରିପୋର୍ଟରେ ଉଲ୍ଲେଖ ରହିଛି । ମାନସଙ୍କ ପୋଷ୍ଟମର୍ଟମ ରିପୋର୍ଟରେ ସାଂଘାତିକ ତଥ୍ୟ । ମାଡରେ ଭାଙ୍ଗିଯାଇଥିଲା ପଞ୍ଜରା ଓ ମେରୁ ହାଡ । ପ୍ରଚୁର ରକ୍ତସ୍ରାବ ଯୋଗୁଁ ହୋଇଥିଲା ମୃତ୍ୟୁ । କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟାକାଣ୍ଡର ପ୍ରକୃତ କାରଣ ଜାଣିବା ପାଇଁ କ୍ରାଇମବ୍ରାଞ୍ଚ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ ଓ ତାଙ୍କ ସହଯୋଗୀଙ୍କୁ ପଚରାଉଚୁରା କରୁଥିବାବେଳେ ହସ୍ତଗତ ହୋଇଛି ଶବ ବ୍ୟବଚ୍ଛେଦ ରିପୋର୍ଟ । ରିପୋର୍ଟରେ ଦିଆଯାଇଥିବା ସୂଚନା ଅନୁସାରେ, ମୃତ୍ୟୁ ପୂର୍ବରୁ ମାନସଙ୍କୁ ଲମ୍ବା ସମୟ ଧରି ଉପାସରେ ରଖାଯାଇଥିଲା । ମାନସଙ୍କୁ ଅତି ଭୟଙ୍କର ଭାବେ ଶାରୀରିକ ନିର୍ଯାତନା ଦିଆଯାଇଥିଲା । ମାଡରେ ମାନସଙ୍କ ପଞ୍ଜରା ହାଡ ଓ ମେରୁ ହାଡ ଭାଙ୍ଗି ଯାଇଥିଲା । ପ୍ରଚୁର ରକ୍ତସ୍ରାବ ▶▶ପୃଷ୍ଠା ୭

## ଏପ୍ରିଲ ୨ ଯାଏଁ ଗ୍ରୀଷ୍ମ ଲହରୀ



ଭୁବନେଶ୍ୱର, ୩୦/୦୩ (ନି.ପ୍ର): ଆସନ୍ତା ଏପ୍ରିଲ ୨ ତାରିଖ (ଶନିବାର) ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତାକାଲି ପାଇଁ ୫ଟି ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ଏପ୍ରିଲ ୧ ଓ ୨ ତାରିଖ ପାଇଁ ୭ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି। ଅପରପକ୍ଷରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ୮ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କତା ମୂଳକ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଆସନ୍ତା ୨୪ ଘଂଟା ମଧ୍ୟରେ ମୟୂରଭଞ୍ଜ, ବରଗଡ,ସୋନପୁର, ବୌଦ୍ଧ ଏବଂ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ସେହିପରି ଏପ୍ରିଲ ୧ରୁ ୨ ତାରିଖ ମଧ୍ୟରେ ସମ୍ବଲପୁର, ବରଗଡ଼,ସୋନପୁର, ବୌଦ୍ଧ, ବଲାଙ୍ଗୀର, ଅନୁଗୁଳ ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି।

## ଏପ୍ରିଲ ୫ରେ ଧାମନଗରର ୬ଟି ବୁଥରେ ସାନି ନିର୍ବାଚନ

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ଆସନ୍ତା ଏପ୍ରିଲ ୫ ତାରିଖରେ ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ (ଏନଏସି)ର ୬ଟି ବୁଥରେ ସାନି ନିର୍ବାଚନ ହେବ। ଏପ୍ରିଲ୍ ୫ ତାରିଖରେ ଏହି ଏନ୍ଏସିର ବୁଥ୍ ନମ୍ବର ୩ (ୱାର୍ଡ ନମ୍ବର ୨), ବୁଥ୍ ନମ୍ବର ୮,୯ (ୱାର୍ଡ ନମ୍ବର ୫), ବୁଥ୍ ନମ୍ବର ୧୬ (ୱାର୍ଡ ନମ୍ବର ୯) ଓ ବୁଥ୍ ନମ୍ବର ୧୭, ୧୮ (ୱାର୍ଡ ନମ୍ବର ୧୦)ରେ ଭୋଟ୍ ଗ୍ରହଣ କରାଯିବ। ଏପ୍ରିଲ ୫ ତାରିଖ ଦିନ ସକାଳ ୧୦ଟାରୁ ୪ଟା ପର୍ଯ୍ୟନ୍ତ ମତଦାନ ହେବା ସହ ଏପ୍ରିଲ ୬ତାରିଖ ସକାଳ ୮ଟାରୁ ଭୋଟ ଗଣତି ହେବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ମାର୍ଚ୍ଚ ୨୪ ତାରିଖରେ ରାଜ୍ୟରେ ସମସ୍ତ ମ୍ୟୁନିସିପାଲିଟି ଓ ଏନ୍ଏସି ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଧାମନଗର ଏନ୍ଏସିର ଏହି ସବୁ ବୁଥ୍ ରେ ବିଭିନ୍ନ ପ୍ରକାର ବିଶୃଙ୍ଖଳା କାରଣରୁ ଭୋଟ୍ ଗ୍ରହଣ ବାଧାପ୍ରାପ୍ତ ହୋଇଥିଲା। ତେଣୁ ୨୫ ରାଜ୍ୟ ନିର୍ବାଚନ କମିଶନ ଧାମନଗର ଏନ୍ଏସିର ସମସ୍ତ ୱାର୍ଡର କାଉନ୍ସିଲର ଓ ଅଧ୍ୟକ୍ଷ ପଦ ପାଇଁ ଭୋଟ୍ ଗଣତିକୁ ବାତିଲ କରି ଦେଇଥିଲେ।

## ଦିନକରେ ‘ଏମଆରଏସଏଏମ’ର ଦୁଇଥର ପରୀକ୍ଷା



ବାଲେଶ୍ୱର,୩୦/୦୩ (ନି.ପ୍ର): ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ପକ୍ଷରୁ ଭୂପୃଷ୍ଠରୁ ଆକାଶକୁ ଲକ୍ଷ୍ୟଭେଦ କରିପାରୁଥିବା ମଧ୍ୟମ ଦୂରଗାମୀ ନମୁନା କ୍ଷେପଣାସ୍ତ୍ର (ଏମଆରଏସଏଏମ)ର ଦୁଇଥର ପରୀକ୍ଷା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ର ୩ ନଂ ଲଞ୍ଚ କମ୍ପ୍ଲେକ୍ସରୁ ଏହା ପରୀକ୍ଷା କରାଯାଇଥିଲା। ଡିଆରଡିଓ ଓ ଇସ୍ରାଏଲର ମିଳିତ ଉଦ୍ୟମରେ ନିର୍ମିତ ଏହି ‘ଏମଆରଏସଏଏମ’ କ୍ଷେପଣାସ୍ତ୍ରର ୭୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦର କ୍ଷମତା ରହିଛି। ଏହା ବାୟୁମଣ୍ଡଳର ୧୬ କିଲୋମିଟର ଉପରେ ଶବ୍ଦର ଗତିଠାରୁ ୪.୫ଗୁଣ ଅଧିକ ବେଗର ଗତି କରିଥାଏ। ଏହା ୬୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ଉଭୟ ପାରମ୍ପାରିକ ଓ ଆଣବିକ ଯୁଦ୍ଧାସ୍ତ୍ର ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚାଇ ଥାଏ ଏହି କ୍ଷେପଣାସ୍ତ୍ର। ‘ଏମଆରଏସଏଏମ’ର ଓଜନ ୨୭୫ କିଲୋଗ୍ରାମ, ଲମ୍ବ ୪.୫ ମିଟର ଓ ମୋଟେଇ ୦.୨୨୫ମିଟର ଅଟେ। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରରେ ସଲିଡ ପ୍ରୋପଲାଣ୍ଟ ରକେଟ ଇଂଜିନ ବ୍ୟବହାର କରାଯାଇଛି। ଏହି ପରୀକ୍ଷା ପାଇଁ ଆଇଟିଆର ଲଞ୍ଚ କମ୍ପ୍ଲେକ୍ସ-୩ର ଅଢ଼େଇ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ଥିବା ୫ ଗୋଟି ପଞ୍ଚାୟତରୁ ୭ହଜାର ଗ୍ରାମବାସୀଙ୍କୁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର କରାଯାଇଛି। ଗତ୨୭ ତାରିଖରେ ଏମଆରଏସଏଏମକୁ ସଫଳତାର ସହ ପରୀକ୍ଷଣ କରାଯାଇଥିଲା।

## ଦରବୃଦ୍ଧିକୁ ନେଇ ମୋଦୀଙ୍କ ଉପରେ ବର୍ଷିଲେ ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ, ୩୦/୦୩ : ଦେଶରେ ପେଟ୍ରୋଲ, ଡିଜେଲ ଦର ହୁ ହୁ ହୋଇ ବଢିବାରେ ଲାଗିଛି । ଆଉ ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ବର୍ଷଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି । ମୋଦୀଙ୍କୁ କଟାକ୍ଷ କରି ଏକ ଟୁଇଟ୍ କରିଛନ୍ତି ରାହୁଲ । ଯେଉଁଥିରେ ସେ ପ୍ରଧାନମନ୍ତ୍ରୀଙ୍କ ଦୈନିକ କାର୍ଯ୍ୟ ଗୁଡିକର ବିବରଣୀ ପ୍ରଦାନ କରିଛନ୍ତି । ଏକ ନିଆରା ଅନ୍ଦାଜରେ କେନ୍ଦ୍ରର ମୋଦୀ ସରକାରଙ୍କୁ ଘେରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ । ଟୁଇଟରରେ ପ୍ରଧାନମନ୍ତ୍ରୀଙ୍କ ‘ଡେଲି ଟୁ ଡୁ ଲିଷ୍ଟ’ ଜାରି କରି ମୋଦିଙ୍କୁ ସମାଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତିଦିନର କଣ ସବୁ କାମ, ଦେଶବାସୀଙ୍କ ପାଇଁ କ’ଣ ଭାବନ୍ତି ପ୍ରଧାନମନ୍ତ୍ରୀ ମୋଦୀ ସେ ନେଇ ରାହୁଲ୍ ଗାନ୍ଧି କଟାକ୍ଷ କରି ସମାଲୋଚନା ମୂଳକ ଟ୍ୱିଟ୍ କରିଛନ୍ତି । ସେ ୫ଟି ପଏଂଟରେ ମୋଦିଙ୍କୁ ସମାଲୋଚନା କରିଛନ୍ତି । ପେଟ୍ରୋଲ-ଡିଜେଲ୍-ଗ୍ୟାସର ଦର କେବେ ବଢ଼ାଇବି ? ଲୋକଙ୍କ ଖର୍ଚ୍ଚ ଉପରେ ଚର୍ଚ୍ଚା କେମିତି ରୋକାଯାଇ ପାରିବ ? ଯୁବବର୍ଗଙ୍କୁ ରୋଜଗାର ସୃଷ୍ଟି କରିବାର ସ୍ୱପ୍ନ କେମିତି ଦେଖାଇବି । ଆଜି କେଉଁ ସରକାରୀ କମ୍ପାନୀକୁ ବିକ୍ରି କରିବି ? କୃଷକଙ୍କୁ ଆଉ କେତେ ଦୁର୍ବଳ କରିବି । ମୋଦୀ କିଛି ଏହିପରି କାମ କରୁଥିବେ ବୋଲି ସମାଲୋଚନା କରିଛନ୍ତି ରାହୁଲ । ଦେଶରେ ଦରଦାମ ବୃଦ୍ଧି ହେବା ସହ ପେଟ୍ରୋଲ ଓ ଡିଜେଲ ଦର ମଧ ବଢିବାରେ ଲାଗିଛି । ମଙ୍ଗଳବାର ଦେଶରେ ଉଭୟ ପେଟ୍ରୋଲ ଓ ଡିଜଲ ଲିଟର ପିଛା ୮୦ ପଇସା ଲେଖାଏଁ ବୃଦ୍ଧି ପାଇଛି । ୯ ଦିନରେ ୮ ଥର ବଢିଲାଣି ପେଟ୍ରୋଲ ଡିଜେଲ ଦର । ଯାହାକୁ ନେଇ ବିରୋଧୀ କେନ୍ଦ୍ର ସରକାରଙ୍କୁ କଡା ସମାଲୋଚନା ▶▶ପୃଷ୍ଠା ୭

## ଠିକାସଂସ୍ଥା ସୁପରଭାଇଜରଙ୍କୁ ନୃଶଂସ ହତ୍ୟା

## ଥାନାରେ ଆତ୍ମ ସମର୍ପଣ କଲା ହତ୍ୟାକାରୀ

ବାଲେଶ୍ୱର,୩୦/୦୩ (ନି.ପ୍ର): ବାଲେଶ୍ୱର ଟାଉନ ଥାନା ନିକଟରେ ଚାଲିଥିବା ରାସ୍ତା ନବୀକରଣ ଓ ଡ୍ରେନ ନିର୍ମାଣ କାର୍ଯ୍ୟକୁ କେନ୍ଦ୍ର କରି ଠିକା ସଂସ୍ଥା ସୁପରଭାଇଜରଙ୍କୁ ଜନୈକ ବ୍ୟକ୍ତି ଅତ୍ୟନ୍ତ ନୃଶଂସ ଭାବେ ହତ୍ୟା କରିବା ଘଟଣାକୁ ନେଇ ସମଗ୍ର ସହରରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ମୃତ ସୁପରଭାଇଜର ଜଣକ ହେଲେ ସଦର ବ୍ଲକ ଅନ୍ତର୍ଗତ ବୁଆଁଳ ପଞ୍ଚାୟତ କୁଡ଼ିଆ ଗ୍ରାମର ରାଜେଶ ପଣ୍ଡା । ସେ ଠିକାଦାର ସଂଜୀବ କୁମାର ନାୟକଙ୍କ ନିକଟରେ ସୁପରଭାଇଜର ଭାବେ କାର୍ଯ୍ୟରତ ଥିଲେ। ଦିନରେ ମାର୍କେଟ ଭିଡ଼ ରହିବା ଯୋଗୁଁ ଗୋଲାପୋଖରୀ ଠାରୁ ବାଲିଘାଟ ପର୍ଯ୍ୟନ୍ତ ରାସ୍ତା ନବୀକରଣ କାର୍ଯ୍ୟ ରାତିରେ ହେଉଥିଲା। ରାତି ପ୍ରାୟ ସାଢ଼େ ୧୨ଟା ବେଳେ ଟାଉନଥାନା ନିକଟ ପତଞ୍ଜଳି ମେଡିସିନ ଷ୍ଟୋରର ମାଲିକ ମାଧବ ପାଢୀ କାର୍ଯ୍ୟସ୍ଥଳରେ ପହଞ୍ଚି ସୁପରଭାଇଜର ରାଜେଶ ସହିତ ନାଳକାମକୁ ନେଇ ବଚସା କରିଥିଲେ। ତାଙ୍କ ଦୋକାନ ସାଇଡ ଅଧିକ ଭଙ୍ଗାଯାଇଥିବା ଅଭିଯୋଗ କରି ମରାମତି ବାବଦକୁ ଅର୍ଥ ମାଗିଥିଲେ। ତେବେ ଏହି ଅଭିଯୋଗ ତାଙ୍କୁ ନକରି ଠିକାଦାରକୁ କହିବା ପାଇଁ ମାଧବଙ୍କୁ ରାଜେଶ ପରାମର୍ଶ ଦେଇଥିଲେ। ମାତ୍ର ଏଥିରେ ଉତକ୍ଷିପ୍ତ ହୋଇ ମାଧବ ସେଠାରେ ପଡ଼ିଥିବା ଏକ ଲୁହା ଧୁର୍ମୁଷରେ ରାଜେଶଙ୍କ ମୁଣ୍ଡରେ ଅତର୍କିତ ପ୍ରହାର କରିଥିଲେ। ଫଳରେ ରାଜେଶ ଗୁରୁତର ଆହତ ଅବସ୍ଥାରେ ସେହିଠାରେ ଟଳିପଡିଥିଲେ। ପରେ ମାଧବ ସେଠାରୁ ଫେରାର ହୋଇ ଯାଇଥିଲେ। ଘଟଣା ସ୍ଥଳରେ ଉପସ୍ଥିତ ଠିକାଦାର ସଞ୍ଜୀବ କୁମାର ନାୟକ ଓ ଅନ୍ୟ ଶ୍ରମିକ ତଥା କର୍ମଚାରୀମାନେ ରାଜେଶଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ଟାଉନଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡ ସମ୍ପର୍କରେ ଅନୁଧ୍ୟାନ କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ସକାଳେ ସାଇଣ୍ଟିଫିକ ଟିମ ସହ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତ ମାଧବ ଥାନାରେ ପହଞ୍ଚି ଆତ୍ମ ସମର୍ପଣ କରିଥିଲା। ତେବେ ଏହି ଘଟଣାକୁ ନେଇ କୁଡ଼ିଆ ଗ୍ରାମବାସୀମାନେ ଆଜି ଥାନା ଘେରାଓ କରିବା ସହ ହତ୍ୟାକାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ପରେ ରାଜେଶଙ୍କ ମୃତଶରୀରକୁ ତାଙ୍କ ପରିବାରକୁ ପୁଲିସ ହସ୍ତାନ୍ତର କରିଛି।

## ଏପ୍ରିଲ ୨ରୁ ସକାଳୁଆ ସ୍କୁଲ୍

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ଏପ୍ରିଲ୍ ୨ ତାରିଖରୁ ରାଜ୍ୟରେ ହେବ ସକାଳୁଆ ସ୍କୁଲ୍। ଆଜି ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ଘୋଷଣା କରିଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଛନ୍ତି। ସକାଳ ୬ଟା ୩୦ରୁ ୧୦ଟା ପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେବ। ସେହିପରି ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ କ୍ଲାସ୍ ହେବ ବୋଲି ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି। ରାଜ୍ୟରେ ଧୀରେ ଧୀରେ ଗ୍ରୀଷ୍ମ ପ୍ରବାହ ବଢ଼ିଲାଣି। ଗତକାଲି (ମଙ୍ଗଳବାର) ରାଜ୍ୟର ୫ଟି ସହରର ତାପମାତ୍ର ୪୧ ଡିଗ୍ରୀ ବା ତା’ଠାରୁ ଅଧିକ ରହିଥିଲା। ସେହିପରି ଆଉ ଦୁଇଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିଲା। ବେଶ୍ କିଛି ଦିନ ହେଲାଣି ରାଜ୍ୟରେ ୫ରୁ ୭ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ଆଗାମୀ ଦୁଇ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦିନର ସର୍ବାଧିକ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ବଢ଼ିବ। ଆଉ ତା’ପରେ ବିଶେଷ କିଛି ବଡ଼ ପରିବର୍ତ୍ତନ ହେବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଗୁରୟୁଙ୍ଗ ଗ୍ରାମରେ ବସୁଧା ଜଳଯୋଗାଣ ଫେଲ ମାରିଛି

## ଜନତା ଡହକ ବିକଳ, ପ୍ରଶାସନ ନିରବ ଦ୍ରଷ୍ଟା

ଭବାନୀପାଟଣା,୩୦/୦୩ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଗୁରୟୁଙ୍ଗ ଗ୍ରାମପଂଚାୟତରେ ଜଳାଯୋଗାଣ, ବସୁଧା ଯୋଜନା ଫେଲ ମାରିଛି। ଏହି ପଂଚାୟତର ୫ ଗୋଟି ଗ୍ରାମରେ ପ୍ରାୟ ୫୦୦୦ ଲୋକ ବସବାସ କରନ୍ତି। ଗୁରୟୁଙ୍ଗ ଗ୍ରାମର ଲୋକେ ଉଦନ୍ତୀ ନଦୀ ଉପରେ ନିର୍ଭର କରନ୍ତି। ଗ୍ରାମରେ ଦୁଇ ଗୋଟି ନଳକୂପ ରେ ନିର୍ଭର କରୁଛନ୍ତି। ନଳକୂପର ପାଣି ମଧ୍ୟ ନିଅଣ୍ଟ ହେଉଛି। ସରକାର ବସୁଧା ଯୋଜନାରେ ଜଳ ଯୋଗାଣ କରିବାକୁ ଦୀର୍ଘ ୪-୫ମାସ ହେଲାଣି ପାଇପ ବିଛାଇ ଦେଇ ଦରଖାଣିଆ କରିଦେଇ ଚାଲି ଗଲା, ଗ୍ରାମ୍ୟ ଜଳ ଜଳାଯୋଗାଣକୁ ବନ୍ଦ କରି ଦେଇ ଛାଡି ଦେଇ ଗଲେ। ଆଜିପର୍ଯନ୍ତ ବସୁଧା ଜଳାଯୋଗାଣ ଫେଲ ମାରିଛି, ଯାହା ଦ୍ୱାରା ଲୋକ ମାନେ, ଗର୍ଭବତୀ, ପ୍ରସୂତି, ଶିଶୁ, ବୃଦ୍ଧ ବୃଦ୍ଧା ଲୋକ ମାନେ ନାହିଁ ନ ଥିବା ଜଳକଷ୍ଟ ଲୋଗୁଛନ୍ତି। ବିଭାଗୀୟ ଅଧିକାରୀ ମାନେ କେବଳ ନିରବ ଦ୍ରଷ୍ଟା ସାଜିଛନ୍ତି। ବର୍ତ୍ତମାନ ଖରା ଦିନ ହେଲାଣି, ଅଞ୍ଚଳ ବାସି ଜଳ ପାଇଁ ହାଁ ଜଳ ହାଁ ଜଳ ହେବାକୁ ପଡୁଛି। ନଦୀରେ ପାଣି ଶୁଖିଗଲାଣି। ନଳକୂଅରେ ଜଳସ୍ତର କମି ଗଲାଣି। ଏ ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଫାଟୁଆ ଟୀକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ

ମାଲକାନଗିରି,୩୦/୦୩ (ନି.ପ୍ର): ପ୍ରାଣୀ ସମ୍ପଦ ବିକାଶ ବିଭାଗ, ମାଲକାନଗିରି ପକ୍ଷରୁ ବାଲିମେଳାସ୍ଥିତ ଲକ୍ଷ୍ମୀନାରାୟଣ ଗୋଶାଳାରେ ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜରିଆରେ ଫାଟୁଆ ଟିକାର ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୬ ମାସରୁ ଉର୍ଦ୍ଧ୍ୱ ସମୟ ସମସ୍ତ ଗୋବଂଶଙ୍କୁ ଟୀକାକରଣ ହୋଇଥିଲା। ଏହାସହ ଗୋମାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ କୃମି, ନିରାକରଣ କରାଯାଇଥିଲା। ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୌମ୍ୟରଞ୍ଜନ ଖଟୁଆ ଗୋଶାଳାର ଗୋମାତାଙ୍କୁ ପ୍ରଥମେ ଫାଟୁଆ ଟୀକା ଦେଇଥିଲେ। ପରେ ଟୀକା ପ୍ରଦାନ କର୍ମଚାରୀ ଭୀମ ମାଝୀ ଓ ବିଷ୍ଣୁପ୍ରସାଦ ବରାଡ ସମସ୍ତ ଗୋବଂଶଙ୍କୁ ଟୀକା ଦେଇଥିଲେ। ଅନ୍ୟାନ୍ୟ ସହକାରୀ କର୍ମକର୍ତ୍ତା ସମୀର ଓ ଶୁକଦେବ ଗୋବଂଶଙ୍କୁ ଟୀକା ଦିଆଯାଇଥିବା ଗୋବଂଶର କାନ ନୋଳି ନମ୍ବର ଓ ରେକର୍ଡ ଉଲ୍ଲେଖ କରିଥିଲେ। ଲକ୍ଷ୍ମୀନାରାୟଣ ଗୋଶାଳାର ଉପସଭାପତି ଟୁକୁଲା ପ୍ରଧାନ ଓ ସୁନିଲ ଦାସ ସହ ଅନ୍ୟ ଗୋଶାଳାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଟୀକାକରଣ ପର୍ଯ୍ୟାୟ କ୍ରମେ ବାଲିମେଳା ବିଜ୍ଞାପିତ ଅଂଚଳ ପରିଷଦର ସମସ୍ତ ୱାର୍ଡରେ ଚାଲିବ ବୋଲି ଚିକିତ୍ସା ଅଧିକାରୀ ଡା. ଖଟୁଆ କହିଛନ୍ତି। ଏହି ଜନସାଧାରଣ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଡାକ୍ତର ଖଟୁଆ ଅନୁରୋଧ କରିଛନ୍ତି।

## ବସ୍‌ରୁ ୧୧ କେଜି ୭୦୦ ଗ୍ରାମ ଗଂଜେଇ ଜବତ

ଭବାନୀପାଟଣା,୩୦/୦୩ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବସଷ୍ଟାଣ୍ଡରେ ବାଲିଗୁଡ଼ାରୁ - କେସିଙ୍ଗା ଯାଉଥିବା ଲିଜା ନାମକ ଯାତ୍ରୀବାହୀ ବସ ନଂ ଓଡ଼ି୧୨ଇ- ୧୯୧୯ ରୁ ଗଂଜେଇ ଜବତ କରିଛି ଅବକାରୀ ବିଭାଗ। ଏକ ବ୍ୟାଗ ରେ ୧୩ ଗୋଟି ପୁଡା ଗଂଜେଇ ଯାହାକି ୧୧ କେଜି ୭୦୦ ଗ୍ରାମ ହେବ। ମ.ରାମପୁର ଅଫିସ ର ଇନଚାର୍ଜ ଏଏସଆଇ ପି- ବିଶ୍ୱେଶ୍ୱର ରାଓ. ଏଏସଆଇ ଶ୍ରୀମତୀ ବିନୋଦିନୀ ମହାଲିଙ୍ଗ ଓ କନେଷ୍ଟବଳ ସିଆରି ହରିଜନ ଓ ରବି ନାଗ, ନର୍ଲା ଅବକାରୀ ବିଭାଗ କର୍ମଚାରୀ ଏହି ଚଢଉରେ ସହଯୋଗ କରିଥିଲେ। ଅଭିଯୁକ୍ତ ଧରା ପଡ଼ିନଥିଲେ ହେଁ ଗାଡିଷ୍ଟାଫଙ୍କୁ ପଚରା ଉଚରା କରି ତାଙ୍କ ଦସ୍ତଖତ କରେଇ ଅଫିସକୁ ଉକ୍ତ ଜବତ ଗଂଜେଇ ଆଣିଥିଲେ। ଅନ୍ୟପଟେ ମ.ରାମପୁର ବ୍ଲକର କୁବେର ଗ୍ରାମରେ ଦେଶୀ ଖୋଲା ମଦ ୧୧ ଲିଟର ଜବତ କରିଥିଲେ। ଯାହାର କେଶ ନମ୍ବର ୧୬୭ ରେ ରୁଜୁ କରି ପଠା ଯାଇଥଲା। ତେବେ ଏ ଦିଗରେ ବିଭାଗ କେତେ ପଦକ୍ଷେପ ଗ୍ରହଣ କରୁଛି ତାହା ଦେଖିବାର କଥା।

# ଏନ୍‌ଆରଇଜିଏସ୍ କାମ କରୁଛି ମେସିନ: ଜବ କାର୍ଡଧାରୀ ସାଜୁଛନ୍ତି ଦାଦନ

ସାଲେପୁର,୩୦/୦୩ (ନି.ପ୍ର): ରାଜ୍ୟଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ଗ୍ରାମାଂଚଳର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ଅର୍ଥ ବଳରେ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ଗ୍ରାମାଂଚଳରେ ଥିବା ଜବ୍ କାର୍ଡଧାରୀମାନଙ୍କୁ ୧୦୦ ଦିନର କାମ ଦେବା ପାଇଁ ସରକାର ବାରମ୍ବାର ଘୋଷଣା କରୁଥିଲେ ମଧ୍ୟ ନିଶ୍ଚିନ୍ତକୋଇଲି ବ୍ଲକରେ ଜବ୍ କାର୍ଡ ହିତାଧିକାରୀ କାମ ପାଉନଥିବା ଅଭିଯୋଗ ହୋଇଛି। ୪୧ ଟି ପଚାଂୟତକୁ ନେଇ ନିଶ୍ଚିନ୍ତକୋଇଲି ବ୍ଲକରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ ଜବ୍ କାର୍ଡ ହିତାଧିକାରୀ ଥିଲେ ବି ମାତ୍ର ୨/୩ ହଜାର ହିତାଧିକାରୀ କାମ ପାଉଥିଲା ବେଳେ ଅବଶିଷ୍ଟ ହିତାଧିକାରୀ କାମ ନ ପାଇ ଦାଦନ ଖଟିବାକୁ ଯାଉଥିବା ଦେଖାଦେଇଛି। ନିଶ୍ଚିନ୍ତକୋଇଲି ବ୍ଲକରେ ୨୦୨୧ - ୨୨ ଆର୍ଥିକ ବର୍ଷରେ ପ୍ରତି ପଚାଂୟତରେ ଲକ୍ଷାଧିକ ଟଙ୍କାର କାମ ଯଥା ପାର୍କ ନିର୍ମାଣ, ମୋ ପୋଖରୀ, ପଂଚାୟତ ପୋଖରୀ, ଢଳେଇ ରାସ୍ତା ଏପରିକି ନୂତନ ଗୃହ ନିର୍ମାଣ କାର୍ଯ୍ୟରେ ଜବ୍ କାର୍ଡଧାରୀଙ୍କୁ ଅଗ୍ରାଧିକାର ଦିଆଯିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଥିଲା ବେଳେ ନିଶ୍ଚିନ୍ତକୋଇଲି ବ୍ଲକରେ ତାହା କାର୍ଯ୍ୟକାରୀ ହେଉନାହିଁ। ପୋଖରୀ ଖୋଳାଯିବା ଜାଗାରେ ମେସିନ ଦ୍ୱାରା ପୋଖରୀ ଖୋଳାଯିବା ଏବଂ ରାସ୍ତାଘାଟ କାମ ମଧ୍ୟ ଅନୁରୂପ ହେବା ଦ୍ୱାରା ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ବହୁ ଜବ୍କାର୍ଡଧାରୀ କାମ ନ ପାଇଁ ପଚାଂୟତରୁ ନିରାଶ ହୋଇ ନିଶ୍ଚିନ୍ତକୋଇଲି ବ୍ଲକ ଏନ ଆର ଇ ଜି ଏସ୍ ଦାୟିତ୍ୱରେ ଥିବା ଏପିଇଓ, ବିଡିଓଙ୍କୁ ଭେଟି ଗୁହାରୀ କଲେ ବି କୌଣସି ସୁଫଳ ମିଳୁନଥିବା ଜବ୍ କାର୍ଡ ହିତାଧିକାରୀ ଆମ ପ୍ରତିନିଧିଙ୍କୁ କହିଛନ୍ତି। ସୂଚନାଯୋଗ୍ୟ ଯେ ଜବ୍କାର୍ଡକୁ ଆଳ କରି ୨୦୨୧-୨୨ ଆର୍ଥିକ ବର୍ଷରେ ନିଶ୍ଚିନ୍ତକୋଇଲି ବ୍ଲକର ପ୍ରତି ପଚାଂୟତରେ ୨ ହଜାରରୁ ଉର୍ଦ୍ଧ ଗୁଆଗଛ ଦିଆଯାଇଥିଲା ବେଳେ ସେହି ଗୁଆଗଛ ଗୁଡିକର ରକ୍ଷଣାବେକ୍ଷଣ ଅଭାବରୁ ସ୍ଥାନେ ସ୍ଥାନେ ମରିଯାଇଥିବା ନୂତନ ସରପଂଚମାନେ ବିଡିଓଙ୍କଠାରେ ଅଭିଯୋଗ କରିଛନ୍ତି। ଜବ୍ କାର୍ଡ ହିତାଧିକାରୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଗଲେ ସରକାରଙ୍କ ଯୋଜନା ସଫଳ ହୋଇପାରନ୍ତା ବୋଲି ନବ ନିର୍ବାଚିତ ସରପଂଚ ମତ ଦେଇଛନ୍ତି।

# ରକ୍ଷଣାବେକ୍ଷଣର ଅଭାବ, ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସୃଷ୍ଟି ହୋଇଥିବା ଜଙ୍ଗଲ ଏବେ ନଷ୍ଟ ହେବାକୁ ବସିଛି

ସାଲେପୁର,୩୦/୦୩ (ନି.ପ୍ର): ବୃକ୍ଷ ହିଁ ଜୀବନ। ଗଛଟିଏ ଲଗାଇ ପ୍ରତ୍ୟେକ ବ୍ୟକ୍ତି ସମାଜ ପାଇଁ ଗଛକୁ ଲାଳନ ପାଳନ କରି ବଡ କରିପାରିଲେ ମଣିଷର ଜୀବନ ସାର୍ଥକ ହୋଇଥାଏ। ଏହି ଗଛ ଦ୍ୱାରା ସମାଜରେ ବାସ କରୁଥିବା ମଣିଷଙ୍କଠାରୁ ଆରମ୍ଭ କରି ଜୀବଜନ୍ତୁ ମଧ୍ୟ ଉପକୃତ ହୋଇଥାଆନ୍ତି। ଆଜିର ଦୁନିଆରେ ଏହି ମଣିଷମାନେ ଗଛଟିଏ ଲଗାଇବା ବଦଳରେ ଗଛକୁ କାଟି ପରିବେଶକୁ ନଷ୍ଟ କରିବା ଦ୍ୱାରା ନିଜର କ୍ଷତି କରିବା ସହିତ ପରିବେଶକୁ ମଧ୍ୟ ବିପଥଗାମୀ କରୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ନିଶ୍ଚିନ୍ତକୋଇଲି ବ୍ଲକର ନଗସପୁର ପଚାଂୟତ ୧୧ ନଂ ୱାର୍ଡ ମହାନଦୀର ବାମପାର୍ଶ୍ୱର୍ରେ ଅବସ୍ଥିତ। ଏହି ଅଂଚଳରେ ପ୍ରାୟ ୩୦୦ ଏକ ଜମିରେ ରାଜ୍ୟ ଜଙ୍ଗଲ ବିଭାଗ ଓ ପଂଚାୟତର ମିଳିତ ଉଦ୍ୟମରେ ୨ ରୁ ୨.୫ ଲକ୍ଷ ଗଛ ଯଥା ଆକାଶୀ, ଶିଶୁ, ଅର୍ଜୁନ, ବିଲାତି ଚାଖୁଣ୍ଡା, ଫାଶି ଗଛ ଲଗାଯାଇଛି। ଏହି ଗଛ ବଡ ହେବା ଦ୍ୱାରା ପରିବେଶ ସୁସ୍ଥ ସୁନ୍ଦର ବାତାବରଣ ସୃଷ୍ଟି କରିଛି। ହେଲେ ଏହି ଅଂଚଳ ଜନଶୂନ୍ୟ ଅଂଚଳ ହୋଇଥିବାରୁ ଆଖପାଖ ଅଂଚଳର ଅସାଧୁ ଲୋକମାନେ ଗଛଗୁଡିକ କାଟି ନେଇଯାଉଛନ୍ତି। ଯେଉଁ ଜଙ୍ଗଲ ଦେଇ ଲୋକମାନେ ଗଲାବେଳେ ଯେଉଁଗଛର ଛାୟିରେ ଆନନ୍ଦ ଅନୁଭବ କରୁଥିଲେ ସେହିବାଟରେ ଏବେ ଗଛ କଟାଳିଙ୍କ ପାର୍ଦୁଭାବରେ ଯିବା ପାଇଁ ଲୋକ ଡରୁଥିବା ନଜିର ରହିଛି। ସରକାର ଓ ପଚାଂୟତ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଜଙ୍ଗଲ ସୃଷ୍ଟି କରାଯାଇଥିଲା ବେଳେ ତାହା ନିର୍ଦ୍ଦିଷ୍ଟ କେତେକ ବ୍ୟକ୍ତି ଚୋରୀ କରି ନେଉଥିବାରୁ ପଚାଂୟତ କିମ୍ବା ଜଙ୍ଗଲ ବିଭାଗ ପକ୍ଷରୁ ଏହାର ରକ୍ଷଣା ବେକ୍ଷଣ ପାଇଁ ସୁବନ୍ଦୋବସ୍ତ କରାଯିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଓଡିଶା ଦିବସ ପାଳନ ଅବସରରେ ବକ୍ତୃତା ଓ ଉତ୍କଳ ବନ୍ଦନା ପ୍ରତିଯୋଗିତା

ବଲାଙ୍ଗୀର,୩୦/୦୩ (ନି.ପ୍ର): ଆଗାମୀ ଏପ୍ରିଲ ୧ ତାରିଖରେ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ପାଳନ ଉପଲକ୍ଷେ ବକ୍ତୃତା ଓ ଉତ୍କଳ ବନ୍ଦନା ପ୍ରତିଯୋଗିତା ସ୍ଥାନୀୟ ଗାନ୍ଧୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ବକ୍ତୃତାରେ ପ୍ରତିଶ୍ରୁତି ନାୟକ ପ୍ରଥମ, ସାତ୍ତ୍ୱିକ ଶେଖର ମିଶ୍ର ଦ୍ୱିତୀୟ, ଓମ୍ ଅମୃତ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଉତ୍କଳ ବନ୍ଦନା ପ୍ରତିଯୋଗିତାରେ ଆଭା ଅଭିନନ୍ଦା ଖଣ୍ଡୁଆଳ ପ୍ରଥମ, ସୁଶ୍ରୀ ସମ୍ପୂର୍ଣ୍ଣା ଆଗସ୍ତି ଦ୍ୱିତୀୟ, ସୋମ୍ୟା ରାଣୀ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବକ୍ତୃତା ପ୍ରତିଯୋଗୀତାରେ ସନାତନ ଠାକୁର ଭାଗୀରଥୀ ମିଶ୍ର ଓ ଆନନ୍ଦ ଚନ୍ଦ୍ର ସାହୁ ବିଚାରକ ରୂପେ ଯୋଗଦେଇ ଥିବା ବେଳେ ଉତ୍କଳ ବନ୍ଦନାରେ ମୁରଲୀ ଧାରୀ ପତି ଓ କାଳୀ ପ୍ରାସାଦ ଷଡଙ୍ଗୀ ବିଚାରକ ଥିଲେ। ଏପ୍ରିଲ ଏକ ତାରିଖ ସନ୍ଧ୍ୟାରେ ପୃଥିବୀ ରାଜ ହାଇସ୍କୁଲ ସ୍ଥିତ ମଣ୍ଡପରେ କାର୍ଯକ୍ରମ ଅନୁଷ୍ଠିତ ହେବ। ଓଡିଶା ଦିବସ ପାଳନ ଉପଲକ୍ଷେ ସେଠାରେ ସାଧାରଣ ସଭା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସହିତ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଚୟନ କରାଯାଇଥିବା ୧୨ ଗୋଟି ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ବନ୍ଦେ ଉତ୍କଳ ଜନନୀ ଓଡ଼ିସା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ମନୋନୀତ କାର୍ଯ୍ୟକ୍ରମ ସଂଯୋଜକ ସ୍ୱର ଝାଙ୍କର ବଲାଙ୍ଗିର ଦ୍ୱାରା ପରିବେଷଣ କରାଯିବ। ଜିଲ୍ଲା ସ୍ତରୀୟ ଓଡିଶା ଦିବସ ପାଳନ ଉପଲକ୍ଷେ ପୂର୍ବାହ୍ନ ୮ ଟା ସମୟରେ ସହର ରେ ଥିବା ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବ।

# ଜିଲ୍ଲା ସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ବୈଠକ

ମାଲକାନଗିରି,୩୦/୦୩ (ନି.ପ୍ର): ମାଲକାନଗିରି ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ପକ୍ଷରୁ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ବିଶାଳ ସିଂ, ସମ୍ମାନିତ ଅତିଥି ରୂପେ ପିଡି ଡିଆରଡିଏ ବାଳମୁକୁନ୍ଦ ଭୂୟାଁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦ ଉପସ୍ଥିତ ଥିଲେ। ଜିଲାରେ ଆଶାକର୍ମୀମାନଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ଅତିଥିମାନେ ପ୍ରକାଶ କରିଥିଲେ। କରୋନା ମହାମାରୀ ସମୟରେ ଏହାର ମୁକାବିଲା କରିବା, ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ବଂଟନ ସମୟରେ ସେମାନଙ୍କ ସହଯୋଗ, ଗର୍ଭବତୀ ବୈଠକରେ ଉପସ୍ଥିତ କ୍ଷେତ୍ରରେ ଆଶାକର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମା'ମାନଙ୍କୁ ସଠିକ୍ ସମୟରେ ସଠିକ୍ ଟିକା ଦେବା, ମ୍ୟାଲେରିଆ ଦୂରିକରଣ ପାଇଁ ସଚେତନତା ଭଳି କାର୍ଯ୍ୟରେ ଆଶାକର୍ମୀଙ୍କ ଭୂମିକା ବେଶ୍ ଉଲ୍ଲେଖନୀୟ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଜିଲାର ୩ ଜଣ ଆଶାକର୍ମୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଦେବା ସହ ଆଉ ୮ଜଣ ଆଶାକର୍ମୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ୩ଟି ପଚାଂୟତକୁ ସ୍ୱଚ୍ଛ ପଚାଂୟତ ରୂପେ ପୁରସ୍କୃତ କରାଯାଇଥିଲା। ୩ ଶହରୁ ଉର୍ଦ୍ଧ ଆଶାକର୍ମୀ ଯୋଗ ଦେଇଥିଲେ।

## ନବ ନିର୍ବାଚିତ କଂଗ୍ରେସ କାଉନସିଲରଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୩୦/୦୩ (ନି.ପ୍ର): କେନ୍ଦ୍ରାପଡା ପୌର ନିର୍ବାଚନରେ ବିଜୟୀ ହୋଇଥିବା କଂଗ୍ରେସ କାଉନସିଲର ମାନଙ୍କୁ ସମର୍ଦ୍ଧନା ଦିଆଯାଇଛି। ଗରାପୁର ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ମନ୍ତ୍ରୀ ତଥା ପିସିସି ଉପ ସଭାପତି ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାସହ ପୌରାଂଚଳରେ କଂଗ୍ରେସ ସଂଗଠନକୁ ଅଧିକ ସୁଦୃଢ କରି ପୌର ଜନସାଧାରଣଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ଦିଗରେ କାର୍ଯ୍ୟପନ୍ଥା ବଜାୟ ରଖିବାସହ ରାଜନୈତିକ କାର୍ଯ୍ୟକଳାପ ଜାରି ରହିବ ବୋଲି ଆହ୍ୱାନ ଦିଆଯାଇଛି। ଗତ ପୌର ନିର୍ବାଚନରେ କଂଗ୍ରେସ ପକ୍ଷରୁ ୨୧ଟି ୱାର୍ଡରେ ପ୍ରାର୍ଥୀ ଦିଆଯାଇ ଥିବାବେଳେ ସେମାନଙ୍କ ମଧ୍ୟରୁ ୫ଜଣ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେମାନେ ହେଲେ ୩ନଂ ୱାର୍ଡର ତୁଳସୀ ହେମ୍ବ୍ରମ୍, ୭ନଂ ୱାର୍ଡର ଜୟନ୍ତୀ ପାଣି, ୧୨ନଂ ୱାର୍ଡର ରିହାନା ଖାତୁନ, ୧୬ନଂ ୱାର୍ଡର ଫରଜନା ଖାତୁନ ଓ ୧୯ନଂ ୱାର୍ଡର ରମେଶ ଚନ୍ଦ୍ର ଦାସ। କାର୍ଯ୍ୟକ୍ରମରେ ନଗର ସଭାପତି ରାଜେଶ ମହାନ୍ତି, ଜିଲ୍ଲା ଉପ ସଭାପତି ସଂଜୟ ରାଉତ, ସୌମେନ୍ଦ୍ର ପୃଷ୍ଟି, ସମିନା ବେଗମ, କାଳୀପ୍ରସାଦ ପଣ୍ଡା, ହିବଜୁର ରହେମାନ ପ୍ରମୁଖ ଉପସ୍ଥିତ ଥିଲେ।

# ନଡିଆ ଚାଷ ସମ୍ବନ୍ଧୀୟ ତାଲିମ ଶିବିର

କେନ୍ଦ୍ରାପଡ଼ା,୩୦/୦୩ (ନି.ପ୍ର): ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଓ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଜୀବନ ଧାରଣ ମାନର ଉନ୍ନତି ପାଇଁ ସମ୍ମନିତ ନଡିଆ ଚାଷ ସମ୍ବନ୍ଧୀୟ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ଜିଲ୍ଲାର ୯ଟି ବ୍ଲକରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ନଡିଆ ଚାଷୀ ଅଂଶଗ୍ରହଣ କରି ତାଲିମ ଅର୍ଜନ କରିଥିଲେ। କୃଷି ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାପକ ଡ଼ଃ ଶରତ ଚନ୍ଦ୍ର ସାହୁ ଓ ଡ଼ଃ ଅଜିତ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୂର୍ଯ୍ୟ ନାରାୟଣ ମିଶ୍ର, ତାପସ ରଞ୍ଜନ ସାହୁ, ନମିତା ମହାପାତ୍ର, ପ୍ରଭଞ୍ଜନ ମିଶ୍ର, ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ହୋଇ ନଡିଆ ଚାଷ ସଂପର୍କରେ ଚାଷୀମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଚାରା ପ୍ରସ୍ତୁତି, ଗଛ ଲଗାଇବା ପ୍ରଣାଳୀ, ଗଛର ରକ୍ଷଣା ବେକ୍ଷଣ, ଅମଳ ପରବର୍ତ୍ତୀ ଯତ୍ନ ବିଷୟରେ ଆଲୋଚନା କରାଯାଇ ଥିଲା।

## ଟ୍ରାକ୍ଟର ସହିତ ଅର୍ଜୁନ ଓ ଜାଳ କାଠ ଜବତ: ୩ ଗିରଫ

ବଲାଙ୍ଗୀର,୩୦/୦୩ (ନି.ପ୍ର): ଗତକାଲି ରାତ୍ରିରେ ପେଟ୍ରୋଲିଂ ବେଳେ ବଲାଙ୍ଗୀର ରେଞ୍ଜ ବନ କର୍ମଚାରୀ ହାବୁଡରେ ଓ ଡି ୦୩ ବି ୮୦୭୫ ନମ୍ବର ବିହୀନ ମହେନ୍ଦ୍ରା ଟ୍ରାକ୍ଟର କଂଚା ଅର୍ଜୁନ ଗଣ୍ଡି ଓ ଜାଳ କାଠ ନେଇ ଯାଉଥିବା ବେଳେ ଧରା ପଡ଼ିଛି। ଗତକାଲି ରାତି ୧୦ ଟାରେ ଜାମ୍ ଝରନ ଗ୍ରାମ ପାଖରେ ଟ୍ରାକ୍ଟରକୁ ରେଞ୍ଜର କେଶବକୃଷ୍ଣ ନାୟକ, ବନପାଳ ବ୍ୟାସଦେବ ସାହୁ, ବନରକ୍ଷୀ ଅଶୋକ ସାହୁ, ରଞ୍ଜିତ କୁମ୍ଭାର ଓ ପାରା ଜଙ୍ଗଲ ସ୍କ୍ୱାର୍ଡ ଏହି କାଠ ଜବତ କରି ଡ୍ରାଇଭର ସମେତ ୩ ଜଣଙ୍କୁ ଗିରଫ କରିଥିଲେ। ବନ ସୁରକ୍ଷା ଦିଗରେ ବଲାଙ୍ଗିର ରେଞ୍ଜ ର ଏହି କାମକୁ ବିଭାଗ ପକ୍ଷରୁ ପ୍ରଶଂସା କରାଯାଇଛି।

# ପୁଅର ବୃକକ୍ ଚିକିତ୍ସା କରି କରି ମା' ବାପା ସର୍ବସ୍ୱାନ୍ତ: ସରକାରୀ ସହାୟତାକୁ ଅପେକ୍ଷା



ଲଖନପୁର,୩୦/୦୩ (ନି.ପ୍ର): ଲଖନପୁର ବ୍ଲକର ସଦର ପଞ୍ଚାୟତ ଭଇଁସାମୁଣ୍ଡା ଗାଁର ଆଦିବାସୀ ସମ୍ପ୍ରଦାୟର ଗରିବ ଦମ୍ପତି ଟାଳେଶ୍ୱର ଭୋଇ ଓ ଲକ୍ଷ୍ମୀପ୍ରିୟା ଭୋଇ। ଜମିବାଡ଼ି କିଛି ନାହିଁ। ପତିପତ୍ନୀ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ଚଳାନ୍ତି। ସେମାନଙ୍କ ଦୁଇ ପୁଅ। ବଡ଼ ପୁଅ ସଞ୍ଜୟକୁ ୧୪ ବର୍ଷ ଓ ସାନ ପୁଅ ସୁଶାକାନ୍ତକୁ ୧୨ ବର୍ଷ। ଉଭୟେ ଲଖନପୁର ପଞ୍ଚାୟତ ହାଇସ୍କୁଲ ଛାତ୍ର। ୨୦୧୫ ପର୍ଯ୍ୟନ୍ତ ସବୁ ପରିସ୍ଥିତି ଠିକ ଥିଲା। ହେଲେ ସାନ ପୁଅ ସୁଶାକାନ୍ତକୁ ୫ ବର୍ଷ ହେଲା ପରେ ହଠାତ ତାର ଆଖି, ଦେହ ଓ ଗୋଡ଼ ହାତ ଫୁଲିବାକୁ ଲାଗିଲା। ଏହା ଦେଖି ମା' ବାପା ବିବ୍ରତ ହୋଇ ପୁଅ ସୁଶାକାନ୍ତକୁ ୨୦୧୫ ମେ ୧୮ ତାରିଖରେ ବୁର୍ଲା ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କଲେ। ସେଠି ଡାକ୍ତରମାନେ ସୁଶାକାନ୍ତର ବିଭିନ୍ନ ପରୀକ୍ଷା କଲା ପରେ ତାକୁ ନେଫ୍ରୋଟିକ ସିଣ୍ଡ୍ରୋମ ନାମକ ଏକ ରୋଗ ହୋଇଥିବା ଜାଣିବାକୁ ପାଇଥିଲେ। ଏହି ରୋଗ ଯୋଗୁଁ ସୁଶାକାନ୍ତର ଦୁଇଟି ଯାକ ବୃକକ୍ ଫୁଲି ଯାଇଥିବାରୁ ତିନି ମାସ ପାଇଁ ବିଭିନ୍ନ ଔଷଧ ଦେଇଥିଲେ। ଏହି ଔଷଧ ବ୍ୟବହାର ପରେ ସୁଶାକାନ୍ତର ଶାରୀରିକ ସ୍ଥିତି ବର୍ଷକ ପାଇଁ ଠିକ ଥିଲା।

ତେବେ ପୁଣି ବର୍ଷେ ପରେ ସୁଶାକାନ୍ତର ଆଖି, ଦେହ ଓ ଗୋଡ଼ ହାତ ଫୁଲିବାରୁ ପୁଅକୁ ତିନି ବର୍ଷ ଧରି ଲଖନପୁର ସ୍ୱାସ୍ଥ୍ୟ କେନ୍ଦ୍ରର ତତ୍କାଳୀନ ଶିଶୁ ରୋଗ ବିଶେଷଜ୍ଞଙ୍କୁ ଦେଖାଇ ତାଙ୍କ ପରାମର୍ଶ କ୍ରମେ ପ୍ରତି ମାସରେ ଔଷଧ କିଣି ମା ବାପା ପୁଅର ଚିକିତ୍ସା କରିଥିଲେ। ଆର୍ଥିକ ଅବସ୍ଥା ମଧ୍ୟରେ ରୋଗୀଣା ପୁଅର ଚିକିତ୍ସା କରି କରି ୫ ବର୍ଷ ଧରି ଲଖନପୁର ଓ ବୁର୍ଲା ଭିତରେ ଘାଣ୍ଟି ହୋଇ ମା ବାପା ନୟାନ୍ତ ହେବା ପରେ ମଧ୍ୟ ପୁଅ ସୁଶାକାନ୍ତର ଶାରୀରିକ ସ୍ଥିତିରେ ବିଶେଷ ଉନ୍ନତି ନ ହେବାରୁ ଶେଷରେ ବାଧ ହୋଇ ଭୁବନେଶ୍ୱର ସମ ହସ୍ପିଟାଲରେ ୨୦୨୨ ମସିହା ଜାନୁଆରି ୧୭ ତାରିଖରେ ଭର୍ତ୍ତି କରିଥିଲେ। ଗତ ଫେବ୍ରୁଆରି ୧ ତାରିଖରେ ଥରେ ଓ ମାର୍ଚ୍ଚ ମାସ ୮ ତାରିଖରେ ଥରେ ଭୁବନେଶ୍ୱର ସମ ହସ୍ପିଟାଲରେ ପୁଅକୁ ଭର୍ତ୍ତି କରି ଚିକିତ୍ସା କରଥିଲେ। ତେବେ ଠିକାର ଡାକ୍ତରଙ୍କ ଔଷଧ ଖାଇବାରୁ ବର୍ତ୍ତମାନ ରୋଗୀଣା ପୁଅ ସୁଶାକାନ୍ତର ଶାରୀରିକ ସ୍ଥିତି ସ୍ଥିର ଥିବା ମା ବାପା କହିଛନ୍ତି। ହେଲେ ପୁଅର ଔଷଧ ପାଇଁ ମାସକୁ ୫ ହଜାର ଟଙ୍କା ଆବଶ୍ୟକ ପଡୁଥିବା ଏବଂ ଚିକିତ୍ସା ପାଇଁ ନେବା ଆଣିବାରେ ମଧ୍ୟ ଅନ୍ୟାନ୍ୟ ଖର୍ଚ୍ଚ ହେଉଛି। ଗତ ୭ ବର୍ଷରେ ପୁଅର ଚିକିତ୍ସା ପାଇଁ ପ୍ରାୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ପାଇ ନଥିବା ମା' ଲକ୍ଷ୍ମୀପ୍ରିୟା କହିଛନ୍ତି। ପୁଅ ଏବେ ଷଷ୍ଠ ଶ୍ରେଣୀରେ ପଢୁଛି, ପ୍ରତିଦିନ ଔଷଧ ନ ଖାଇଲେ ସ୍ୱାସ୍ଥ୍ୟ ବିଗିଡ଼ିବ ଏବଂ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ। ରୋଗୀଣା ପୁଅର ଚିକିତ୍ସା ପାଇଁ ଆମେ ସର୍ବସ୍ୱାନ୍ତ। ଆଗକୁ ସରକାରୀ ସହାୟତା ବିନା ପୁଅର ଚିକିତ୍ସା ଆମ ପାଇଁ ଅସମ୍ଭବ ବୋଲି କୋହଭରା ଆଖିରେ ମା ଲକ୍ଷ୍ମୀପ୍ରିୟା କହିଛନ୍ତି। ପୁଅ ସୁଶାକାନ୍ତର ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବାକୁ ମା' ବାପା ଆକୁଳ ନିବେଦନ କରିଛନ୍ତି।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ପାଳିତ

ଜୟପୁର,୩୦/୦୩ (ନି.ପ୍ର): ବିଭିନ୍ନ ଅନୁଷ୍ଠାନ ତରଫରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ପାଳିତ ହୋଇଛି। ମୁଖ୍ୟ ରାସ୍ତାରେ ଥିବା କୋଭିଡ ହସପିଟାଲ ସମ୍ମୁଖରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୁର୍ତ୍ତି ନିକଟରେ ବଳିଦାନ ଦିବ ପାଳନ କରାଯାଇଛି। ଜୟପୁର ଉପଖଣ୍ଡ ପ୍ରସାଦ ତରଫରୁ ଉପ ଜିଲାପାଳ ବେଦ ବର ପ୍ରଧାନ ମୁଖ୍ୟ ଅତିଥିରୁପେ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୁର୍ତ୍ତିରୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସମିତି ତରଫରୁ ବଳିଦାନ ଦିବସ ପାଳନ କରାଯାଇଛି। ସମିତି ତରଫରୁ ମଦନ ମୋହନ ନାୟକ, ସୋନୁ ମାଝୀ, ମାଧବ ଚୈଧୁରୀ, ହରିଶ ମୁଦୁଲି, ଗୌରବ ଭତ୍ରା, ଭେଙ୍କଟ ରାଓ ପଟ୍ଟନାୟକ, ରାଜେନ୍ଦ୍ର ଗୌଡ, ବାଲା ରାୟ, ଦେବେନ୍ଦ୍ର ବାହିନିପତି, ବିନୋଦ ମହାପାତ୍ର ସରୋଜ ଦାସ, ପ୍ରମୁଖ ଉପସ୍ଥିତ ରହି ପୁଷ୍ପମଲ୍ୟ ଅର୍ପଣ କରି ବଳିଦାନ ଦିବସ ପାଳନ କରିଥିଲେ। ସେହିପରି ଆଶୁତୋଷ ମେମୋରିଆଲ ଟ୍ରଷ୍ଟ ତରଫରୁ ମଧ୍ୟ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୁର୍ତ୍ତି ନିକଟରେ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି। ଜୟପୁର ପୌରପରିଷଦର ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୁର୍ତ୍ତି ନିକଟରେ ପହଂଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଓଡିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦୁଝର,୩୦/୦୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୮୭ ତମ ଓଡିଶା ଦିବସ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରିବା ପାଇଁ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧକ୍ଷତାରେ ୨୯ ତାରିଖ ମଙ୍ଗଳବାର ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ମିନିକନ୍‌ଫରେନ୍ସ ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଠାକରେ ଉଦ୍‌ବୋଧନ ଦେଇ ଆଗାମୀ ଓଡିଶା ଦିବସକୁ ଉତ୍ସାହ, ଉଦ୍ଦୀପନା ଓ ଉତ୍କଳୀୟ ଭାବନା ସହ ମହାସମାରୋହରେ ପାଳନ କରିବା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଉପଖଣ୍ଡ ପୋଲିସ ଅଧିକାରୀ ପି.ଜେ. ଟପୋ, କେନ୍ଦୁଝରଗଡ ପୈରପାଳିକାର ର୍ନିବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ, ଏଡି.ପି .ଏଚ. ଓ. ଡାଃ ରମାକାନ୍ତ ମୁଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱନୀ ରାଉତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର ସଂଜୀବ ବାରିକ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରିବା ସହ କାର୍ଯ୍ୟକ୍ରମର ରୂପରେଖ ସଂପର୍କରେ ଆଲୋକପାତ କରିଥିଲେ ଏବଂ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରିଥିଲେ। ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ଚଳିତ ମାର୍ଚ୍ଚ ୨୮ ତାରିଖ ଦିନ ଉଚ୍ଚବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୃତୀ ପ୍ରତିଯୋଗୀମାନଙ୍କୁ ଓଡିଶା ଦିବସ ପାଳନ ଅବସରରେ ଏପ୍ରିଲ୍ ୦୧ ତାରିଖ ଦିନ ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ଭବନଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସମାରୋହରେ ପୁରସ୍କୃତ କରାଯିବ।

## ଅଣ୍ଡା ସହ ଏହି ସବୁ ଖାଦ୍ୟ ମିଶାଇ ଖାଇଲେ ସହଜରେ ହ୍ରାସ ପାଏ ଓଜନ



ଅଣ୍ଡା ଆମ ଶରୀର ପାଇଁ ଖୁବ୍ ଉପକାରୀ। ଅଣ୍ଡାକୁ ପ୍ରୋଟିନ୍‌ର ରାଜା ବୋଲି ମଧ୍ୟ କୁହାଯାଏ। ମିନେରାଲ୍, ଭିଟାମିନ୍ ଓ ପ୍ରୋଟିନ୍‌ରେ ଭରପୂର ଏହି ଅଣ୍ଡାକୁ ଓଜନ ହ୍ରାସ ଡାଏଟ୍‌ରେ ମଧ୍ୟ ସାମିଲ୍ କରିପାରିବେ। ତେବେ ଖାଲି ଅଣ୍ଡା ଖାଇଲେ ଆପଣଙ୍କ ଓଜନ ହ୍ରାସ ହେବ ନାହିଁ, ବରଂ ଏପରି କିଛି ଖାଦ୍ୟ ରହିଛି ଯାହା ସହ ଅଣ୍ଡା ଖାଇବା ଦ୍ୱାରା ଅତିରିକ୍ତ ଚର୍ବି ହ୍ରାସ ପାଇଥାଏ। ତେବେ ଚାଲନ୍ତୁ ଜାଣିବା ଅଣ୍ଡା ସହ କେଉଁ ସବୁ ଖାଦ୍ୟ ଖାଇଲେ ଓଜନ ନିୟନ୍ତ୍ରଣରେ ରହେ।

ଅଣ୍ଡା ଓ ପାଳଙ୍ଗ: ଅଣ୍ଡା ସହ ପାଳଙ୍ଗ ଖାଇଲେ ଖୁବ୍ ଶୀଘ୍ର ଓଜନ ହ୍ରାସ ହେବାରେ ଲାଗିଥାଏ। ୧ କପ୍ ପାଳଙ୍ଗରେ ୭ କ୍ୟାଲୋରି ଓ ଗୁଡ଼ାଏ ନ୍ୟୁଟ୍ରିଏଣ୍ଟ୍ସ ରହିଛି। ଅଣ୍ଡା ସହ ପାଳଙ୍ଗକୁ ମିଶାଇ ଖାଇଲେ ଯେଉଁ କ୍ୟାଲୋରି ମିଳିଥାଏ, ତାହା ପ୍ରାୟ ନମିଳିବା ସହ ସମାନ।

ଅଣ୍ଡା ଏବଂ ନଡ଼ିଆ ତେଲ: ଅନ୍ୟ କୌଣସି ପ୍ରକାରର ତେଲ କିମ୍ବା ଲହୁଣୀ ଖାଇଲେ ଆମ ଶରୀରରେ କ୍ୟାଲୋରି ଖୁବ୍ ଶୀଘ୍ର ବଢ଼ିଯାଏ। ଏଥିପାଇଁ ଆପଣ ଅଣ୍ଡାକୁ ନଡ଼ିଆ ତେଲରେ ଓମ୍ଲେଟ୍ କରିକି ଖାଇଲେ ସେ ସମସ୍ୟାରୁ ମୁକ୍ତି ପାଇବେ। କାହିଁକି ନା, ନଡ଼ିଆ ତେଲ ମେଟାବଲିଜିମ୍‌କୁ ପ୍ରାୟ ୫ ପ୍ରତିଶତ ବଢ଼ାଇକି ଓଜନ କମାଇବାରେ ସହାୟ ହୋଇଥାଏ।

ଅଣ୍ଡା ଏବଂ ଯଅ: ଯଅ ସହ ଅଣ୍ଡା ମିଶାଇକି ଖାଇଲେ ପେଟ ଚର୍ବିକୁ ସହଜରେ କମ୍ କରାଯାଇପାରିବ। ଅଣ୍ଡା ସହ ଯଅ ଖାଇବା ଦ୍ୱାରା ମଧ୍ୟ ଶରୀରରେ ମେଟାବଲିଜିମ୍ ସୃଷ୍ଟି ହୋଇଥାଏ, ଯାହାକି ଓଜନ ହ୍ରାସ କରିଥାଏ।

## ବୃଦ୍ଧାବସ୍ଥା ଶୀଘ୍ର ଅନୁଭବ କରନ୍ତି ଭାରତୀୟ

ଭାରତରେ ବାସ କରୁଥିବା ଲୋକେ ଜାପାନ ଏବଂ ସ୍ୱିଜରଲ୍ୟାଣ୍ଡବାସୀଙ୍କ ତୁଳନାରେ ଶୀଘ୍ର ଏବଂ ଅଧିକ ବୟସ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାକୁ ଅନୁଭବ କରିଥାନ୍ତି। ଏହାସହ ବୃଦ୍ଧାବସ୍ଥା ପୂର୍ବରୁ ହିଁ ସେମାନେ ନକାରାତ୍ମକ ପ୍ରଭାବର ସମ୍ମୁଖୀନ ହୋଇଥାନ୍ତି। ଏହା ବାର୍ଦ୍ଧକ୍ୟଜନିତ ସମସ୍ୟାକୁ ନେଇ ପ୍ରଥମ ବୈଜ୍ଞାନିକ ଗବେଷଣା। ଦି ଲାସେଣ୍ଟ ପବ୍ଲିକ୍ ହେଲଥରେ ପ୍ରକାଶିତ ଗବେଷଣା ଅନୁସାରେ, ଏହି ଦେଶରେ ସବୁଠୁ ଅଧିକ ଏବଂ ସୁବୁଠୁ କମ୍ ବୟସର ଲୋକଙ୍କ ମଧ୍ୟରେ ପ୍ରାୟ ୩୦ ପ୍ରତିଶତ ଫରକ୍ ଥାଏ। ଗବେଷକମାନେ ଜାଣିବାକୁ ପାଇଛନ୍ତି, ଆନୁମାନିକ ୬୫ ବର୍ଷ ବୟସର କୌଣସି ବ୍ୟକ୍ତିକୁ ହେଉଥିବା ବୟସ ସମ୍ବନ୍ଧୀୟ ରୋଗ ଜାପାନ ଏବଂ ସ୍ୱିଜରଲ୍ୟାଣ୍ଡରେ ୭୬ ବର୍ଷୀୟ ବ୍ୟକ୍ତିଙ୍କ ନିକଟରେ ଦେଖିବାକୁ ମିଳିଥାଏ। ବିଶ୍ଳେଷଣରୁ ଏହାମଧ ଜଣାପଡ଼ିଛି, ଭାରତରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ୬୦ ବର୍ଷ ଛୁଇଁବା ପୂର୍ବରୁ ହିଁ ଅନୁଭବ କରିସାରିଥାନ୍ତି। ଆମେରିକାର ୟୁନିଭର୍ସିଟି ଅଫ୍ ୱାଇଂଟନରେ ପୋଷ୍ଟଡକ୍ଟରାଲ ଗବେଷକ ଏଞ୍ଜେଲା ୱାଇ ଚାଙ୍ଗଙ୍କ ମତରେ,



ଭାରତୀୟଙ୍କ ମଧ୍ୟରେ ଏଭଳି ସମସ୍ୟା ଭୋଗିବାର ପ୍ରଥମ କାରଣ ସେମାନଙ୍କ ପରିବର୍ତ୍ତିତ ଜୀବନଶୈଳୀ ଏବଂ ଚାକିରି ସମସ୍ୟା। ଏମାନେ ଖୁବ୍ ଶୀଘ୍ର କୌଣସି ନା କୌଣସି କଥାକୁ ନେଇ ତୁରନ୍ତ ଚିନ୍ତିତ ହୋଇପଡ଼ନ୍ତି। କିଛି ରୋଗ ହୋଇଥାଉ କି ନହୋଇଥାଉ, ସେ ବିଷୟରେ ଚିନ୍ତା କରି କରି ରୋଗିଣା ହୋଇସାରିଥାନ୍ତି।

## ଘରୋଇ ଜିନିଷକୁ ନେଇ ସତର୍କତା

ଅଧିକାଂଶ ଲୋକେ ନିଜ ଘରର ଜିନିଷକୁ ନେଇ ବେଶ୍ ସଚେତନ ଥାନ୍ତି ହେଲେ କେତେଜଣ ମଧ୍ୟ ଘରେ ବ୍ୟବହୃତ ହେଉଥିବା ଜିନିଷର କୁପ୍ରଭାବ ଜାଣିଥାନ୍ତି। ଏକ ସର୍ବେକ୍ଷଣରୁ ଜଣାଡ଼ିଛି, କେତେପ୍ରକାର ଧୂପକାଠିରେ କାର୍ବନ ମନୋକ୍ସାଇଡ, ସଲଫର ଡାଇଅକ୍ସାଇଡ଼ ଭଳି ବିଷାକ୍ତ ଦ୍ରବ୍ୟ ବ୍ୟବହୃତ ହୋଇଥାଏ। ଏହିସବୁ କାରଣରୁ ଅନେକଙ୍କ ଶ୍ୱାସ ସଂକ୍ରମଣ ହେଉଥିବାର ଜଣାପଡ଼ିଛି। ରୁମ୍ ହିଟର ବ୍ୟବହୃତ କରୁଥିବା ଲୋକେ ବେଶ୍ ସତର୍କ ରହିବା ଉଚିତ। କାରଣ ଏହା କକ୍ଷରେ ଅମ୍ଳଜାନର ମାତ୍ରାକୁ ନିୟନ୍ତ୍ରଣ କରେ। ପୂରାରାତି ଏହି ଯନ୍ତ୍ରକୁ ଲଗାଇ ଶୋଇବା ହାନିକାରକ। ମହମବତୀର ବ୍ୟବହାର ଶୋଇବାବେଳେ ନକରିବା ଉଚିତ। ଏଥିରେ ମହଜୁଦ ଥିବା ବେଞ୍ଜିନ ପରି ବିଷାକ୍ତ ପଦାର୍ଥ ନିଶ୍ୱାସପ୍ରଶ୍ୱାସରେ ବାଧା ଉପୁଜ୍ନ କରେ। ଆଜିକାଲି ଏୟାର ଫ୍ରେଶନରର ବହୁଳ ବ୍ୟବହାର ହେଉଥିବାର ଦେଖାଯାଉଛି। ଏଥିରେ ଥିବା ତତ୍ତ୍ୱମାନ ହରମାନ ଅସମତୁଲତା ସହ ନିଶ୍ୱାସ ପ୍ରକ୍ରିୟାକୁ ପ୍ରଭାବିତ କରେ। ନିକଟରେ ହୋଇଥିବା ସର୍ବେକ୍ଷଣରୁ ପ୍ରକାଶିତ ଯେ କପଡ଼ାକୁ ଡ୍ରାଏ-କ୍ଲିନ୍ କରିବା ପାଇଁ ପରଫ୍ଲୋରୋଇଥିଲିନ ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଏ। ଏହା ଯକୃତ, ବୃକକ ତଥା ନର୍ଭସ ସିଷ୍ଟମକୁ ପ୍ରଭାବିତ କରେ।

## କ୍ଷତିକାରକ ବ୍ୟାକ୍ଟେରିଆକୁ ନଷ୍ଟକରେ ବ୍ରୋକଲି



ନିକଟରେ କରାଯାଇଥିବା ଏକ ଗବେଷଣା ଅନୁସାରେ ବ୍ରୋକଲିରେ ଏପରି ଏକ ତତ୍ତ୍ୱ ରହିଛି ଯାହା ବ୍ୟାକ୍ଟେରିଆକୁ ନଷ୍ଟ କରିଥାଏ। ଏହି ବ୍ୟାକ୍ଟେରିଆ ପେଟରେ କ୍ୟାନ୍ସର ସୃଷ୍ଟି କରିଥାଏ। ପେଟରେ କ୍ୟାନ୍ସରର ଏକ କାରଣ ହେଉଛି ହେଲିକୋବେକ୍ଟର ପାୟଲୋରୀ ବ୍ୟାକ୍ଟେରିଆ। ଏହି ବ୍ୟାକ୍ଟେରିଆକୁ ନଷ୍ଟ କରିବାରେ ବ୍ରୋକଲିର ସେବନ ଲାଭପ୍ରଦ ହେବ। ବ୍ରୋକଲି ଏକ ଏପରି ଆଣ୍ଟିବାୟୋଟିକ ଯାହା ବହୁତ ମହଙ୍ଗା। ବ୍ରୋକଲି କ୍ଷତିକାରକ ବ୍ୟାକ୍ଟେରିଆକୁ ନଷ୍ଟ କରିବା ସହିତ ଲାଭକାରୀ ବ୍ୟାକ୍ଟେରିଆକୁ ଉତ୍ପନ୍ନ କରିଥାଏ। ଜାନ୍ସ ହାପିକନ୍ସ ୟୁନିଭର୍ସିଟିର ବିଶେଷଜ୍ଞ ଓ ଦ ଫ୍ରେଞ୍ଚ ନ୍ୟାସନାଲ ସାଇଣ୍ଟିଫିକ ରିସର୍ଚ୍ଚ ସେଣ୍ଟରର ବିଶେଷଜ୍ଞ ଟିମଙ୍କ କହିବାନୁସାରେ ଏହି କ୍ଷତିକାରକ ବ୍ୟାକ୍ଟେରିଆ ଯୋଗୁଁ ଶରୀରରେ ଯେଉଁ ସଂକ୍ରମଣ ହେଉଛି ବ୍ରୋକଲି ତାକୁ ଦୂର କରିପାରିବ।

## ଦୂରେଇ ରୁହନ୍ତୁ ଚାଇନିଜ୍ ଫୁଡ଼୍‌ଠାରୁ



ଆଜିକାଲି ଅଧିକାଂଶ ଲୋକ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର ଚଟ୍‌ପଟି ଖାଦ୍ୟ ବିଶେଷ କରି ଚାଇନିଜ୍ ଫୁଡ୍ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି। କିନ୍ତୁ ଏହାକୁ ପ୍ରତିଦିନ ଖାଇବା ଦ୍ୱାରା ଆପଣଙ୍କ ଶରୀରର କେତେ କ୍ଷତି ହେଉଛି ତାହା ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ।

ଚାଇନିଜ୍ ଫୁଡ଼୍‌ରେ ସାଧାରଣତଃ ଫ୍ୟାଟ୍ ବଢ଼ାଇବା ମାତ୍ରା ଅଧିକ ଥାଏ। ଏହାଦ୍ୱାରା ଆପଣଙ୍କ ଶରୀରରେ ଅଚାନକ ମାଂସପେଶୀ ବଢ଼ିବାକୁ ଲାଗିଥାଏ, ଯାହା ମୋନୋସୋଡ଼ିୟମ ଗ୍ଲୁଟାମେଟ୍ ବା ଏମଏସଜି ନାମରେ ଜଣାଶୁଣା। ଏଥିରେ ବହୁ ମାତ୍ରାରେ ସୋଡ଼ିୟମ ମିଶିକରି ଥାଏ। ତେବେ ଆସନ୍ତୁ ଜାଣିବା ଏଭଳି ଖାଦ୍ୟ ଆପଣଙ୍କ ଶରରରେ କ'ଣ କ୍ଷତି ପହଞ୍ଚାଉଛି। ଏମଏସଜିରେ ପୀଡ଼ିତ ଲୋକଙ୍କୁ ବାରମ୍ବାର ଭୋକ ଲାଗିବା ସହ ମସ୍ତିଷ୍କର ଶିରା ପ୍ରଶିରା ଅଧିକ ମାତ୍ରାରେ ଉତ୍ତେଜିତ ହୋଇ ରହିଥାଏ। ଯାହା ଫଳରେ ମୁଣ୍ଡ ବ୍ୟଥା ସହ ଶରୀର ଅସୁସ୍ଥ ଏବଂ ଚାଲିଚଳଣରେ ପରିବର୍ତ୍ତନ ଆଦି ସମସ୍ୟା ଦେଖାଦେଇଥାଏ।

ଚାଇନିଜ ଫୁଡ଼୍‌ରେ ଫିଟୋଏଷ୍ଟ୍ରୋଗେନର ପରିମାଣ ଅଧିକ ମାତ୍ରାରେ ଥାଏ, ଯାହାକି ବ୍ରେଷ୍ଟ କ୍ୟାନସର, ନପୁଂସକତା, ସେକ୍ସ ଇଚ୍ଛାରେ ହ୍ରାସ ଭଳି ଅନେକ ସମସ୍ୟା ଉପୁଜିଥାଏ।

ଚାଇନିଜ ଫୁଡ଼୍‌ରେ ସୋଡ଼ିୟମ ଗ୍ଲୁଟାମେଟର ମାତ୍ରା ଅଧିକ ଥିବାରୁ ଉଚ୍ଚ ରକ୍ତଚାପର ଶିକାର ହୋଇପାରନ୍ତି।

ଏହି ଖାଦ୍ୟରେ ସୋୟା ଫାଇଟେଟ ରହିଥାଏ। ଯାହା ଶରୀରର ପାଚନକ୍ରିୟା ଓ ହୃତପିଣ୍ଡକୁ ପ୍ରଭାବିତ କରିଥାଏ। ନିଃଶ୍ୱାସ ଓ ପ୍ରଶ୍ୱାସର ଗତି ଅସ୍ୱାଭାବିକ ହେବା ସହ ଛାତିରେ ଯନ୍ତ୍ରଣା ମଧ୍ୟ ଅନୁଭୂତ ହୋଇଥାଏ।

ଏହି ଖାଦ୍ୟ ଖାଇବା ଦ୍ୱାରା ଦୁର୍ବଳତା ଅନୁଭବ କରିବା, ବାନ୍ତି ଲାଗିବା, ହାଡ଼ରେ ଯନ୍ତ୍ରଣା ଅନୁଭବ କରିବା, ଗମ୍‌ଗମ୍ ଝାଳ ବାହାରିବା ଆଦି ସମସ୍ୟା ମାନ ଦେଖାଦେଇଥାଏ।



## ପିଆଜ ଶଣ୍ଢାର ଉପକାରିତା

ପିଆଜ ଶଣ୍ଢା ଏକ ଶୀତଦିନିଆ ପରିବା ଭାବେ ଜଣାଯାଏ। ଅନ୍ୟ ଋତୁ ତୁଳନାରେ ଏହି ଋତୁରେ ପିଆଜ ଶଣ୍ଢା ସବୁଠୁ ଅଧିକ ବଜାରରେ ବିକ୍ରିହୁଏ। ପୋଷାକତତ୍ତ୍ୱରେ ଭରପୁର ପିଆଜ ଶଣ୍ଢା ଶରୀର ପାଇଁ ଖୁବ ଉପକାରୀ। ଭିଟାମିନ ଏ, ସିବି-୨, କପର, ଥିଆମାଇନ, ପେଟାସିୟମ ଆଦିରେ ଭରପୂର ପିଆଜ ଶଣ୍ଢା ପ୍ରତ୍ୟହ ବିଭିନ୍ନ ବ୍ୟଞ୍ଜନରେ ମିଶାଇ ଖାଇବା ଭଲ ବୋଲି ଖାଦ୍ୟ ବିଶେଷଙ୍କ ମତ।

ହୃଦରୋଗୀଙ୍କ ପାଇଁ ପିଆଜଶଣ୍ଢା ଉତ୍ତମ ପରିବା ଅଟେ। ଏହା କୋଲେଷ୍ଟରଲକୁ ନିୟନ୍ତ୍ରଣ କରିବା ସହ ହୃଦରୋଗର ଆଶଙ୍କାକୁ କମ୍ କରେ। ଏଥିରେ ଭିଟାମିନ ସି ଅଧିକ ପରିମାଣରେ ଥିବାରୁ ରକ୍ତଚାପକୁ ସନ୍ତଳିତ ରଖେ। ଏହା ସହ ପିଆଜ ଶଣ୍ଢାରେ ଥିବା ସଲଫର ମଧ୍ୟରେ ହୃଦରୋଗୀଙ୍କ ପାଇଁ ଉତ୍ତମ।



## ୧୧୦ ବର୍ଷ ପୁରୁଣା ଗଛରେ ତିଆରି ହୋଇଥିବା ପାଠାଗାର



ବହିକୁ ମଣିଷର ପ୍ରକୃତ ବନ୍ଧୁ ଭାବେ ବିବେଚନା କରାଯାଇଥାଏ। ଅଧିକାଂଶଲୋକ ବିଭିନ୍ନ ପ୍ରକାର ବହି ପଢ଼ିବାକୁ ପସନ୍ଦ କରିଥାନ୍ତି। ଆଜି ତାରିଖରେ ଲାଇବ୍ରେରି ଯାଇ ବହି ପଢ଼ିବା ଅନେକାଂଶରେ କମିଗଲାଣି। ପୁସ୍ତକ ପ୍ରେମୀମାନଙ୍କୁ ବିଭିନ୍ନ ପ୍ରକାର ବହି ଯୋଗାଇ ଦେବା ପାଇଁ ବିଶ୍ୱର ଅନେକ ସ୍ଥାନରେ ପାଠାଗାରମାନ ରହିଛି। 'ଲିଟିଲ ଫ୍ରି ପାଠାଗାର ଭେଟି ଦେଇଛି। ଏହି ସଂସ୍ଥା ୧୧୦ ବର୍ଷର ପୁରୁଣା ଗଛରେ ଏକ ସୁନ୍ଦର ପାଠାଗାର ତିଆରି କରିବାରେ ଜଣେ ମହିଳାଙ୍କୁ ସାହାଯ୍ୟ କରିଛି। ଯାହା ପୁସ୍ତକପ୍ରେମୀମାନଙ୍କୁ ଖୁବ୍ ଆକୃଷ୍ଟ କରିପାରିଛି। ଆମେରିକାର ଇଡାହୋ ସହରରେ ରହୁଥିବା ଜରେ ଆର୍ଟିଷ୍ଟ ନିଜ ଘର ବାହାରେ ଥିବା ଏକ ଶୁଖିଲା ଗଛରେ ଛୋଟ ପାଠାଗାରଟିଏ ତିଆରି କରଇଛନ୍ତି। ଏଠାରେ ବୟସ୍କଙ୍କ ପାଇଁ ଫିକ୍ସନ ବହି ଓ ଛୋଟ ପିଲାମାନଙ୍କ ପାଇଁ ପ୍ରାୟ ୭୦୦୦୦ରୁ ଅଧିକ ବହି ରଖାଯାଇଛି। ଶାହରାଲି ଆର୍ମିଟେଜ ହୋୱାର୍ଡ ନାମକ ଜନୈକ ମହିଳା ଏହି ପାଡାଗାର ପ୍ରତିଷ୍ଠା କରିଛନ୍ତି। ଏହାକୁ ନିର୍ମାଣ କରିବା ପାଇଁ ୭୩ ହଜାର ବା (୫,୧୩୩) ଯଙ୍କା ଖର୍ଚ୍ଚ ହୋଇଛି। ଲିଟିଲ ଫ୍ରି ଲାଇବ୍ରେରି ଏକ ବେସରକାରୀ ସଂସ୍ଥା ଯାହା ଦୁନିଆରେ ଥିବା ପାଠାଗାରଗୁଡ଼ିକର ନିର୍ମାଣ ଓ ତାହାକୁ କାର୍ଯ୍ୟକାରୀ କରିବାରେ କାମ କରିଥାଏ।

## ଛାଇ ଦେଉଥିବା ଗଛ ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ କମ୍ କରାଏ



ଗୃହ ନିକଟରେ ଛାୟାପ୍ରଦ ବୃକ୍ଷ ଗୃହକର୍ତ୍ତାଙ୍କର ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ କମ କରିପାରେ। ଅବର୍ଣ୍ଣ ବିଶ୍ୱବଦ୍ୟାଳୟର ସ୍କୁଲ ଅଫ୍ ଫରେଷ୍ଟି ଆଣ୍ଡ ୱାଇଲ୍ଡ ଲାଇଫ୍ ସାଇନ୍ସର ପ୍ରଫେସର ଡେଭିଡ ଲାଓ୍ୱାଣ୍ଡ୍‌ଙ୍କ ମତ ଅନୁଯାୟୀ ବିଦ୍ୟୁତ୍ ଶକ୍ତି ବ୍ୟବହାର ଓ ମୂଲ୍ୟ ଗୃହକର୍ତ୍ତାଙ୍କର ଶତକଡ଼ା ୧୧.୪ ଭାଗ ହ୍ରାସ କରିପାରେ। ଯଦି ତାଙ୍କ ଗୃହ ନିକଟରେ ଶତକଡ଼ା ୧୭.୫ ଭାଗ ଛାୟାପ୍ରଦ ବୃକ୍ଷ ରହିଥିବ। ଏହି ତଥ୍ୟକୁ ଆଦୌ ବୃକ୍ଷ ନଥିବା ଗୃହ ସହିତ ତୁଳନା କରାଯାଇଥିଲା। ଗହଳ ପତ୍ରବିଶିଷ୍ଟ ବୃକ୍ଷ ଓ ବିଳମ୍ବିତ ଅପରାହ୍ନ ପର୍ଯ୍ୟନ୍ତ ଛାୟା ପ୍ରଦାନ ଏହାର କାରଣ। ଏହାଦ୍ୱାରା ଗୃହ ମାଲିକମାନେ ବିଦ୍ୟୁତ୍ ଶକ୍ତିରେ ବ୍ୟୟ ହେଉଥିବା ଅର୍ଥକୁ ସଂଚୟ କରିପାରିବେ। ଦୀର୍ଘଦିନର ଅଧ୍ୟୟନ ଫଡ଼ଲରେ ପ୍ରଫେସର ଡେଭିଡ ଉପରୋକ୍ତ ତଥ୍ୟ ପ୍ରଦାନ କରିଥିଲେ। ଏହି ତଥ୍ୟ ପାଇଁ ଆଲାର ଅ।ଲବମ୍ ଅଂଚଳରେ ଥିବା ୧୬୦ଟି ଗୃହକୁ ବିଶେଷଜ୍ଞମାନେ ବର୍ଷସାରା ଅନୁଧ୍ୟାନ କରିଥିଲେ। ସେମାନେ ସାଧାରଣତଃ ମେ ମାସରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଅଧ୍ୟୟନକୁ ଅଧିକ ଘନୀଭୂତ କରିଥିଲେ। ସେମାନେ ଗୃହକର୍ତ୍ତାଙ୍କ ବାର୍ଷିକ ବିଦ୍ୟୁତ୍ ଖର୍ଚ୍ଚକୁ ବିଶ୍ଳେଷଣ, ଛାୟା ଗ୍ରହଣ କରୁଥିବା ସ୍ଥାନର ହିସାବ ଓ ଗୃହକର୍ତ୍ତାଙ୍କର ଗୃହ ଅବସ୍ଥିତିର ଚତୁପାର୍ଶ୍ୱକୁ ସର୍ବେକ୍ଷଣ କରିଥିଲେ। ଏହାବ୍ୟତୀତ ପ୍ରଫେସର ଗୃହକର୍ତ୍ତାଙ୍କର ବୁଦ୍ୟୁତ୍ ବ୍ୟବହାରର ଅଭ୍ୟାସ ବର୍ଗଫୁଟ ଅଂଚଳରେ ବ୍ୟବହାର, ଏୟାର କଣ୍ଡିସନରର ପ୍ରକାର ଭେଦ ଓ ବାହାରେ ଥିବା ପଦାର୍ଥ ଆଦି ସବୁ ମଧ୍ୟ ପରୀକ୍ଷା କରାଯାଇଥିଲା। ବିଶେଷକରି ପଶ୍ଚିମ ଦିଗରେ ବୃକ୍ଷ ଥିଲେ ଗୃହକର୍ତ୍ତା ତୁଳନାତ୍ମକ ଭାବରେ ବିଦ୍ୟୁତ୍ ଖର୍ଚ୍ଚ କମ୍ କରିଥାନ୍ତି। ଏହି ଗବେଷଣା ଅନୁଯାୟୀ ହାଲ୍‌କା ଘଞ୍ଚ ବୃକ୍ଷ ଗୃହକର୍ତ୍ତାଙ୍କୁ ଶତକଡ଼ା ୧୦.୩ ଭାଗ ଖର୍ଚ୍ଚ କମ୍ କରାଇବାରେ ସହାୟକ ହୋଇଥାଏ। ଏଥିପାଇଁ ଥର୍ମୋଷ୍ଟାର୍ଟ ସେଟିଙ୍ଗ ଆବଶ୍ୟକ ବୋଲି କହିଥିଲେ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୧ ମାର୍ଚ୍ଚ ୨୦୨୨, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଇମ୍ରାନ୍‌ଙ୍କର ଭବିଷ୍ୟତ...

ପ୍ରତିବେଶୀ ପାକିସ୍ତାନରେ ରାଜନୈତିକ ସ୍ଥିତି ଜଟିଳ ହେବାରେ ଲାଗିଛି । ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଆସନ ଟଳମଳ ହେବାରେ ଲାଗିଛି । ୨୦୧୮ରେ କ୍ଷମତା ଦଖଲ କରିବା ପରେ ଇମ୍ରାନ୍‌ଙ୍କ ସ୍ଥିତି ଏତେ ଅଧିକ ଦୁର୍ବଳ ନଥିଲା । ଦେଶରେ ଦରଦାମ୍‌ରେ ଅତ୍ୟଧିକ ବୃଦ୍ଧି ହେତୁ ତାହା ସମ୍ଭାଳିବା ନେଇ ସରକାର କିଛି କରିପାରିବା ଅବସ୍ଥାରେ ନାହାଁନ୍ତି । ପାକିସ୍ତାନ ଏକ ଦେବାଳିଆ ରାଷ୍ଟ୍ର ଭାବେ ଗଣାହେବାକୁ ବେଶୀ ଦୂର ନାହିଁ । ବିରୋଧୀ ଦଳମାନେ ଏହାର ଫାଇଦା ନେବାକୁ ଭରପୂର ପ୍ରୟାସ କରିବା ସହିତ ରାଜନୈତିକ ଜଟିଳତାର ସୁଯୋଗ ନେଉଛନ୍ତି । ବିପକ୍ଷ ନେତା ଶାହବାଜ୍ ଶରିଫ୍ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ୍ ଗ୍ରହଣ ସମୟରେ ସ୍ଥିତି ସାଫ୍ ହୋଇଯିବ, ଇମ୍ରାନ୍ ଖାନ୍ ପାକ୍ ପ୍ରଧାନମନ୍ତ୍ରୀ ପଦରୁ ବିଦା ହେବେ । କ୍ଷମତାସୀନ ଦଳରୁ ଅଧିକରୁ ଅଧିକ ସଂଖ୍ୟକ ପ୍ରତିନିଧି ଶିବିର ଛାଡ଼ି ଚାଲିଯିବା ଇମ୍ରାନ୍‌ଙ୍କ ପାଇଁ ଘାତକ ହୋଇଛି । ୩୧ ତାରିଖ ଅପରାହ୍ଣ ସାଢ଼େ ଚାରିଟା ସମୟରେ ବିତର୍କ ହେବ ଏବଂ ତାହା ଉପରେ ଭୋଟ୍ ବିଭାଜନ ହେବ । ଏହା ଭିତରେ ପଞ୍ଜାବ ପ୍ରଦେଶର ମୁଖ୍ୟମନ୍ତ୍ରୀ ଉସ୍ମାନ୍ ବୁଜଦାରଙ୍କୁ ଇମ୍ରାନ୍ ହଟାଇ ତାଙ୍କ ସ୍ଥାନରେ ପରଭେଜ୍ ଇଲାହିଙ୍କୁ ମୁଖ୍ୟମନ୍ତ୍ରୀ କରାଇଛନ୍ତି । କୁହାଯାଉଛି କି, ଯେପରି ଇଲାହି ଗୋଷ୍ଠୀ ବିରୋଧୀ ଗୋଷ୍ଠୀରେ ନମିଶନ୍ତି, ତାହାକୁ ନଜରରେ ରଖି ସରକାର ଅଙ୍କ ଗଣିତକୁ ନିଜ ପକ୍ଷକୁ ଢଳାଇବାକୁ ଚେଷ୍ଟା କରିଛନ୍ତି । ଇଲାହିଙ୍କ ପାଖରେ ଅଛନ୍ତି ମାତ୍ର ଆଠ ଜଣ ସାଂସଦ । ବହୁମତ ସାବ୍ୟସ୍ତ କରିବାକୁ ଆବଶ୍ୟକ ହେଉଛି ୧୭୨ । ବିପରୀତ ପକ୍ଷେ ୨୧୦ରେ ପହଞ୍ଚିଗଲାଣି । ବିରୋଧୀଙ୍କ ଅଙ୍କ । ଯେତେ ଚେଷ୍ଟା କଲେ ସୁଦ୍ଧା ଇମ୍ରାନ୍ ସେହି ଅଙ୍କ ଛୁଇଁପାରିବେ ନାହିଁ । ଯେହେତୁ ଅଙ୍କ ଗଣିତ ଇମ୍ରାନ୍‌ଙ୍କ ସପକ୍ଷରେ ନାହିଁ, ତେଣୁ ସେ ଇସ୍ତଫା ଦେବା ଥୟ ହୋଇସାରିଛି । ଏହା ମଧ୍ୟରେ ଇମ୍ରାନ୍ ଖାନ୍ ଏକ ସମାବେଶ କରି ଭାରତ ସରକାରଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି । ମୋଦି ସରକାର ଜାତୀୟ ସଂହତି ଓ ଆଞ୍ଚଳିକ ଅଖଣ୍ଡତାର ସୁରକ୍ଷା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି ଇମ୍ରାନ୍ ସମାବେଶରେ ଜଣାଇଥିବାର ଜାତୀୟ ଗଣମାଧ୍ୟମରୁ ସୂଚିତ ହୋଇଛି । ଭାରତ-ବିରୋଧୀ ଚିତ୍କାର କରି କ୍ରମାଗତ ଲୋକପ୍ରିୟତା ପାଇବା ହେଉଛି ଇମ୍ରାନଙ୍କ ବଦଭ୍ୟାସ ଥିଲା । ହଠାତ୍ କେଉଁ କାରଣରୁ ସେ ସ୍ୱର ବଦଳାଇଲେ ତାହା ଅନେକଙ୍କ ପାଇଁ ଅବୋଧ ରହିଯାଇଛି । ମଲା ବେଳକୁ ହନୁ ସତ କହିଲା ପରି ହଠାତ୍ ଇମ୍ରାନ୍ ଭୂମିକା ବଦଳାଇବା ସମସ୍ତଙ୍କୁ ବିସ୍ମିତ କରିଦେଇଛି । ମାତ୍ର ତାହା କିଭଳି ତାଙ୍କ ସରକାରକୁ ରକ୍ଷା କରିପାରୁଛି, ଦେଖାଯିବାର କଥା । ଏକାଧିକ କାରଣରୁ ପାକିସ୍ତାନରେ ମୁଦ୍ରାସ୍ଫୀତି, ଦରବୃଦ୍ଧି ଓ ବୈଦେଶିକ ଋଣଭାର ଗ୍ରସ୍ତ ହୋଇପଡ଼ିଛି । ମିଳିତ ବିରୋଧୀ ଦଳ ପକ୍ଷରୁ ଆଣିଥିବା ଅନାସ୍ଥା ପ୍ରସ୍ତାବର ପ୍ରମୁଖ ନେତା ଶାହବାଜ୍ ଶରିଫ ହୋଇପାରନ୍ତି ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ । ତାଙ୍କ ବ୍ୟତୀତ ଅନ୍ୟ କେତେକଙ୍କର ନାମ ଆଲୋଚିତ ହେଉଥିଲେ ହେଁ ଶରିଫ୍ ପ୍ରଧାନମନ୍ତ୍ରୀ ହେବା ଏକପ୍ରକାର ଥୟ । ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍‌ଙ୍କର ଶାସନ କରିବାର ଅଭିଜ୍ଞତା ରହିଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଶରିଫ୍‌ଙ୍କ ଉପରେ ଯେହେତୁ ନାନା ଆଇନଗତ ପ୍ରତିବନ୍ଧକ ରହିଛି, ତେଣୁ ସେ ହିଁ ପରବର୍ତ୍ତୀ ନେତା ହେବାକୁ ଯାଉଛନ୍ତି । ପାକିସ୍ତାନର ଭୌଗୋଳିକ ଅବସ୍ଥିତି ଏଭଳି, ଯାହା ଦକ୍ଷିଣ ଏସିଆରେ ଭିନ୍ନ ଦୃଷ୍ଟିରୁ ଗୁରୁତ୍ୱ ରଖୁଛି । ଆମେରିକା ଉପରେ ନିର୍ଭରଶୀଳ ରହିଥିବା ପାକିସ୍ତାନର ସ୍ଥିତି ଏବେ ଏବେ ଜଟିଳ ହୋଇପଡ଼ିଛି । ଏକପକ୍ଷରେ ଆମେରିକାକୁ ସନ୍ତୁଷ୍ଟ କରିପାରିବା ସ୍ଥିତିରେ ନାହିଁ, ଅନ୍ୟପକ୍ଷରେ ରୁଷ ପ୍ରୀତିର ଶେଷ ଅଙ୍କରେ ଇମ୍ରାନ୍ ଯେମିତି ପାକ୍ ଅଧିବାସୀଙ୍କୁ ଭୁଲାଇ ଚାଲିଛନ୍ତି ତାହାର ପରିଣତି କ'ଣ ହେବାକୁ ଯାଉଛି କୁହାଯିବା କଷ୍ଟକର । ତାହାରି ଭିତରେ 'ନୂତନ ପାକିସ୍ତାନ'ର ଆହ୍ୱାନ ଦେଇଥିବା ଇମ୍ରାନ୍ କିଭଳି ସ୍ଥିତି ସମ୍ଭାଳିବାରେ ସକ୍ଷମ ହେବେ, ତାଙ୍କ ପରବର୍ତ୍ତୀ ନେତା ଶରିଫ୍‌ଙ୍କ ପାଇଁ କିଭଳି ସମ୍ଭବ, ଦେଖାଯିବାର କଥା । ନୂତନ ପ୍ରଧାନମନ୍ତ୍ରୀଙ୍କ ଅଧୀନରେ ପାକିସ୍ତାନ ଅଧିକ କାଳ ରହିବାର ନାହିଁ । ଦେଶକୁ ଦୂରଗାମୀ ଆର୍ଥିକ ସ୍ୱାର୍ଥକୁ ନଜରରେ ରଖି କିଭଳି ପରିଚାଳିତ ହେବାକୁ ପଡୁଛି, ତାହା ଦେଖିବାକୁ ରହିଲା ।

# ଓଡ଼ିଆ ଭାଷା ଆନ୍ଦୋଳନର୍ ଆଦ୍ୟ ଓଁକାର୍



**ଡକ୍ଟର ଲକ୍ଷ୍ମଣ ସାହୁ**

ଉନବିଂଶ ଶତାବ୍ଦୀର ଆରମ୍ଭ କାଳରେ ଇଂରେଜମାନଙ୍କ ଓଡ଼ିଶା ଭୂଖଣ୍ଡକୁ ଅକ୍ତିଆର କରିବା ସହିତ ଶାସନାଧୀନ କରିବାରେ ସଫଳ ହୋଇଥିଲେ । ସେହି ସମୟରେ ଏକ ସ୍ୱତନ୍ତ୍ର ଅଞ୍ଚଳ ରୂପେ ଓଡ଼ିଶାର ସ୍ଥିତି ସେଭଳି କିଛି ନଥିଲା । ବିଶେଷ କରି ଗଞ୍ଜାମ, କୋରାପୁଟ ଓ ମାଳ ଅଞ୍ଚଳକୁ ମାନ୍ଦ୍ରାଜ ପ୍ରଦେଶ ଅଧିନରେ ରଖି ଇଂରେଜ ସରକାର ତାଙ୍କର ଶାସନ କାର୍ଯ୍ୟ ତୁଲାଇଥିଲେ । ସେତେବେଳେ ଏସବୁ ଅଞ୍ଚଳରେ ତେଲୁଗୁ ଓ ତାମିଲ ଭାଷୀ ଅଫିସର, ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀଙ୍କର ଆଧିପତ୍ୟ ଯଥେଷ୍ଟ ରହିଥିଲା । ଅପରପଟ ବଙ୍ଗ ପ୍ରଦେଶ ସହିତ ବାଲେଶ୍ୱର, କଟକ, ପୁରୀ ଜିଲ୍ଲା ଓ ଗଡ଼ଜାତ ରାଜ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ଶାସନ ଚଳାଇଥିଲେ । ବଙ୍ଗଭାଷି ସରକାରୀ କର୍ମଚାରୀଙ୍କ ଦ୍ୱାରା ଇଂରେଜମାନେ ଉପକୂଳ ଅଞ୍ଚଳର ଶାସନ କାର୍ଯ୍ୟକୁ ନିୟନ୍ତ୍ରଣ କରୁଥିଲେ । ସେଭଳି ପଶ୍ଚିମ ଓଡିଶାର ସମ୍ବଲପୁର ସହିତ ସଂଲଗ୍ନ ଗଡ଼ଜାତ ରାଜ୍ୟ ଯଥା ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ବାମଣ୍ଡା ଓ ରେଢ଼ାଖୋଲ ଆଦି ମଧ୍ୟପ୍ରଦେଶର କମିଶନର ଅଧିନକୁ ନିଆ ଯାଇଥିଲା । ପୂର୍ବରୁ ଏସବୁ ମରହଟ୍ଟା ମାନଙ୍କ ଦ୍ୱାରା ଶାସିତ ହେଉଥିଲା । କହିବାକୁ ଗଲେ ରାଜନୈତିକ କ୍ଷେତ୍ରରେ ଓଡିଶାର କୌଣସି ସ୍ୱତନ୍ତ୍ର ପରିଚୟ ସେତେବେଳେ ନଥିଲା । ତିନୋଟି ପ୍ରଦେଶର ଅଧିନରେ ଥିବା ଓଡ଼ିଆ ମାନେ ସବୁ ଦିଗରୁ ଅବହେଳିତ ଥିବା ମନେହୁଏ । ଏପରିକି ସେମାନଙ୍କ ମନରେ ଏକତ୍ରୀକରଣ, ଜାତୀୟତା ପ୍ରୀତି ଜାଗରିତ ହେବା ଅସମ୍ଭବ ହୋଇ ପଡିଥିଲା । କୁହାଯାଇପାରେ ଯେ ପ୍ରଥମ କରି ୧୮୯୬ରେ ଗ୍ରିୟରସନ୍‌ଙ୍କ ଦ୍ୱାରା ଭାଷା ସର୍ବେକ୍ଷଣ କରାଯାଇ ସେଥିରେ ଓଡ଼ିଆ ଭାଷା ଭାଷୀ ଅଞ୍ଚଳକୁ ଓଡ଼ିଆ ରାଜ୍ୟ ଭାବେ ମାନଚିତ୍ରରେ ଚିହ୍ନଟ କରାଗଲା । ଯାହା ଓଡ଼ିଆ ମାନଙ୍କ ପାଇଁ ଏକ ମାନଚିତ୍ର ଚିହ୍ନଟ ଅଞ୍ଚଳ ଭାବେ ଦର୍ଶାଯାଇ ଜାତୀୟ ମନୋଭାବ ସୃଷ୍ଟି କରିବାରେ ସହାୟକ ସାଜିଥିଲା ।

ଓଡ଼ିଶା ଡିଭିଜନ ଭାବରେ ତିନୋଟି ଜିଲ୍ଲାର ଯଥା ବାଲେଶ୍ୱର, କଟକ ଓ ପୁରୀର କଥିତ ଓଡ଼ିଆ ଭାଷାକୁ ନେଇ ଗଠିତ ହୋଇଥିଲା । ସେତେବେଳେ ଇଉରୋପୀୟ ପଣ୍ଡିତ ଏଚ୍.ଟି କୋଲୋବ୍ରୁକ୍ ସହିତ ୱାଲଟର ହାମିଲ୍ଟନ୍ ପ୍ରମୁଖ ଦ୍ୱୟ ବିଦ୍ୟାନ୍ ଓଡ଼ିଆ ଭାଷାକୁ ଏକ ସମୃଦ୍ଧଶୀଳ ଭାଷା ଭାବରେ ସ୍ୱୀକାର କରିଥିଲେ । ୧୮୦୫ରେ ଇଂରେଜ ସରକାର ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବେ ସ୍ୱୀକୃତି ପ୍ରଦାନ କରିଥିଲେ । ବିଶେଷକରି ସ୍ଥାନୀୟ ଲୋକମାନଙ୍କ ସବୁପ୍ରକାର ଅଭାବ ଅସୁବିଧା ସହଜରେ ବୁଝି ହେବ ବୋଲି ସ୍ଥାନୀୟ ଭାଷା ପ୍ରତି ଗୁରୁତ୍ୱ ଦେଇ ଇଂରେଜ ସରକାର ଏହାକୁ ସରକାରୀ ମାନ୍ୟତା ପ୍ରଦାନ କରିଥିଲେ । ସେହି ସମୟର କମିଶନର ହେନେରୀ ରିକେଟସ୍ ନିଜର ଅଧସ୍ତନ କର୍ମଚାରୀଙ୍କୁ ଓଡ଼ିଆ ଭାଷା ଶିକ୍ଷାକରିବା ସହ ଓଡ଼ିଆ ଭାଷାରେ ପରୀକ୍ଷାରେ ଦେଇ କୃତକାର୍ଯ୍ୟ ହେବାକୁ ବିଜ୍ଞପ୍ତି ଦେଇଥିଲେ । ପରେପରେ ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷାରେ ଶିକ୍ଷା ଦାନ କରାଯାଉଥିଲେ ମଧ୍ୟ ପାଠ୍ୟପୁସ୍ତକ ମିଳିବା କଷ୍ଟକର ହୋଇପଡୁଥିଲା । ବଙ୍ଗଳା ପାଠ୍ୟ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରାଯାଇ ଶିକ୍ଷା ଦିଆଯାଉଥିଲା । କିନ୍ତୁ ୧୮୬୪-୬୫ ବେଳକୁ ଓଡ଼ିଆ ବଦଳରେ ବଙ୍ଗଳା ଭାଷାରେ ଶିକ୍ଷା ଦାନ କରିବାକୁ ପରିଦର୍ଶକ ରର୍ବଟ ପେରୀ ନିର୍ଦ୍ଦେଶନା ଜାରି କରିଥିଲେ ।

ଏହି ପରିପ୍ରେକ୍ଷୀରେ ୧୮୬୮ରେ ପ୍ରଥମେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ କୋର୍ଟରୁ ଓଡ଼ିଆ ଭାଷା ହଟାଇବା ପାଇଁ ଆୟୋଜିତ କଟକ 'ଡିବେଟିଂ କ୍ଲବ୍'ରେ ରାଜେନ୍ଦ୍ର ଲାଲ ମିତ୍ର ଭାଷଣରେ ଘୋଷଣା କରିଥିଲେ 'ଓଡିଆ ଏକ ଭାଷା ନୁହେଁ' । ଏପରିକି ୧୮୬୯ରେ ବଙ୍ଗଳା ଉପ-ପରିଦର୍ଶକ ଉମାଚରଣ ହାଲଦାର ଓଡ଼ିଆ ଭାଷାକୁ ବଙ୍ଗଳା ଲିପିରେ ଲେଖିବା ପାଇଁ 'କଟକ ଷ୍ଟାର' ନାମକ ସଂବାଦ ପତ୍ରରେ ପ୍ରକାଶ କରିଥିଲେ । ତା' ସତ୍ତ୍ୱେ ଓଡ଼ିଆମାନଙ୍କର ଇଂରାଜୀ ବିଦ୍ୟାଳୟରେ ପଢ଼ିବାକୁ ଅନାଗ୍ରହ ଥିଲେ । ଓଡ଼ିଆମାନଙ୍କ ଅନ୍ଧ-ବିଶ୍ୱାସ, କୁସଂସ୍କାର ଭାବ ଦେଖି ସେ ସମୟର ଇଂରେଜ ହଣ୍ଟର ସାହେବ ବିରକ୍ତି ପ୍ରକାଶ କରିଥିଲେ । ୧୮୭୦ରେ କାନ୍ତିଲାଭ ଭଟ୍ଟାଚାର୍ଯ୍ୟ ନାମକ ବଙ୍ଗଳୀ ଶିକ୍ଷକ' ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ବହୁବିଧ ଯୁକ୍ତି ଉପସ୍ଥାପନ କରୁଥିବା ବେଳେ ରାଜେନ୍ଦ୍ର ଲାଲ ମିତ୍ର ଏହାକୁ ସମର୍ଥନ କରୁଥିବା ଦୁର୍ଭାଗ୍ୟ ଥିଲା । ଜଣେ ପ୍ରତିଷ୍ଠିତ ଐତିହାସିକ ଭାବେ ଜଣାଶୁଣା ଥିବା ଶ୍ରୀଯୁକ୍ତ ମିତ୍ର ଅଧିକ ପାଦେ ଆଗକୁ ଯାଇ ଘୋଷଣା କରିଥିଲେ ଯେ ଓଡ଼ିଆ ମାନଙ୍କର ସେଭଳି କୌଣସି ସ୍ୱତନ୍ତ୍ର ଭାଷା ନାହିଁ । ଫଳତଃ ଓଡ଼ିଆମାନଙ୍କ ସହ ସେମାନଙ୍କ ବିରୋଧ ଭାବ ସୃଷ୍ଟି ହୋଇଥିଲା ।

ପ୍ରଥମ କରି ଭାଷା ଆନ୍ଦୋଳନ ଓଡ଼ିଆ ଭାଷୀ ଜନସାଧାରଣଙ୍କ ମନରେ ନିଜ ମାତୃଭାଷା ପ୍ରତି ସମ୍ମାନ ଓ ସୁରକ୍ଷା ଦେବାର ଆବଶ୍ୟକତା ଅନୁଭବ ହେଲା । ରାଜେନ୍ଦ୍ର ଲାଲ ଓ କାନ୍ତି ଲାଲଙ୍କ ଅଭିମତ ଉପରେ ଓଡ଼ିଶା ଡିଭିଜନରେ ମତ ମତାନ୍ତର ଘଟି ତାହା ଏକ ଜଟିଳ ବାତାବରଣ ସୃଷ୍ଟି କରିବା ଫଳରେ ଓଡ଼ିଆମାନେ ନିଜ ଭାଷା ପ୍ରତି ସଚେତନ ହେଲେ । ସେମାନଙ୍କ ମନରେ ଧାରଣା ସୃଷ୍ଟି ହେଲା ନିଜ ମାତୃଭାଷାକୁ ଅବହେଳା କଲେ ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ଜାତିର ସ୍ୱତନ୍ତ୍ର ପରିଚୟ ସଂପୂର୍ଣ୍ଣ ବିଲୀନ ହୋଇଯିବା କିଛି ଅସମ୍ଭବ ନୁହେଁ । ଫଳତଃ ଭାଷା ଆନ୍ଦୋଳନରୁ ଜାତୀୟତା ଆନ୍ଦୋଳନ ସୃଷ୍ଟି ଘଟି ଓଡ଼ିଆ ମାନଙ୍କୁ ସଂଘବଦ୍ଧ କଲା । ପ୍ରସାଶନିକ ସ୍ତରରେ ଥିବା ବଙ୍ଗାଳୀ ମାନଙ୍କ ପ୍ରାଧାନ୍ୟ, ଦ୍ୱୈରାମ୍ଭ ଓଡ଼ିଆମାନଙ୍କୁ ଅସହ୍ୟ କରି ଦେଇଥିଲା । ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କ ଆବେଦନ ଆଧାରରେ ବିଦ୍ୟାଳୟରୁ ଓଡ଼ିଆ ଭାଷାର ପ୍ରତ୍ୟାହାର ନିର୍ଦ୍ଦେଶ ଓ ଆଇନତଃ ଶିକ୍ଷା କ୍ଷେତ୍ରରେ ଓଡିଆ ଭାଷାରେ ଶିକ୍ଷା ଦାନ ନିଷିଦ୍ଧ ହେବା ଜାତିପ୍ରାଣ ଓଡ଼ିଆଙ୍କ ଚକ୍ଷୁରୁ ନିଦ ହଜାଇ ଦେଇଥିଲା । କାଳକାଳ ଧରି ବିଭିନ୍ନ ବିପର୍ଯ୍ୟୟକୁ ସାମ୍ନା କରି ଆସୁଥିବା ଓଡ଼ିଆ ଜାତିର ମୁଣ୍ଡ ଉପରେ ବିନା ମେଘେ ବ୍ରଜପାତ ସଦୃଶ ଏଭଳି ନିର୍ଦ୍ଦେଶନା ଥିଲା । ଓଡ଼ିଆ ଭାଷା ପାଲଟି ଯାଇଥିଲା ଜାତୀୟବୋଧ ଉଦ୍ରେକ କାରୀ ଭାବପ୍ରବଣର ଏକ ପ୍ରମୁଖ ଆଧାର । ଉଗ୍ର ଓ ଉତ୍କଟ ଭାଷା ପ୍ରେମର ଉନ୍ମାଦନା ପ୍ରତ୍ୟେକ ଓଡ଼ିଆ ପ୍ରାଣକୁ ଉଦ୍‌ବେଳିତ କରିଥିଲା । ଆତ୍ମ ସୁରକ୍ଷାର ପ୍ରଶ୍ନଟି ସବୁରି ହୃଦୟକୁ ମନ୍ଥିତ କରି ଭାଷା ଓ ଜାତି ପ୍ରୀତିର ବୀଜବପନରେ ଅଧିକ କ୍ରିୟାଶୀଳ ହୋଇପାରିଥିଲା । ସେ ସମୟରେ ଥିବା କଟକ ସହରର ଡିବେଟିଙ୍ଗ ସୋସାଇଟି ଓ କାଳିପଦ ବନ୍ଦୋପାଧ୍ୟାୟଙ୍କ ସଂପାଦିତ ଉତ୍କଳ ହିତୈଷିଣୀ ବଙ୍ଗଳା ଭାଷାକୁ ସମର୍ଥନ କରୁଥିବା ବେଳେ ଗୌରୀଶଂକର ରାୟଙ୍କ ସଂପାଦିତ ଉତ୍କଳ ଦୀପିକା ଓ ରାଜା ବୈକୁଣ୍ଠ ନାଥ ଦେଙ୍କ ସମ୍ବାଦ ବାହିକା ଓଡ଼ିଆ ଭାଷା ସମର୍ଥନରେ ଭାଷା ଆନ୍ଦୋଳନକୁ ଅଧିକ ତେଜୀୟାନ କରିଥିଲା । (କ୍ରମଶଃ)

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ: ୯୦୪୦ ୧୫୧୪ ୭୫

# କେରଳକୁ ଇସଲାମିକ ଷ୍ଟେଟ କରିବା ପାଇଁ ଷଡଯନ୍ତ୍ର

**ଗୋଲଖ ଚନ୍ଦ୍ର ଦାସ**

ଅଳ୍ପଦିନ ତଳେ ଏକ ଖବର ପ୍ରକାଶ ପାଇଥିଲା ଯେ, କେରଳର ମଲ୍ଲପୁରମର ବାସିନ୍ଦା ନଜୀବ ଆଇଏସ୍‌ଆଇଏସ୍ ଆତଙ୍କବାଦୀ ସଂଗଠନରେ ସାମିଲ ହୋଇ ଇସଲାମିକ ଷ୍ଟେଟ ପାଇଁ କାମ କରୁଥିଲା । ଆଫଗାନିସ୍ତାନରେ ତାକୁ ମାରି ଦିଆଯାଇଛି । ନଜୀବ ତାମିଲନାଡୁର ଭେଲୋରରେ ଇଂଜିନିୟରିଂ ପଢୁଥିଲା । ୨୦୧୭ରେ ଆଇଏସ୍‌ଆଇଏସ୍‌ରେ ସାମିଲ ହୋଇ ଆଫଗାନିସ୍ତାନ ଚାଲି ଯାଇଥିଲା ।

ବିଶ୍ୱରେ ଇସଲାମର ଶାସନ ପ୍ରତିଷ୍ଠା ପାଇଁ ଆଇଏସ୍‌ଆଇଏସ୍ ଆତଙ୍କବାଦୀ ସଂଗଠନ ସାରା ବିଶ୍ୱର ମୁସଲମାନମାନଙ୍କୁ ନିବେଦନ କରିଥିଲା । ୨୦୧୬ ରୁ ୨୦୧୮ ମଧ୍ୟରେ କେରଳର ଅନେକ ମହିଳା ନିଜ ସ୍ୱାମୀଙ୍କ ସହ ସିରିଆ ଓ ଆଫଗାନିସ୍ତାନର ଖୁରାସାନକୁ ଚାଲିଯାଇଥିଲେ । ସେଠାରେ ସେ ଆତଙ୍କବାଦୀ ସଂଗଠନରେ ଯୋଗଦେଇ ଇସଲାମିକ ଷ୍ଟେଟ ପାଇଁ କାମ କରିଥିଲେ । ବିଭିନ୍ନ ଘଟଣାରେ ସେମାନଙ୍କର ସ୍ୱାମୀଙ୍କୁ ହତ୍ୟା କରାଯିବା ପରେ ସେମାନଙ୍କ ମଧ୍ୟରୁ ୪ଜଣ ମହିଳା ୨୦୧୯ ଡିସେମ୍ବରରେ ଆଫଗାନିସ୍ତାନର ପ୍ରଶାସନ ନିକଟରେ ଆତ୍ମସମର୍ପଣ କରି ଜେଲ ଯାଇଥିଲେ । ମାର୍ଚ୍ଚ ୨୦୨୦ରେ Stratnewsglobal.com ନାମକ ୱେବସାଇଟରେ ସେହି ମହିଳାଙ୍କ ସାକ୍ଷାତକାରର ଭିଡିଓ ସେୟାର କରାଯାଇଥିଲା । ସେହି ଭିଡିଓ ଆଧାରରେ ଯେଉଁ ୪ଜଣଙ୍କୁ ଚିହ୍ନଟ କରାଯାଇଥିଲା ସେମାନଙ୍କ ନାମ ହେଉଛି ଆୟଶା, ରଫିଲା, ମରିୟମ ଏବଂ ନିମିଶା ଓରଫ ଫାତିମା । ନ୍ୟାସନାଲ ଇନ୍‌ଭେଷ୍ଟିଗେସନ୍ ଏଜେନ୍ସି ଅଫ୍ ଇଣ୍ଡିଆ(ଏନଆଇଏ)୨୦୧୭ରେ ଏକ ଚାର୍ଜସିଟ୍ ଦାଖଲ କରିଥିଲା । ଯେଉଁଥିରେ ୨୧ ଜଣ ମହିଳା ଓ ପୁରୁଷଙ୍କ ନାମ ଥିଲା । ସମସ୍ତେ କେରଳର ବାସିନ୍ଦା । ସେଥିରେ ସୋନିଆ ସେବିଷ୍ଟିୟନ ଓରଫ ଆୟଶାର ମଧ୍ୟ ନାମ ରହିଛି । ୨୦୧୬ରେ ଏମାନେ କେରଳରୁ ପଳାଇ ଯାଇ ଆଫଗାନିସ୍ତାନରେ ଆଇଏସ୍‌ଆଇଏସ୍‌ରେ ଯୋଗ ଦେଇଥିଲେ । ଏନ୍‌ଆଇଏ ଏହାର ଚାର୍ଜସିଟରେ ଉଲ୍ଲେଖ କରିଛନ୍ତି ଯେ, ସୋନିଆ ଜଣେ ଇଂଜିନିୟର ସ୍ନାତକ । ସେ ତାଙ୍କ ସ୍ୱାମୀ ଅବଦୁଲ ରସିଦଙ୍କ ସହ ୩୧ ମେ ୨୦୧୬ରେ ମୁମ୍ବାଇ ବିମାନ ବନ୍ଦର ଛାଡିଛନ୍ତି । ଉଭୟ ସ୍ୱାମୀସ୍ତ୍ରୀ ଜୁଲାଇ ୨୦୧୫ରେ ପଦନ୍ନା ଏବଂ କାସରଗୋଡରେ ଇସଲାମିକ୍ ଷ୍ଟେଟ ପାଇଁ ଗୁପ୍ତ ପ୍ରଶିକ୍ଷଣର ଯୋଜନା କରିଥିଲେ । ଯେଉଁଥିରେ ଇସଲାମିକ ଷ୍ଟେଟ ଗଠନ ପାଇଁ ଜିହାଦର ତାଲିମ ଦିଆଯାଇଥିଲା ।

ତାଲିବାନର କ୍ରୁରତା ଓ କଟ୍ଟରତାବାଦର ବିଚାର ସାରା ବିଶ୍ୱପାଇଁ ବିପଦ ହୋଇ ଛିଡା ହୋଇଥିବା ବେଳେ କେରଳର କିଛି ଲୋକଙ୍କୁ ଏହା ପସନ୍ଦ ଲାଗୁଛି । ଏହି ବିଚାର ଆଗାମୀ ଦିନରେ ଦେଶପାଇଁ ବଡ ଚ୍ୟାଲେଂଜ ସୃଷ୍ଟି କରିବ ବୋଲି ୨୦୨୧ ମସିହା ଅକ୍ଟୋବର ପ୍ରଥମ ସପ୍ତାହରେ କେରଳର ଶାସନରେ ଥିବା ସିପିଏମ୍ ପାର୍ଟି ତରଫରୁ ଏକ ଖବରରେ ପ୍ରକାଶିତ ହୋଇଥିଲା । ଯେଉଁଥିରେ କୁହାଯାଇଥିଲା ଯେ ରାଜ୍ୟରେ ଥିବା ମୁସଲମାନମାନଙ୍କର ତାଲିବାନକୁ ସମର୍ଥନ କରିବାର ଭାବନା ଦିନକୁ ଦିନ ବୃଦ୍ଧି ପାଉଛି । ସିପିଏମ୍ ତାର ଆଭ୍ୟନ୍ତରୀଣ ରିପୋର୍ଟରେ କ୍ୟାଡର ମାନଙ୍କୁ ଆଲଟ ରହିବା ପାଇଁ କହିଛି । ଜମାତ-ଏ- ଇସଲାମିକ ସଂଗଠନ କେରଳରେ ତାର ତାଲିବାନୀ ଏଜେଣ୍ଡାକୁ ବଢାଇବାରେ ଲାଗିଛି । ଏଥିପାଇଁ ସେ ସାମାଜିକ ଗଣମାଧ୍ୟମ, ବୁକଲେଟ ଓ ବିଭିନ୍ନ ମାଗାଜିନକୁ ମାଧ୍ୟମ କରିଛି । ଅଣମୁସଲମାନଙ୍କ ମଧ୍ୟରେ ମଧ୍ୟ ଏହି ବିଚାରକୁ ପ୍ରସାର କରିବାରେ ଲାଗିଛି । ଖ୍ରୀଷ୍ଟିଆନ ଓ ମୁସଲମାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟିକରି ଅସହାୟ ଖ୍ରୀଷ୍ଟିଆନମାନଙ୍କର ଫାଇଦା ହାସଲକରିବାକୁ ଜମାତ-ଏ-ଇସଲାମିକ ଚେଷ୍ଟା କରୁଛି । ଜମାତ-ଏ-ଇସଲାମିକ ଏହାକୁ ମନଗଢା କାହାଣୀ ବୋଲି କହିଛି । ସିପିଏମ୍‌ର ଏହି ଖବରକୁ ମିଥ୍ୟା ବୋଲି କୁହାଯାଇ ପାରିବ ନାହିଁ । ଏନ୍‌ଆଇକୁ ମଧ୍ୟ ଏ ବିଷୟରେ କିଛି ଖବର ମିଳିଛି । ଆଇଏସ୍‌ଆଇଏସ୍ ସହିତ କେରଳର ଅନେକ ସଂଗଠନ ସହିତ ସଂପର୍କ ରହିଛି ।

କେରଳରେ କଣ ତାଲିବାନକୁ ସମର୍ଥନ କରୁଥିବା ସଂଖ୍ୟା ବଢ଼ିବାରେ ଲାଗିଛି କି ? କେରଳକୁ ଏକ ଇସଲାମିକ ଷ୍ଟେଟରେ ପରିଣତ କରିବା ପାଇଁ ଷଡଯନ୍ତ୍ର ଚାଲୁଛି କି ? କେରଳରେ ତାଲିବାନ ବିଚାରକୁ ବଢେଇବା ପାଇଁ ମହିଳାମାନଙ୍କୁ ଟାର୍ଗେଟ କରାଯାଉଛି କି ? ଏ ପ୍ରଶ୍ନ ଏଇଥିପାଇଁ ଉଠିଚି କି କେରଳରେ ଶାସନ କରୁଥିବା ଦଳ ବିସ୍ଫୋଟକ ପର୍ଦ୍ଦାଫାସ କରିଥିଲା । ଅନେକ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ଯେ କେରଳରେ ସିପିଏମ୍‌ର ଯେଉଁ ତଳସ୍ତରର କମିଟି ଗୁଡିକ ଅଛି ସେଥିରେ ଥିବା ବ୍ୟକ୍ତିମାନଙ୍କ ମନରେ ମଧ୍ୟ ଏହି ବିଚାରଧାରା ଭରି ରହିଛି । ପ୍ରଥମେ ସେମାନଙ୍କ ବିରୋଧରେ ସିପିଏମ୍ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । କେରଳ ମୁସଲମାନ ମାନଙ୍କର ଚାଲ, ଚରିତ୍ର ବିଷୟରେ ଯଦି କେରଳ ସରକାର ଅବଗତ ତେବେ କାହିଁକି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଉ ନାହାଁନ୍ତି ବୋଲି ଏବେ ପ୍ରଶ୍ନ ଉଠୁଛି । କେରଳ ରାଜ୍ୟ ସରକାର ଏହା ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା । କେରଳର ଏହିପରି ଅନେକ ଘଟଣାକୁ ନେଇ ମଧ୍ୟ ଏକ ଚଳଚିତ୍ର ତିଆରି ହୋଇଛି । ସେଥିରେ ମଧ୍ୟ କେରଳକୁ ଏକ ଇସଲାମିକ ଷ୍ଟେଟରେ ପରିଣତ କରିବା ପାଇଁ ଷଡଯନ୍ତ୍ର ଚାଲିଛି ବୋଲି ଉପସ୍ଥାପନା କରାଯାଇଛି ।

କାଶ୍ମୀର ପଣ୍ଡିତଙ୍କ ନରସଂହାର ଉପରେ ଆଧାରିତ ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ 'ଦି କାଶ୍ମୀର ଫାଇଲ୍ସ' ଚଳଚିତ୍ରକୁ ବିପୁଳ ସଫଳତା ମିଳିଛି । ଏହାପରେ ନିର୍ମାତା ଭିପୁଲ ଅମୃତଲାଲ ଶାହା ପୁଣି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ତିଆରି କରିଥିବା ଚଳଚିତ୍ରକୁ ବଡ ପରଦାକୁ ଆଣୁଛନ୍ତି । ଏହି ଚଳଚିତ୍ରର ନାମ ହେଉଛି 'କେରଳ କାହାଣୀ' (The Kerala Story) । କେରଳର ହଜାର ହଜାର ମହିଳାଙ୍କ ହୃଦୟ ବିଦାରକ ଘଟଣା ଏଥିରେ ବର୍ଣ୍ଣିତ ହୋଇଛି । ମାର୍ଚ୍ଚ ୨୨ ତାରିଖ ଦିନ ଏହି ଚଳଚିତ୍ରର ସମ୍ୟକ ଦୃଶ୍ୟ ମୁକ୍ତିଲାଭ କରିଛି । ୟୁଟ୍ୟୁବରେ ସେୟାର ହୋଇଥିବା ଏହି ଚଳଚିତ୍ରର ସମ୍ୟକ ଦୃଶ୍ୟର ଅବଧି ୧ ମିନିଟ ୧୦ ସେକେଣ୍ଡର । ଏଥିରେ ଦର୍ଶାଯାଇଛି ଯେ ଲଭଜିହାଦ, ଅପହରଣ ମାଧ୍ୟମରେ କେରଳରୁ ହଜାର ହଜାର ଝିଅମାନଙ୍କୁ ଆଇଏସ୍‌ଆଇଏସ୍ ବିଶ୍ୱର ଇସ୍ଲାମିକ ଯୁଦ୍ଧ ଗ୍ରସ୍ତ ଅଂଚଳକୁ ପଠାଉଛି । ସେଠାରେ ସେମାନଙ୍କ ଉପରେ ନିର୍ମମ ଅତ୍ୟାଚାର କରାଯିବା ସହିତ ଯୌନଦାସୀ କରି ରଖାଯାଉଛି । କାହାଣୀ ଆରମ୍ଭରେ ଏକ ପ୍ରଶ୍ନ ପଚରାଯାଇଛି । ଯଦି ଆପଣଙ୍କ ଝିଅ ମଧ୍ୟରାତ୍ରି ପର୍ଯ୍ୟନ୍ତ ଘରକୁ ନଫେରେ ତେବେ ଆପଣ କିପରି ଅନୁଭବ କରିବେ ? ଏହାପରେ କୁହାଯାଇଛି ୧୨ ବର୍ଷ ମଧ୍ୟରେ ହଜାର ହଜାର ଝିଅ କେରଳରୁ ନିଖୋଜ ହୋଇ ଯାଇଛନ୍ତି ଏବଂ ଏପର୍ଯ୍ୟନ୍ତ ନିଜ ଘରକୁ ଫେରି ନାହାଁନ୍ତି । ତାପରେ ୨୦୦୬ ରୁ ୨୦୧୧ ପର୍ଯ୍ୟନ୍ତ କେରଳର ମୁଖ୍ୟମନ୍ତ୍ରୀ ଥିବା ଭି ଏସ୍ ଅଚ୍ୟୁତାନନ୍ଦ ଏଥିରେ କହିଛନ୍ତି 'କେରଳକୁ ଇସଲାମିକ ଷ୍ଟେଟ କରିବା ପାଇଁ ପପୁଲାର ଫ୍ରଂଟ ଅଫ୍ ଇଣ୍ଡିଆ (PFI) ପୁରା ଦମରେ ଲାଗି ଯାଇଛି । ନିଷିଦ୍ଧ ହୋଇଥିବା ସଂଗଠନ NDF ପରି ଏହାର ଉଦ୍ଦେଶ୍ୟ ମଧ୍ୟ ସମାନ । ଆସନ୍ତା ୨୦ ବର୍ଷ ମଧ୍ୟରେ କେରଳକୁ ଇସ୍ଲାମିକ ଷ୍ଟେଟରେ ପରିଣତ କରିବା ସେମାନଙ୍କର ଉଦ୍ଦେଶ୍ୟ ।' ସମ୍ୟକ ଦୃଶ୍ୟରେ ଦେଖା ଯାଇଥିବା ଆକଳନ ଅନୁଯାୟୀ ୩୨,୦୦୦ରୁ ଅଧିକ ମହିଳାଙ୍କୁ କେରଳରୁ ଅପହରଣ କରାଯାଇ ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍‌କୁ ବିକ୍ରି କରାଯାଇଛି । ସୁଦୀପ୍ତ ସେନେ ହେଉଛନ୍ତି କେରଳ କାହାଣୀ ଚଳଚିତ୍ରର ଲେଖକ ଓ ନିର୍ଦ୍ଦେଶକ ।

ଚଳଚିତ୍ରର ନିର୍ଦ୍ଦେଶକ ସୁଦୀପ୍ତ ସେନ୍ କହିଛନ୍ତି ଯେ, 'ନିକଟରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେ '୨୦୦୯ ମସିହାରୁ କେରଳ ଏବଂ ମାଙ୍ଗାଲୋରରୁ ପ୍ରାୟ ୩୨,୦୦୦ ହିନ୍ଦୁ ଓ ଖ୍ରୀଷ୍ଟିଆନ ଝିଅମାନଙ୍କୁ ଧର୍ମାନ୍ତରିତ କରାଯାଇଛି । ସେମାନେ ଇସଲାମ ଧର୍ମ ଗ୍ରହଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ସିରିଆ, ଆଫଗାନିସ୍ତାନ ଏବଂ ଅନ୍ୟାନ୍ୟ ଅଂଚଳରେ ଥିବା ଆଇଏସ୍‌ଆଇଏସ୍‌ମାନଙ୍କ ନିକଟକୁ ପଠାଇ ଦିଆଯାଇଛି ।'

ଚଳଚିତ୍ର ନିର୍ମାଣ କରିବା ପୂର୍ବରୁ ସୁଦୀପ୍ତ ଏହି ବିଷୟ ଉପରେ ଅନେକ ଗବେଷଣା କରିଥିଲେ । ଏହି ସମୟ ମଧ୍ୟରେସେ ଆହୁରି ମଧ୍ୟ ଜାଣିବାକୁ ପାଇଥିଲେ ଯେ, ଅପହରଣ କରାଯାଇଥିବା ଅଧିକାଂଶ ଝିଅ ଏବେ ଆଫଗାନିସ୍ତାନ ଏବଂ ସିରିଆର କାରାଗାରରେ ଅଟକ ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଇଏସ୍ ଆଇଏସ୍ ଆତଙ୍କବାଦୀଙ୍କୁ ବିବାହ କରିଛନ୍ତି ଓ ଅନେକ ଯୌନ ଦାସୀ ସାଜିଛନ୍ତି ।

ଘିଗିଡିଆ, ବାରୁଅ, କେନ୍ଦ୍ରାପଡା
ମୋ-୯୮୬୧୦୨୮୫୫୩





## ମାଦଳ

**କବି ବିପ୍ଳବ**

ଏବେ ଶୋଇପଡିଛି
ତାଙ୍କର ଭାଗ୍ୟ
ଟଙ୍କିକିଆ ଚାଉଳ ଆଉ
ହୋମ ଡ଼େଲିଭରିରେ ମିଳିଥିବା
ନାଲି ପାଣି ପିଇ ।
ତାଙ୍କର ସବୁ ବିସ୍ମରଣ ହେଇ ଯାଇଛି
ଗଙ୍ଗାଠୁଁ ଗୋଦାବରୀ
ଜୟ କରିବା ଗାଥା
ଚଣ୍ଡାଶୋକକୁ ଧର୍ମାଶୋକ କରିଥିବା
ସ୍ୱର୍ଣ୍ଣିମ ଇତିହାସ
ସମଗ୍ର ବିଶ୍ୱରେ ମହ ମହ
ବାସୁଥିବା ଅଭଡ଼ା
ଆଉ
ବ୍ଲାକ ପାଗୋଡାର
ଉତ୍ତର ଦାୟାଦ ବୋଲି ।
ମାଟି ମା କାର୍ପଣ୍ୟ କରିନି ଏଠି
ସବୁଜ ବନାନୀ, ଖଣିଜ ସମ୍ପଦରେ
ଭରପୁର ତାର କୋଳ
ଅଭାଗା ମଣିଷ ଦଳ ଖୋଜୁଛନ୍ତି
ସୁରଟରେ ସୁତା କଳ !
କେବେ ପାଣି ପାଇଁ
ଛତିଶଗଡର ଦାଦାଗିରି
କେବେ ସୀମା ପାଇଁ ବଙ୍ଗର ନାଲି ଆଖି
କେବେ ପୁଣି ଆନ୍ଧ୍ରର କୋଟିଆ ଚୋରି
ଏବେ ସବୁ ଦେହ ସୁଆ ତାଙ୍କ ପାଇଁ ।
ଭୂମି ଉପରେ ପାଦ ଥୋଇବାକୁ
ନା ପାଦରେ ଅଛି ବଳ
ନା ଶସ୍ତ୍ର ଧରିବାକୁ ଉଠୁଛି ହାତ
ତାଙ୍କର ଲୋଡ଼ା ଏବେ
ମନ୍ଦେ ନାଲିପାଣି
ଆଉ ଟଙ୍କିକିଆ ପେଜୁଆ ଭାତ !

♥ ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬



## ଚରିତ୍ର

**ଦୁଷ୍ମନ୍ତ ବେହେରା**

ମୋ ଚରିତ୍ରରେ
ମୁଁ ଅଭିନୟ କରୁଛି
ତୁମେ ତ ମୋ ଶ୍ରୋତା ...

ଶ୍ରୋତା ହୋଇ ଯଦି
ବିଦାୟ ନ ଦେବ ମୋର
ମୂଲ୍ୟ କ'ଣ ରହିବ...

ମୁଁ ଜାଣି ନାହିଁ ମୋ
ଅଭିନୟ ଦେଖି ତୁମେ
ଆସିବ କି ନାହିଁ ...

ତଥାପି ଅପେକ୍ଷା କରିବି
ମୋ ଶେଷ ସମୟର
ଚରିତ୍ରକୁ ନେଇ ...

ଆସ ଦେଖିବ ଯାହା ମୁଁ
ନେଉଛି ତୁମ ଭଲ ପାଇବା
ତୁମ ଓଠରେ ଆହା ...

ଗଲା ବେଳକୁ କଥା
ପଦେ କହୁଛି ମୋତେ
ଘୃଣା କର ...

ମୋ ଚରିତ୍ରର ଅଭିନୟକୁ
ଘୃଣା କରିବ ନାହିଁ
ମୁଁ ମୋ ଚରିତ୍ରରୁ .....
ବିଦାୟ ନେଉଛି

ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ : ୯୯୩୭୬୫୨୫୦୪

## ପ୍ରିୟାରୁ ଅପ୍ରିୟା

**ତାରାପ୍ରସାଦ ଜେନା**



ଦେଇଥିଲ ଯାହା ନେଇ ପାରିଲନି, ଦେଇଗଲ ପ୍ରତିକ୍ରିୟା
ପ୍ରେମ ଅଙ୍ଗାରକୁ ଉଖାରିଲ ଭଲ ଜଳିବାକୁ ଖାଲି କାୟା !
ନିଠୁରତା କେତେ ଜାଣିବାକୁ ହେଲା ସ୍ମୃତି ଚିଠି ସବୁ ପଢ଼ି
ଆମେ ବୁଲିଥିଲେ ସପନରେ ଦିନେ ମନବାତ ଘୋଡ଼ା ଚଢ଼ି !

ସେଇ ଘୋଡ଼ା ଅଛି ଲଗାମଟା ଛଡ଼ା, ଦୁଃଖ ଦରିଆରେ ପାଣି
ଅଭାଗାକୁ କାଳେ ଠେଲିଦେଲ ଆହା ଫେରିବାଟା ନାହିଁ ଜାଣି !
ମମତାର ମଧୁ ଚଖାଇବା ଏତେ ବିଷ ପୁଣି ଥିଲା ଶେଷେ
ଭାବିଦେଲେ କାହିଁ କୂଳ ପାଉନାହିଁ ବୁଡିଯାଏ ଅବସୋସେ !

ଲୁହ ମୋର ଦେଖି ତୁମେ ଥଟ୍ଟା କର ଦୁନିଆବି କରୁ ଥଟ୍ଟା
ଭାଗ୍ୟ ଯାହା ଆଜି ପରାଭବ ହେଲା ବଇଭବ ଶୂନ୍ୟ ଛଟା !

ସୁଖ କଥା ଆଉ ପଚାରନି ଜମା, ଠିକଣା ମୋ ହଜିଗଲା
ରାତି ଜହ୍ନ ସିନା ଅମାବାସ୍ୟା ବୁଢ଼େ, ପୂର୍ଣ୍ଣିମାଟା ଛପିଗଲା !

ହୃଦୟଟେ ଥିଲା ମୋର ପ୍ରିୟା ବୋଲି କହିବିନି ଆଉ କେବେ
ମନ ଅଭିଧାନୁ ପ୍ରିୟା ଶବ୍ଦ ମାତ୍ର କାଢ଼ିଦେବି ଏଇ ଭବେ !

♥ ରଣପୁର(ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର,
ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬, ଓଡ଼ିଶା
ମୋ: ୯୩୪୮୦୫୪୩୦୦

## ବୋଉ

**ଝରଣା ବାରିକ**



ସବୁ ସମ୍ପର୍କରେ ଧୂଳି ମଳି ଜମି
ମଇଳା ହେଇ ଗଲାଣି
ତାକୁ ସଫା କରିବା ପାଇଁ
ବୋଧ ହୁଏ ସାବୁନ କି ସୋଡା
ବାହାରି ନି ।

ଗୋଟିଏ ସମ୍ପର୍କ
ବେଶ୍ ଚିକ୍ ଚିକ୍ କରେ
ସକାଳର ଖରା ପରି
ପୂର୍ଣ୍ଣିମାର ଜହ୍ନ ଆଲୁଅ ପରି
ସଫା ଆଉ ଓ ସ୍ୱଚ୍ଛ।

ଯେତେ ମଳି ଜମିଲେ ବି
ଆହା : ଶବ୍ଦରେ
ପଥର ବି ପାଣି ହେଇଯାଏ

ଇଚ୍ଛା ଥାଉ କି ନ ଥାଉ
ଝୁଣ୍ଟି ପଡ଼ିଲେ ବି
ତା ନାଆଁ ପାଟିରୁ
ବାହାରି ଆସେ
ଆମ ଅଜାଣତରେ,
ଆମ ଲୁହ ଦେଖି
ତା ଆଖିରୁ ବହୁ ଥାଏ
ଅନବରତ ଲୁହର ଧାର

ତା କୋଳରେ ମୁଣ୍ଡ ରଖିଦେଲେ
ନିଦ ଆସି ଛୁଇଁ ଦିଏ
ଆଖି ପଲକକୁ
ହଜି ଯାଉ ସ୍ୱପ୍ନ
ଦୁନିଆଁର
ପରୀ ରାଇଜରେ।

ସେଇ ପଣତ କାନିକୁ
ଆମ ପାଖରୁ ଦୂରେଇ ଦେବାକୁ
ଆମେ ତା ପାଇଁ
ବୃଦ୍ଧା ଶ୍ରମର ବ୍ୟବସ୍ଥା ମଧ୍ୟ
କରି ସାରିଲେଣି।

ସିଏ କିନ୍ତୁ ବଦଳି ପାରିନି
ପାଖରେ ଥାଉ କି ଦୂରରେ
ଆଜି ବି ଆମ ପାଇଁ
ମାନସିକ ରଖିଥାନ୍ତି
ଆମରି ମଙ୍ଗଳ ଚିନ୍ତା କରୁଛି।

♥ ସମଲ, ତାଳଚେର,
ଅନୁଗୋଳ

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

**ଭାଗ-୫୪**

ସେଦିନ ଯେ ଗ୍ରହଣ ତିଥି, ଥିଲା ଏହା ଆମ ସମସ୍ତଙ୍କ ପାଇଁ ଥିଲା ଅଜ୍ଞାତ । କେବଳ କୃଷ୍ଣ ହିଁ ଏ ସବୁ ତିଥି, ନକ୍ଷତ୍ର ସମ୍ବନ୍ଧରେ ଜାଣିଥିଲେ । ତେଣୁ ସେ କୌଶଳ କରି ଜୟଦ୍ରଥ ବଧ କରାଇଦେଲେ । ବାସ୍ତବରେ କୃଷ୍ଣସଖା ଅର୍ଜୁନଙ୍କ ପ୍ରାଣନାଶ ଏତେ ସହଜ ନୁହେଁ । ପ୍ରତିମୁହୂର୍ତ୍ତରେ କେଶବ ଯାହାଙ୍କୁ ସୁରକ୍ଷା ଦେଇ ଆସୁଛନ୍ତି, ତାଙ୍କପାଇଁ କ'ଣ ବା ଅସମ୍ଭବ ।

ଜୟଦ୍ରଥଙ୍କ ମୃତ୍ୟୁପରେ ଆଚାର୍ଯ୍ୟ ଅବଶ୍ୟ ପ୍ରତିବାଦର ସ୍ୱର ଉଠାଇଥିଲେ । କହିଥିଲେ, ନିରସ୍ତ୍ର ଉପରେ ଅସ୍ତ୍ରପ୍ରହାର କରି ତୁମେ ଠିକ୍ କରିନ ଅର୍ଜୁନ । ଅର୍ଜୁନଙ୍କ ଉତ୍ତରକୁ ଅପେକ୍ଷା ନକରି ସ୍ୱୟଂ କେଶବ କହିଥିଲେ 'ହେ ଗୁରୁଶ୍ରେଷ୍ଠ ଆଚାର୍ଯ୍ୟ, ଆପଣଙ୍କ ଭଳି ଜଣେ ପ୍ରାଜ୍ଞପୁରୁଷଙ୍କ ପକ୍ଷେ କ'ଣ ସପ୍ତରଥୀଙ୍କ ହାତରେ ଅଭିମନ୍ୟୁ ବଧ ଠିକ୍ ହୋଇଥିଲା ? ଜଣେ ନିରସ୍ତ୍ର ବାଳକକୁ ଏକାକୀ ଯୁଦ୍ଧକ୍ଷେତ୍ରରେ ପାଇ କେହି କ'ଣ ଏକାକୀ ବଧ କରିପାରିଲେ ନାହିଁ । ଶେଷରେ ସପ୍ତରଥୀଙ୍କ ସାହାଯ୍ୟର ଆବଶ୍ୟକ ପଡ଼ିଲା । ଏଭଳି ଅନ୍ୟାୟ ତ କେବଳ ଅନ୍ୟାୟ ନୁହେଁ, ଘୋର ଅନ୍ୟାୟ । ଆଉ ଏବେ ଜୟଦ୍ରଥର ବଧ ପାଇଁ ନ୍ୟାୟ, ଅନ୍ୟାୟର ପ୍ରଶ୍ନ ଉଠୁଛି କାହିଁକି ?

ଅଭିମନ୍ୟୁ ବଧ ବେଳେ ମୁଁ ମଧ୍ୟ ସେଇ ସପ୍ତରଥୀଙ୍କ ମଧ୍ୟରେ ଜଣେ ସଦସ୍ୟ ଥିଲି । ଏକଥା ମଧ୍ୟ ଜାଣିଥିଲି ଅଭିମନ୍ୟୁ ବଧ ଯୁଦ୍ଧର ସମସ୍ତ ନୀତିନିୟମକୁ ଉଲ୍ଲଙ୍ଘନ କରି ନଥିଲା, ଘୋର ଅନ୍ୟାୟ, ଅଧର୍ମ ଓ ପକ୍ଷପାତି ଥିଲା । କାରଣ ଏକାଦିକ୍ରମେ ସାତ ସାତଜଣ ଯୋଦ୍ଧା ନିରସ୍ତ୍ର ବାଳକଟି ସହ ଯୁଦ୍ଧକରିବା କେବେ କେଉଁଠି ଦେଖାଯାଇ ନଥିଲା । ଅଭିମନ୍ୟୁର ବଳିଦାନ ତେଣୁ ଆଗାମୀ ଭବିଷ୍ୟତ ପାଇଁ ଇତିହାସ ସୃଷ୍ଟି କରିଥିଲା । ତା ତୁଳନାରେ ଜୟଦ୍ରଥ ବଧ ଏତେ ନୃଶଂସ ନଥିଲା କି, ଅନ୍ୟାୟ ନଥିଲା । ଏକାକୀ ଅର୍ଜୁନ ହିଁ ତାଙ୍କ ଉପରକୁ ଅସ୍ତ୍ର ଚଳାଇଥିଲେ । ତାଛଡ଼ା କୌରବପକ୍ଷ ଯଦି ପ୍ରଥମେ ହିଁ ନୀତିନିୟମର ନିର୍ଦ୍ଦିଷ୍ଟ ସୀମାରେଖା ଅତିକ୍ରମ କରିଥାନ୍ତି ତେବେ ପାଣ୍ଡବପକ୍ଷରୁ ଭୁଲ୍ ରହିଲା କେଉଁଠି ? ମୁଁ ସିନା ଦୁର୍ଯ୍ୟୋଧନଙ୍କ ଠାରେ ପ୍ରତିଶ୍ରୁତିବଦ୍ଧ ପାଇଁ ଅନ୍ୟାୟ ପକ୍ଷକୁ ସମର୍ଥନ କରୁଥିଲି । ନହେଲେ ମୋ ମନରେ ଏଭଳି ନ୍ୟାୟ, ଅନ୍ୟାୟ, ଧର୍ମଅଧର୍ମ ପାଇଁ ଝଡ଼ ଯେ ଉଠିନି ଏକଥା କେମିତି କହିବି ?

ଯେତେ ଯାହା ପ୍ରଳୟ, ଝଞ୍ଜା କୁରୁକ୍ଷେତ୍ରର ରଣକ୍ଷେତ୍ର ଆକାଶରେ ଘୋଟି ଆସିଲେ ବି ଦୁର୍ଯ୍ୟୋଧନଙ୍କ ପାଇଁ ମୁଁ ହିଁ ଥିଲି ଏକ ଶକ୍ତ ଖମ୍ବ। ଜୟଦ୍ରଥଙ୍କ ପାଇଁ ଗଭୀର ଦୁଃଖରେ ଭାଙ୍ଗି ପଡ଼ିଥିବା ଦୁର୍ଯ୍ୟୋଧନଙ୍କୁ ସମବେଦନା ଜଣାଇବାପାଇଁ ତାଙ୍କ ଶିବିରରେ ପହଞ୍ଚିଲି । ତାଙ୍କ କାନ୍ଧରେ ହାତପକାଇ ଆଖିରୁ ଲୁହ ପୋଛିଦେଲି। ତାଙ୍କ ମନରେ ଭରିଦେଲି ସାହସ । ଆଗକୁ ଯୁଦ୍ଧକ୍ଷେତ୍ରରେ ମୁଁ ମୋର ରଣକୌଶଳ ପ୍ରୟୋଗ କରି ତାଙ୍କ ପଟକୁ ଜିତାଇବି ଏକଥା ବୁଝାଇଦେଲି।

ଦୁର୍ଯ୍ୟୋଧନ ଚିରଦିନ ଏମିତି । ଏକାଧାରରେ କ୍ରୋଧୀ, ଅହଂକାରୀ, ମାନୀ ବୋଲି ତ ସେ ମାନଗୋବିନ୍ଦ । ଆଉ ମୁଁ ତାଙ୍କ ପାଖରେ ଥିଲେ ତାଙ୍କ ଦେହରେ ଯେମିତି ଶତସିଂହର ବଳ ଚେଇଁଉଠେ । ମୋ ପରାମର୍ଶ ଓ ଆଶ୍ୱାସନାରେ ମୋତେ କୋଳାଗ୍ରତ କରି କହିଲେ ମିତ୍ର କର୍ଣ୍ଣ, ତୁମେ ହିଁ ମୋର ସାହସ । ତୁମପ୍ରତି ମୋ ମନରେ ଯେଉଁ ବିଶ୍ୱାସ ରହିଛି, ସେ ବିଶ୍ୱାସ ଚିରଦିନ ଏମିତି ରହିଥାଉ । ତୁମେ ଏବେ ମୋ ବିଜୟ ପାଇଁ ମନପ୍ରାଣ ଦେଇ ଯୁଦ୍ଧକର ।

ସେଦିନର ଯୁଦ୍ଧ ବେଶ୍ ଭୟାନକ ଥିଲା । ରଣକ୍ଷେତ୍ରରେ ପହଞ୍ଚି ମୁଁ ଅର୍ଜୁନଙ୍କୁ ଚାରିଆଡ଼େ ଖୋଜିବୁଲିଲି । ଏବେବି ମୋ ହାତରେ ଇନ୍ଦ୍ରପ୍ରଦତ୍ତ ମହାଶକ୍ତି ରହିଛି, ଯାହା ସାଇତି ରଖିଛି କେବଳ ଅର୍ଜୁନଙ୍କ ପାଇଁ । କିନ୍ତୁ କୁଆଡ଼େ ଗଲେ ଅର୍ଜୁନ । ଅର୍ଜୁନଙ୍କୁ ମୋ ସମ୍ମୁଖରେ ଦେଖିବାପାଇଁ ମୋ ମନରେ ଯେତେଯେତେ ବ୍ୟଗ୍ରତା ଜାଗୁଛି, ଅର୍ଜୁନ ବୋଧେ ସେତେସେତେ ଦୂରେଇ ଯାଉଛନ୍ତି । ମୋର ସବୁ ଆହ୍ୱାନ ନିଷ୍ଫଳ ହେବାକୁ ଯାଉଛି । ଶୁଣିଥିଲି ବାସୁଦେବ କୃଷ୍ଣଙ୍କ ବିନା ନିର୍ଦ୍ଦେଶରେ ସେ କିଛି ବି କରନ୍ତି ନାହିଁ । ମୋ ସମ୍ମୁଖକୁ ଆସିବା ବୋଧହୁଏ ବାସୁଦେବ କୃଷ୍ଣଙ୍କର ଇଚ୍ଛା ନଥିଲା । ତେଣୁ ଯେତେ ଚେଷ୍ଟାକଲେ ମଧ୍ୟ ଅର୍ଜୁନ ମୋ ସମ୍ମୁଖକୁ ଆସୁନଥିଲେ ।

ପାଣ୍ଡବପକ୍ଷରୁ ସେଦିନ ଯୁଦ୍ଧ କରୁଥିଲେ ଭୀମସେନଙ୍କ ରାକ୍ଷସୀ ପୁତ୍ର ଘଟୋତ୍କଚ । ରାକ୍ଷସୀମାତାଙ୍କ ରକ୍ତରୁ ଜାତ ଘଟୋତ୍କଚ ମାୟାଯୁଦ୍ଧରେ ଧୁରନ୍ଧର । ତାଙ୍କର ରଣକୌଶଳର ବିଚକ୍ଷଣତା ସମଗ୍ର କୁରୁସୈନ୍ୟଙ୍କୁ ଅସ୍ତବ୍ୟସ୍ତ କରି ପକାଉଥିଲା । ବିବ୍ରତ ହୋଇପଡୁଥିଲେ ଦୁର୍ଯ୍ୟୋଧନ । ତାଙ୍କ ସମ୍ମୁଖକୁ ଯିବା ତ ଦୂରର କଥା, ତାଙ୍କସହ ମୁକାବିଲା କରିବାକୁ କାହାରି ମଧ୍ୟ ସାହସ ହେଉନଥିଲା । ଘଟୋତ୍କଚର ରଣନୀତି ଏଭଳି ଭୟାନକ ଥିଲା ଯେ, ଯେମିତି ମନେ ହେଉଥିଲା ଗୋଟିଏ ଦିନରେ କୌରବ ପକ୍ଷର ସମସ୍ତ ସେନାଙ୍କୁ ଏକାକୀ ନିଶ୍ଚିହ୍ନ କରିଦେବ । ଆଗାମୀକାଲିର ପ୍ରଭାତରେ ହୁଏତ ତାରି ହାତରେ ଏ ଯୁଦ୍ଧର ପରିସମାପ୍ତି ହୋଇଯିବ।

ମୁଁ କିଛି ବୁଝିପାରୁ ନଥିଲି । ଘଟୋତ୍କଚର ବୀରତ୍ୱ ପାଖରେ ଆମେସବୁ ସ୍ଥାଣୁ ପାଲଟି ଯାଇଥିଲୁ । ଧୈର୍ଯ୍ୟହରା ହୋଇ ପଡ଼ିଥିଲେ ଦୁର୍ଯ୍ୟୋଧନ । ଯୁଦ୍ଧଭୂମିରେ ମୋ ରଥ ପାଖାପାଖି ନିଜରଥକୁ ନେଇଆସି କହିଲେ ଆଉ ଡେରିକରନି ମିତ୍ର । ଖୁବ୍ ଶୀଘ୍ର ଘଟୋତ୍କଚକୁ ବଧକର । ଘଟୋତ୍କଚକୁ ବଧ କରିବାପାଇଁ କୌରବପକ୍ଷର ଆଉ କେହି କ'ଣ ନାହାଁନ୍ତି, ନା ମୋ ନିକଟରେ ଇନ୍ଦ୍ରପ୍ରଦତ୍ତ ମହାଶକ୍ତିଟି ଅଛି ବୋଲି ମୋତେ ହିଁ ଘଟୋତ୍କଚ ବଧ ପାଇଁ ବାଧ୍ୟ କରାଯାଉଛି ।

ହୋଇପାରେ, ମୁଁ ଦୁର୍ଯ୍ୟୋଧନର ଅନୁଗତ। ହେଲେ ମୋର ନିଜସ୍ୱ କିଛି ସ୍ୱାଧୀନତା ରହିଛି, ଏହା କେମିତି ଭୁଲିଯାଉଛନ୍ତି ମିତ୍ର । କବଚ କୁଣ୍ଡଳ ହରାଇବା ପରେ ଇନ୍ଦ୍ରପ୍ରଦତ୍ତ ଏହି ଅମୋଘ ଅସ୍ତ୍ରଟି ଯେ ମୋ ପାଇଁ ରକ୍ଷାକବଚ । ଯାହାକୁ ଏତେ ଯତ୍ନରେ ସାଇତି ରଖିଥିଲି କେବଳ ଅର୍ଜୁନ ପାଇଁ। ସେ କଥା କେମିତି ବୁଝାଇବି ଦୁର୍ଯ୍ୟୋଧନଙ୍କୁ । ସେ ତ କେବଳ ନିଜପାଇଁ ବିଜୟର ଧ୍ୱଜା ଉଡ଼ାଇବାକୁ ତତ୍ପର । ସେ କେମିତି ବୁଝିବେ, ଏଇ ଶେଷ ଅସ୍ତ୍ରଟି ମୋ ହାତରୁ ଚାଲିଗଲେ ମୁଁ ମୋ ନିଜ ଲଲାଟରେ ଆଙ୍କିଦେବି ମୃତ୍ୟୁର ଟୀକା। ଦୁର୍ଯ୍ୟୋଧନ କିନ୍ତୁ ତାଙ୍କ ଜିଦ୍‌ରେ ଅଟଳ । ବାରମ୍ବାର ସେ ମୋତେ ସେହି ଇନ୍ଦ୍ରପ୍ରଦତ୍ତ ଅସ୍ତ୍ର ଦ୍ୱାରା ଘଟୋତ୍କଚକୁ ମାରିବାପାଇଁ ଇଂଗିତ ଦେଉଥାନ୍ତି । ବିଦ୍ରୂପର ସହ କହୁଥାନ୍ତି ଆଗାମୀକାଲି ଆମେ ଘଟୋତ୍କଚ ହାତରୁ ବର୍ତ୍ତିଲେ ତ ଯାଇ, ତୁମେ ଅର୍ଜୁନଙ୍କ ପ୍ରତି ଶର ପ୍ରୟୋଗ କରିବ ।

ଅଭିମାନୀ, ଅହଂକାରୀ ଦୁର୍ଯ୍ୟୋଧନ ନିଜର ଜିଦ୍‌ଖୋର ପ୍ରକୃତି ପାଇଁ କାହାରି ସଦୁପଦେଶ ମାନିବାକୁ ପ୍ରସ୍ତୁତ ନଥାନ୍ତି । ସଂକଟର ବୋଝକୁ ମୁଣ୍ଡେଇ ଧରିଥାନ୍ତି । ଫଳରେ ବିନାଶ ତ କେବଳ ତାଙ୍କର ହୁଏନି ଭାଇ, ବନ୍ଧୁ, ଆତ୍ମୀୟ, କୁଟୁମ୍ବ ସମସ୍ତଙ୍କ ବିନାଶକୁ ଆମନ୍ତ୍ରଣ କରନ୍ତି । କଳେବଳେ କୌଶଳେ ସେ ତାଙ୍କ ଜିଦ୍‌କୁ ଯେମିତି ହେଉ ବଜାୟ ରଖିବାକୁ ସତତ ଚେଷ୍ଟିତ । ବିଷମ ସଂକଟ ମଧ୍ୟରେ ମୁଁ ଗତି କରୁଥିଲି । ରଣଭୂମିରେ ମୁଁ ଭୟଙ୍କର ମାନସିକ ଅସ୍ଥିରତାରେ ଦୋହଲୁଥିଲି। ଏକପଟେ ମୋ ଜୀବନର ରକ୍ଷାକବଚ ଅମୋଘଅସ୍ତ୍ର, ଅନ୍ୟପଟେ ଘଟୋତ୍କଚ ବଧ । ସେଦିନ ଅର୍ଜୁନ ପିତା ଇନ୍ଦ୍ରଦେବଙ୍କୁ କବଚ କୁଣ୍ଡଳ ଦାନକରି ମୁଁ ଶକ୍ତିଶୂନ୍ୟ ହୋଇପଡ଼ିଥିଲି। ଆଜି ପୁଣି ତାର ପ୍ରତିଦାନରେ ପାଇଥିବା ଅମୋଘ ଅସ୍ତ୍ରଟି ମୋ ହାତରୁ ଚାଲିଯିବାକୁ ବସିଛି । ବାସ୍ତବରେ ହତଭାଗା କର୍ଣ୍ଣର ଭାଗ୍ୟ ଏତେ ଅନ୍ଧାର ଏତେ ନିଷ୍ଠୁର ଯାହା କେହି କେବେ କଳ୍ପନା କରିପାରିବେ ନାହିଁ । ଦୁର୍ଯ୍ୟୋଧନଙ୍କର କର୍କଶ ଧ୍ୱନି ବାରମ୍ବାର ମୋ ଶ୍ରବଣେନ୍ଦ୍ରିୟରେ ପ୍ରତିଧ୍ୱନି ସୃଷ୍ଟି କରୁଥିଲା । ମୋତେ କେବଳ ଚାରିଆଡୁ ଶୁଭୁଥିଲା, ଘଟୋତ୍କଚକୁ ବଧ କର, ବଧ କର, ତୁମହାତରେ ଥିବା ଅମୋଘ ଅସ୍ତ୍ରକୁ ପ୍ରୟୋଗ କର । ଅସହ୍ୟ ହୋଇ ପଡୁଥିଲା ଏ ସମସ୍ତ ଗୁଞ୍ଜରଣ । ମୋତେ ଯେମିତି ଲାଗୁଥିଲା ଅମୋଘ ଅସ୍ତ୍ରଟି ଘଟୋତ୍କଚ ଉପରେ ନୁହଁ । ମୁଁ ମୋ ନିଜ ଉପରେ ହିଁ ପ୍ରୟୋଗ କରୁଛି ।

କୁରୁକ୍ଷେତ୍ର ରଣାଙ୍ଗନରେ ଲୋଟି ପଡ଼ିଥିଲା ଘଟୋତ୍କଚର ପ୍ରାଣଶୂନ୍ୟ ବିରାଟ ଶରୀର । କୌରବ ଶିବିରରେ ବାଜି ଉଠୁଥିଲା ବିଜୟର ଶଙ୍ଖନାଦ । ଚାରିଆଡୁ ଶୁଭୁଥିଲା ମୋର ଜୟଜୟକାର । ହେଲେ, ଏ ବିଜୟରେ ମୋତେ କ'ଣ ମିଳିଲା ? ଇନ୍ଦ୍ରପ୍ରଦତ୍ତ ଶକ୍ତି ଚାଲିଗଲା ଇନ୍ଦ୍ରଙ୍କ ପାଖକୁ । ମୁଁ ହୋଇଗଲି ସଂପୂର୍ଣ୍ଣ ଶକ୍ତିହୀନ। ମୁଁ ହୋଇଗଲି ସଂପୂର୍ଣ୍ଣ ନିଃସ୍ୱ । ବହୁକଷ୍ଟରେ ଅର୍ଜିଥିବା ସେହି ମହାଶକ୍ତିଟିର ଶୂନ୍ୟତା ମୁଁ ମର୍ମେମର୍ମେ ଅନୁଭବ କରୁଥିଲି । ମୋତେ ଯେମିତି ଲାଗୁଥିଲା, ମୋ ନିକଟରୁ ମହାଶକ୍ତିଟି ଚାଲିଯାଇନି ଯେ ମୋ ଜୀବନୀଶକ୍ତି ମଧ୍ୟ ନିଃଶେଷ ହୋଇଯାଇଛି । କେଉଁ ମୁହୂର୍ତ୍ତରେ ମୃତ୍ୟୁ ମୋତେ ସ୍ପର୍ଶ କରିବ ତା କିଏ ଜାଣେ ?

ଭାଗ୍ୟହୀନ କର୍ଣ୍ଣର ତ ଜୀବନ ଆଲେଖ୍ୟ ଏଇଆ । ଜନ୍ମର ପରମୁହୂର୍ତ୍ତରୁ ଭାଗ୍ୟ ସହ ସେ ଖେଳିଆସିଛି । ଅଭିଶାପର ବୋଝକୁ ବୋହିଆସିଛି । ଗୁରୁ-ବ୍ରାହ୍ମଣଙ୍କ ଅଭିଶାପ ଏବେବି ମୋ ରକ୍ତକୋଷରେ ପ୍ରଳୟର ବହ୍ନି ଜାଳିଛି । ସାରାଟା ଜୀବନ ମୋତେ କେବଳ ସହିବାକୁ ପଡ଼ିଛି । ତଥାପି ମୋର ନିସ୍ତାର ନାହିଁ। ତ୍ରାହି ନାହିଁ ।

ଏକପଟେ କୌରବ ଶିବିରରେ ବିଜୟର ଶଙ୍ଖଧ୍ୱନି ଅନ୍ୟପଟେ କୃଷ୍ଣଙ୍କ ପଞ୍ଚଜନ୍ୟ ଶଙ୍ଖର ନିନାଦ । ମୁଁ କିଛି ବୁଝିପାରୁ ନଥିଲି । ଘଟୋତ୍କଚ ମୃତ୍ୟୁରେ ପାଣ୍ଡବ ଶିବିରରେ ଶୋକପାଳନ କରିବାର କଥା, ଅଥଚ ଶଙ୍ଖନାଦ ପୁଣି କ'ଣ ପାଇଁ ? ଅନୁସନ୍ଧାନ କରି ଜାଣିବାକୁ ପାଇଲି, ମୋ ହାତରୁ ଇନ୍ଦ୍ରପ୍ରଦତ୍ତ ଶକ୍ତି ଚାଲିଯାଇଥିବା ଆନନ୍ଦରେ ଉଲ୍ଲସିତ କୃଷ୍ଣ । ନିଜର ପ୍ରିୟସଖା ଅର୍ଜୁନଙ୍କ ଜୀବନ ଏବେ ବିପଦଶୂନ୍ୟ । ସେଇ ଖୁସିରେ ଉଭୟ ସଖା ପରସ୍ପର ଖୁସି ମନାଉଛନ୍ତି।



କୃଷ୍ଣ ରହସ୍ୟ ଏବେ ମୋ ସମାନାରେ ସ୍ୱତଃ ଉନ୍ମୋଚିତ ହୋଇଗଲା । ଏଇଥିପାଇଁ ତେବେ, କୃଷ୍ଣ ଜାଣିଶୁଣି ଅର୍ଜୁନଙ୍କୁ ମୋ ସାମନାକୁ ଆସିବାକୁ ଦେଉ ନଥିଲେ । ଅପେକ୍ଷା କରିଥିଲେ ଏଇ ମୁହୂର୍ତ୍ତଟିକୁ ।

ବଡ଼ ବିଚିତ୍ର ଏ କପଟୀ କୃଷ୍ଣ ଚରିତ୍ର । ଖାଲି କପଟୀ ନୁହଁନ୍ତି ମାୟାବୀ ମଧ୍ୟ । କେତେବେଳେ କ'ଣ କରନ୍ତି ତାହା ବୁଝିବା ସହଜ ନୁହେଁ । ନିଜ ପ୍ରିୟସଖାଙ୍କ ସୁରକ୍ଷା ପାଇଁ ସବୁକିଛି ଅସମ୍ଭବକୁ ସମ୍ଭବ କରିବାପାଇଁ ସେ ପ୍ରସ୍ତୁତ । କୃଷ୍ଣ, ଅର୍ଜୁନ ଦୁହେଁ ଅଭିନ୍ନ ଆତ୍ମା । ଏକାତ୍ମ ଭାବେ ପରସ୍ପର ନିବିଡ଼ରୁ ନିବିଡ଼ତର । ଅର୍ଜୁନଙ୍କ ପ୍ରତିଟି ନିଃଶ୍ୱାସ ପ୍ରଶ୍ୱାସରେ ଉଚ୍ଚାରିତ ହେଉଥାଏ କୃଷ୍ଣନାମ । ସେଠାରେ ମୋର ବା ସ୍ଥାନ କାହିଁ । ସାରାଜୀବନ ମୁଁ ତ ଅନେକଙ୍କର ଅପ୍ରିୟ ହୋଇ ରହିଗଲି । ଅର୍ଜୁନଙ୍କ ଭଳି ମୋର ବା ସୌଭାଗ୍ୟ କାହିଁ ଯେ ମୁଁ କୃଷ୍ଣପ୍ରିୟ ହୋଇପାରିବି ।

ମୋ ମନରେ ଉଙ୍କି ମାରୁଥିଲା ଅଜସ୍ର ପ୍ରଶ୍ନବାଚୀ ସତରେ କ'ଣ ମୁଁ ମୋ ସ୍ୱପ୍ନକୁ ସାକାର କରିପାରିବି ? ମୋ ଆଶା, ଆକାଂକ୍ଷା, କାମନାକୁ ସଫଳ କରିପାରିବି । ଜୀବନ ତମାମ ସଂଘର୍ଷ କରିକରି ମୁଁ ଯେଉଁଥିପାଇଁ ଏବେବି ଜୀଇଁ ରହିଛି ତାହା କ'ଣ ସତରେ କେବେ ପୂରଣ ହୋଇପାରିବ ? କିଏ ଜାଣେ, ଆଗାମୀ ଦିନ ପୁଣି ମୋ ଭାଗ୍ୟରେ କ'ଣ ଅଛି ? ହତାଶା, ନିରୁତ୍ସାହ ମଧ୍ୟରେ ମୋ ଜୀବନ ଚକ ଗଡ଼ି ଚାଲୁଥିଲେ ମଧ୍ୟ ମୁଁ ନିଜେ ଆଶାବାଦୀ, ଏହାହିଁ ମୋ ପାଇଁ ସାନ୍ତ୍ୱନା, ପ୍ରେରଣା ।

*- ଅଠଚାଳିଶ -*

ଯୁଦ୍ଧ ଆରମ୍ଭ ପୂର୍ବରୁ କେତେ ପ୍ରସ୍ତୁତି, କେତେ ଯୋଜନା ପୁଣି କେତେ କଳ୍ପନା, ସ୍ୱପ୍ନ, ଆଶା, କାମନା । ପ୍ରତିଟି ମଣିଷ ପାଇଁ ଏହାହିଁ ତ ବ୍ୟତିକ୍ରମ। କିଛି ମିଳୁ ଅବା ନମିଳୁ, ସ୍ୱପ୍ନକୁ ନେଇ ଜୀଇଁ ରହିବାରେ ଆନନ୍ଦ ମିଳେ । ଆଶା, କାମନାକୁ ଆଗକୁ ବଢ଼ିବାରେ ପ୍ରେରଣା ଦିଏ । ତାକୁ ନେଇ ତ ଜୀବନ । ସେଇ ତ ଜୀବନର ପରିଭାଷା । ସଫଳତା ବିଫଳତା ତା ହାତମୁଠାରେ ନଥାଏ । ତଥାପି ଆଶାୟୀ ମନ ତାର ସଫଳତାର ସିଡ଼ିରେ ଚଢ଼ିବାର ସ୍ୱପ୍ନ ଦେଖେ ।

ଅତିବାହିତ ହୋଇଗଲାଣି ଯୁଦ୍ଧର ଚଉଦଟି ଦିନ । ଯୁଦ୍ଧ ଏବେ ପଞ୍ଚଦଶ ଦିବସରେ ଉପନୀତ। ଏହା ମଧ୍ୟରେ କୌରବ ପକ୍ଷର କେତେ ରଥୀ, ମହାରଥୀ ମାନଙ୍କର ବୀରଗତି ହୋଇସାରିଲାଣି। ପାଣ୍ଡବପକ୍ଷର ଅବସ୍ଥା ମଧ ତଦ୍ରୂପ । ହେଲେ, କ୍ଷତି ବେଶି ହୋଇଛି କୌରବପକ୍ଷର । ତଥାପି ଦୁର୍ଯ୍ୟୋଧନଙ୍କ ଆଶାୟୀ ମନ ବିଜୟ ନିଶାରେ ଉନ୍ମତ୍ତ । ବିଜୟ, ପରାଜୟର ସଂକେତ ସ୍ପଷ୍ଟ ବାରି ହୋଇ ପଡୁଥିଲେ ମଧ ଦୁର୍ଯ୍ୟୋଧନଙ୍କର ଲକ୍ଷ୍ୟ କେବଳ ନିଜର ବିଜୟ ।

ଆଚାର୍ଯ୍ୟ ଦ୍ରୋଣଙ୍କ ସେନାପତିତ୍ୱରେ କୌରବ ସେନା ଯୁଦ୍ଧରତ । ସମୟ ଅତିକ୍ରାନ୍ତ ହେଉଥିଲେ ମଧ ପଞ୍ଚପାଣ୍ଡବ ଏବେବି ଜୀବିତ । କୌରବପକ୍ଷର ଏତେ ବଡ଼ବଡ଼ ଯୋଦ୍ଧା ଥିଲେ ସୁଧା ପଞ୍ଚପାଣ୍ଡବମାନଙ୍କ ମଧ୍ୟରୁ ଜଣଙ୍କୁ ମଧ ବଧ କରିବା ତ ଦୂରର କଥା, ବନ୍ଦୀ କରିବାକୁ ବି ସକ୍ଷମ ହୋଇପାରି ନାହାଁନ୍ତି । ଦୁର୍ଯ୍ୟୋଧନଙ୍କ ଶତାଧିକ କଟୂକ୍ତି ଓ ଆକ୍ଷେପ କ୍ରମଶଃ ଅସହ୍ୟ ହୋଇପଡୁଛି ଆଚାର୍ଯ୍ୟଙ୍କ ପାଇଁ । ପରିସ୍ଥିତିରେ ପଡ଼ି ତାଙ୍କୁ ପାଣ୍ଡବଦ୍ରୋହୀ ହେବାକୁ ପଡ଼ିଛି । ବିବ୍ରତ ହୋଇ ସେ ଦୁର୍ଯ୍ୟୋଧନଙ୍କୁ କଥା ଦେଇଛନ୍ତି । ଯେମିତି ହେଉ ପାଣ୍ଡବବଧ କରିବେ, କିଛି ନହେଲେ ଯୁଧିଷ୍ଠିରଙ୍କୁ ବନ୍ଦୀକରି ତାଙ୍କ ସମ୍ମୁଖରେ ଛିଡ଼ା କରାଇବେ । ସମଗ୍ର ଆର୍ଯ୍ୟାବର୍ତ୍ତର ଗୁରୁଶ୍ରେଷ୍ଠ ଦ୍ରୋଣାଚାର୍ଯ୍ୟ, ସେ ପୁଣି ନିଜ ଶିଷ୍ୟମାନଙ୍କ ପାଖରେ ପରାଜିତ ହୋଇଯାଉଛନ୍ତି। ଅସଫଳ ହେଉଛନ୍ତି ବନ୍ଦୀ କରିବାରେ । ଏହାଠାରୁ ବଳି ଲଜ୍ଜାକର କଥା ଆଉ କ'ଣ ହୋଇପାରେ ।

ଜିଦ୍, ପ୍ରଖର ପୁଣି ଭୟଙ୍କର । ସେହି ଜିଦ୍‌ରୁ ଜନ୍ମନିଏ ପ୍ରତିଜ୍ଞା । ପ୍ରତିଜ୍ଞାର ଫଳ ଅମୃତ ହେଉ କି ବିଷ ହେଉ ତାକୁ ପୂରଣ କରିବାରେ ସ୍ୱତନ୍ତ୍ର ଆନନ୍ଦ ଥାଏ । ଆଚାର୍ଯ୍ୟଙ୍କ ଅବସ୍ଥା ସେଇଆ । ଦିନ ତମାମ ନିଜର ରଣକୌଶଳ ବଳରେ ଯୁଧିଷ୍ଠିରଙ୍କୁ କଳେବଳେ କୌଶଳେ ବନ୍ଦୀ କରିବେ, ଆଚାର୍ଯ୍ୟଙ୍କ ରଣକୌଶଳ ଆଗରେ ପାଣ୍ଡବମାନେ ନିତାନ୍ତ ନଗଣ୍ୟ । ତାଙ୍କ ସମ୍ମୁଖକୁ ଆସିଲାମାତ୍ରେ ପରାଜିତ ହେବା ଭୟରେ ଦୂରେଇ ରହୁଥିଲେ । ଯୁଧିଷ୍ଠିରଙ୍କୁ ବନ୍ଦୀ କରିବାପାଇଁ ଯେତେ କୌଶଳ ପ୍ରୟୋଗ କଲେ ମଧ ଅନୁଜ ଭାଇମାନେ ତାଙ୍କୁ ରକ୍ଷା କରୁଥିଲେ। ଶେଷରେ ପରିସ୍ଥିତି ଏଭଳି ହେଲା ଯେ, ଯୁଧିଷ୍ଠିର ଆଉ ଆଚାର୍ଯ୍ୟଙ୍କ ସମ୍ମୁଖକୁ ଆସିବାକୁ ସାହସ କଲେନାହିଁ। ଆଚାର୍ଯ୍ୟ କିନ୍ତୁ ନିଜ ପ୍ରତିଜ୍ଞା ପାଳନ ପାଇଁ ବିଭୋର । ତାଙ୍କ ଶରୀରରୁ ନିର୍ଗତ ହେଉଥିଲା ଏକ ଅପୂର୍ବ ତେଜ ।

କୁଳଗୁରୁ ଦ୍ରୋଣାଚାର୍ଯ୍ୟ ଉଭୟ କୁରୁ ପାଣ୍ଡବଙ୍କ ଗୁରୁ । ସମଗ୍ର ଆର୍ଯ୍ୟାବର୍ତ୍ତରେ ଗୁରୁ ଶ୍ରେଷ୍ଠ । ତାଙ୍କଭଳି ଯୋଦ୍ଧା, ବୀର ବିରଳ । ତାଙ୍କ ସମକକ୍ଷ ଯୋଦ୍ଧା ହେବାର ଗୌରବ ଅନ୍ୟ କେହି ଏଯାବତ୍ ପାଇପାରି ନାହାଁନ୍ତି । ଆଚାର୍ଯ୍ୟ ଦ୍ରୋଣ ମଧ ପିତାମହଙ୍କ ଭଳି ପାଣ୍ଡବପ୍ରେମୀ । ତାଛଡ଼ା ତାଙ୍କର ଅନ୍ୟ ଏକ ବିଶେଷ ଦୁର୍ବଳତା ରହିଛି ତାଙ୍କର ପ୍ରିୟ ଶିଷ୍ୟ ଅର୍ଜୁନଙ୍କ ପାଇଁ । ତଥାପି ସେ ଯେବେ ପ୍ରତିଜ୍ଞାବଦ୍ଧ ତାଙ୍କ ପକ୍ଷରେ ଅସମ୍ଭବ ବୋଲି କିଛି ନାହିଁ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


## ଭିନ୍ନ ଏକ ବୋଧିସତ୍ୱ

ରତ୍ନକାନ୍ତି ମିଶ୍ର



ସୁଅରେ ଭାସି ଯାଉଥିବା ପିମ୍ପୁଡି ପାଖକୁ
ପତ୍ରଟିଏ ଫୋପାଡି ଦିଅ
ଦେଖ ତା' ପାଦ ଏବେ
ଭରସାର ମଜଭୁତ ନାଆରେ
ସେ ଏବେ ସତେ ଅଭିଭୂତ
ତୁମ ଭିତରେ ବି ଅକସ୍ମାତ ଫୁଟି ଉଠିବ
ରୋମାଞ୍ଚିତ ଏକ ସୂକ୍ଷ୍ମ ଅନୁଭବ
ତୁମ ହୃଦେ ଭରିଯିବ ଅପୂର୍ବ ପୁଲକ..!
ତୁମ ଶୁଭ ମନାସି ପହଞ୍ଚିଯିବ
ଅନାହୂତ ବାର୍ତ୍ତାଟିଏ
ଛୁଇଁଯିବ ତୁମ ଅନ୍ତରର ନିଭୃତ ପ୍ରଦେଶ
ସଦିଚ୍ଛାରେ ଅବା ସହୃଦୟତାରେ
ତୁମେ ହେବ ବିସ୍ମିତ ବିମୋହିତ...!!
ଦେଖ ନର୍କରେ ଛଟପଟ
କେତେ ଅଭିଶପ୍ତ ଜୀବନ
ଖାଲି କାଣି ଆଙ୍ଗୁଠି ତୁମର
ଶ୍ରଦ୍ଧାରେ ବଢେଇ ଦିଅ
ତୁମ ପୁଣ୍ୟ ବଳରେ
କେହି ନା କେହି ଉଦ୍ଧାର ପାଉ ସେଠୁ
ଦେଖିବ....!
ତୁମ କରୁଣାସିକ୍ତ ମନରେ
କାହା ଆଶିର୍ବାଦର ଦାନା
ମୁକ୍ତା ଭଳି ସଂଚରି ଯିବ,
ଇତିହାସ ପୃଷ୍ଠାରେ...
ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଯିବ
ଏକ କାଳଜୟୀ ଜୀବନ ବୃତ୍ତାନ୍ତ
ତୁମେ ପରା ଭିନ୍ନ ଏକ ବୋଧିସତ୍ୱ ରୂପ...!!!


+ ଆଳି,କେନ୍ଦ୍ରାପଡା


## ପ୍ରତାରଣା

ସୁନନ୍ଦା ମହାନ୍ତି



ପ୍ରତାରଣାର ଅନ୍ୟ ନାମ
ନିଶ୍ଚୟ ତମେ
ହୁଏତ ତମେର ସ୍ୱରୂପ
ସ୍ତ୍ରୀ ଅବା ପୁରୁଷ
ଅବା ପ୍ରେମିକ ପ୍ରେମିକା
ହୁଏତ ବନ୍ଧୁ ବା ବାନ୍ଧବୀ କେହି
ଠକିଥିଲେ ଓ ଠକିଥିଲେ
ଉଭୟ ପ୍ରତାରଣା
କିଏ କହେ ବାଟବଣା
କିଏ କହେ ବିଶୃଙ୍ଖଳା
କିଏ କହେ ପଙ୍କରେ ପଶି
ଗୋଡ଼ଧୋଇବାକୁ ହୁଏ
ହେଲେ ପଙ୍କର ସ୍ୱରୂପ
ଲୋକ ଚିହ୍ନିବାରେ ଭୁଲ
ଶିଉଳୀ ହୋଇପାରେ କାରଣ
ନଚେତ ଚାରିପାଦ ଆଗକୁ ବଢିଲେ
ପଛକୁ ଚାହିଁବା ଭୁଲିଯାଇଛେ
ହୋଇପାରେ ଧୋକା, ବିଡମ୍ବନା
ଅବା ଭାଗ୍ୟର ଦ୍ୱାହି
ଭାରି ବାଧେ, ମରିଯାଏ ମନ
ଭାଙ୍ଗିଯାଏ ସ୍ୱପ୍ନ
ପଛକୁ ଲେଉଟି ଚାହିଁ ହୁଏନା
ମନସ୍ତାପରେ ଲାଭ କ୍ଷତି ବିଚାର
କହିହୁଏନା କି ସହିହୁଏନା
ଜଳୁଥିବା ନିଆଁର ଧୂଆଁ ନଥାଏ
ନିଗୁଡୁଥିବା ଲୁହରେ ଦାଗ ନଥାଏ
ଯିଏ ଭୋଗିଛି ସେ ଜାଣିଛି ସିନା ।


+ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫


## ସମ୍ପର୍କର ରଙ୍ଗ

# ଆଜିକାଲିର ଭକ୍ତ ଓ ଭକ୍ତି

ଶ୍ୱେତା ରାଉତ୍



ନାରୀମାନେ ଉପବାସ ରଖି ମାନସିକ ପୂରଣ କରିବା ପାଇଁ ମନ୍ଦିର ଯାଆନ୍ତି। ସୁଦଶା ବ୍ରତ ହେଉ କି ସାବିତ୍ରୀ ବ୍ରତ, ନୂଆ ଶାଢୀ ନହେଲେ ପୂଜାର ଯେମିତି ଫଳ ମିଳେନି ! ଆମେ ଯେଉଁ ବ୍ରତ କରନ୍ତି, ସେ ବ୍ରତର ମହିମା ଆମକୁ ଜଣା ନଥାଏ, ସେ ପୁରାଣର ଦାୟିତ୍ୱ ଓ ମୂଲ୍ୟବୋଧ କଣ ଶିଖାଏ ଜାଣିବାକୁ ଚାହାନ୍ତିନି, ସେ ବ୍ରତ କିଏ ଓ କାହିଁକି କରିଥିଲେ ଜଣାନଥାଏ। କିନ୍ତୁ ସେ ବ୍ରତରେ ନୂଆ ଶାଢୀ ପିନ୍ଧାହୁଏ ସେକଥା ସମସ୍ତଙ୍କର ମନେଥାଏ। ମନ୍ଦିର ଯିବାବେଳେ ଖୁବ୍ ସଜେଇ ହୋଇ ମନ୍ଦିର ଯାଆନ୍ତି। ମନ୍ଦିର ବେଢାରେ ପାଖରେ ଠିଆ ହୋଇଥିବା ସ୍ତ୍ରୀ ଲୋକଟି ଯଦି ଭଲ ଶାଢୀଟିଏ ପିନ୍ଧିଥାଏ, ନଜର ହଟେନି ତା ଉପରୁ। ଧାଡିରେ ଠିଆ ହେବାବେଳେ ସବୁ ମହିଳାମାନଙ୍କ ଉପରେ ଆଖି ଘୁରୁଥାଏ, କିଏ କେମିତିକା ଶାଢୀ ପିନ୍ଧିଛି, କିଏ କେମିତି ଚେନ୍, କାନଫୁଲ ପିନ୍ଧିଛି। କେଉଁ ପୁରୁଷଟି ଯଦି ତା ସ୍ତ୍ରୀକୁ ଅତି ଆଦରରେ ସାଙ୍ଗରେ ନେଉଥିବାର ବେଢାରେ ଦେଖାଯାଏ, ମନ ଭିତରେ ଇର୍ଷା ଓ ବିଦ୍ରୋହ ଏକା ସାଙ୍ଗରେ ଆସନ୍ତି। ଘରକୁ ଫେରିବା ପରେ ସ୍ୱାମୀ ଉପରେ ଅଭିଯୋଗ ଆରମ୍ଭ ହୋଇଯାଏ,'ଦେଖିଲ ସେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ କେତେ ଭଲପାଇବା ! ତା ସ୍ତ୍ରୀକୁ କେତେ ଭଲ ପାଉଛି, କେତେ ଦାମୀ ଶାଢୀ, କେତେ ମୋଟା ଚେନ୍ ପକେଇଚି ତା ସ୍ତ୍ରୀ ! ତମକୁ ତ ସବୁବେଳେ ନିଅଣ୍ଟ ପଡୁଛି, ମୋର ଭାଗ୍ୟ ଖରାପ ତମକୁ ବାହାହେଲି' । ପୂଜା କରିବାକୁ ଭକ୍ତିରେ ମନ୍ଦିର ଯାଇଥିବା ସ୍ତ୍ରୀ ଲୋକଟି ଠାକୁରଙ୍କ ପାଖକୁ କାହିଁକି ଯାଇଥିଲା ଓ କଣ ଦେଖିଲା, ଠାକୁର କେଉଁ ବେଶରେ ଥିଲେ, କିଛି ମନେ ରହେନାହିଁ । ମନେଥାଏ ମନ୍ଦିର ବେଢାରେ ଦାମୀ ଶାଢୀ ଓ ଗହଣା ପିନ୍ଧିଥିବା ସ୍ତ୍ରୀ ଲୋକ ଆଉ ମନ ଭିତରେ ନିଜେ ସେସବୁ ପ୍ରାପ୍ତ କରିବାର ଲୋଭ।

ଘରେ ଠାକୁର ପୂଜା କଲାବେଳେ ଠାକୁରଙ୍କୁ ଫୁଲ ଦେଉ ଦେଉ ମୁଣ୍ଡ ଭିତରେ ଅନେକ କଥା ଚାଲୁଥାଏ, କାଲି ଘରେ କିଏ କଣ କହିଥିଲା, କିଏ ଅପମାନ କଲା, କୁଆଡେ ଯିବାର ଅଛି, ରୋଷେଇରେ କଣ ହେବ, କେତେ ଟଙ୍କା କୁଆଡେ ଖର୍ଚ୍ଚ ହେଲା ଇତ୍ୟାଦି ଇତ୍ୟାଦି ଯାହାର ଅନ୍ତ ନାହିଁ। ଚନ୍ଦନ, ଫୁଲ, ଧୂପ, ନୈବେଦ୍ୟ କାହିଁକି ଇଶ୍ୱରଙ୍କୁ ସମର୍ପଣ କରାଯାଏ ଜଣାନଥାଏ, କିନ୍ତୁ ସବୁଦିନ ସମସ୍ତଙ୍କ ଠାକୁର ଘରେ ଏସବୁ ରିତିମତ ଚାଲେ। ମନରେ ଲୟ ରହୁ କି ନରହୁ ଏ ଗୋଟେ ଦାୟିତ୍ୱ ଭଳି କରାଯାଇଥାଏ। ସତେ ଯେମିତି ଠାକୁର ଉପାସ ଅଛନ୍ତି, କଦଳୀ ନଡିଆ ଭୋଗ ଖାଇବାକୁ ଅପେକ୍ଷା କରିଛନ୍ତି। ଠାକୁର ଯଦି ସତରେ ଖାଉଥାନ୍ତେ, କେହି କଣ କିଛି ଦେଉଥାନ୍ତେ ? ଧୂପ ଦୀପ ନଦେଲେ କାଳେ ଠାକୁର ରାଗିଯିବେ, ଧନଧାନ୍ୟ ଦେବେନାହିଁ। ଅଧିକ ଟଙ୍କାର ଘିଅ ପୋଡିଲେ ଠାକୁର ଅଧିକ ଖୁସି ହୋଇ ଆଶୀର୍ବାଦ ଅଜାଡି ଦେବେ। କର୍ମ ଥାଉ କି ନଥାଉ ଠାକୁରଙ୍କୁ ବି ଆମେ ଲାଞ୍ଚ ଦେଇ କିଛି ହାସଲ କରିବାକୁ ଚାହାନ୍ତି। 'ମୋତେ ସଫଳତା ମିଳିଲେ ତୋତେ ନଡିଆଟିଏ ଦେବି ଲୋ ମା'ଏହା ଆମମାନଙ୍କ ମାନସିକ ରହିଥାଏ। ଗୋଟେ ନଡିଆ ଲୋଭରେ ମା' ସଫଳତା ଦେଇଦେବେ, ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଯିଏ ସମଗ୍ର ବ୍ରହ୍ମାଣ୍ଡର ମାଲିକାଣୀ, ସେ ପୁଣି ଗୋଟେ ନଡିଆକୁ ଲୋଭ କରିବ !! ଆମେ କିନ୍ତୁ ମୂର୍ଖ ଭଳି ଇଶ୍ୱରଙ୍କୁ ଯାଚନ୍ତି। ଆମର ସବୁ ପୂଜା, ମାନସିକ ଆଳରେ କିଛି ପାଇବାର ସ୍ୱାର୍ଥ ଥାଏ।

ଇଶ୍ୱରଙ୍କ ଆଳରେ ମଣିଷ ନିଜ ସ୍ୱାର୍ଥର ପୂର୍ତ୍ତୀ କରେ। ଇଶ୍ୱର କହିନାହାନ୍ତି ନୂଆ ଶାଢୀ ନହେଲେ ସେ ପୂଜା ପାଇବେନି, କିଲେ ଘିଅର ଦୀପ ନଲଗାଇଲେ ସେ ସନ୍ତୁଷ୍ଟ ହେବେନି, ଲିଟରେ କ୍ଷୀର ନଢାଳିଲେ ସେ ପ୍ରସନ୍ନ ହେବେନି। ଇଶ୍ୱରଙ୍କୁ ଦେବାକୁ ଆମର କଣ ପରାକାଷ୍ଠା ଅଛି ? ଯେଉଁଠି ଆମେ ଇଶ୍ୱରଙ୍କ ଦାନ, ସେଠି ଆମେ କେଉଁ ପଦାର୍ଥ ଦେଇ ତାଙ୍କୁ ସନ୍ତୁଷ୍ଟ କରିଦେବା ତାହା ଆମର ମୂର୍ଖାମୀ।

ଇଶ୍ୱର କେବଳ ଭାବରେ ବନ୍ଧା, ଶ୍ରଦ୍ଧାରେ ବନ୍ଧା, ଭକ୍ତିରେ ବନ୍ଧା। ତାଙ୍କୁ କେବଳ ହୃଦୟରୁ ଅନନ୍ତ ପ୍ରେମ, ସମର୍ପଣ, ଭକ୍ତି ଓ ଆନନ୍ଦରେ ବାନ୍ଧି ରଖନ୍ତୁ। ଯେଉଁଥିପାଇଁ ଇଶ୍ୱର ଆମକୁ ପୃଥିବୀକୁ ଆଣିଛନ୍ତି, ତା'ର ମହତ୍ତ୍ୱ ବୁଝି ନିଜ କର୍ମ ପ୍ରତି ସଚେତନ ହୁଅନ୍ତୁ। ନିଜକୁ ସଜାଇବା ପାଇଁ, ନିଜେ କିଛି ପାଇଯିବା ପାଇଁ ମନରେ ସ୍ୱାର୍ଥ ରଖି ପୂଜା ବ୍ରତ ଆଳରେ ଇଶ୍ୱରଙ୍କୁ ମୋହରା କରିବା ଠିକ୍ ନୁହେଁ। ଭକ୍ତିକୁ ପଇସାରେ ତଉଲନ୍ତୁ ନାହିଁ। ଆପଣଙ୍କ ନିକଟରେ ଲକ୍ଷ ଲକ୍ଷ ଟଙ୍କା ଥାଇପାରେ, ଆପଣ ମହଣ ମହଣ ଘିଅ ପୋଡି ପାରନ୍ତି ଇଶ୍ୱରଙ୍କ ପାଇଁ, କିନ୍ତୁ ଇଶ୍ୱର ସବୁବେଳେ ତା ପାଖକୁ ଯାଇଥାନ୍ତି, ଯାହା ପାଖରେ ଅଣାଟିଏ ଥାଉ କି ନଥାଉ ମନରେ ଗଭୀର ଭକ୍ତି, ପ୍ରେମ, ସମର୍ପଣ ଓ ଇଶ୍ୱରଙ୍କ ପାଇଁ କୃତଜ୍ଞତାର ଛଳ ଛଳ ଦୁଇବୁନ୍ଦା ଲୁହ ଆଖିରେ ରହିଥାଏ।


+ ରାଉତ୍ କମ୍ପ୍ଲେକ୍ସ,କଟକ ରୋଡ୍,ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଅନାବାଦୀ, ଗୋଚର ଜମି ଜବରଦଖଲ ପ୍ରତିବାଦରେ ଯୁବ କଂଗ୍ରେସର ଡିସିପି ଅଫିସ ଘେରାଉ

ଭୁବନେଶ୍ୱର,୩୦/୦୩ (ନି.ପ୍ର): ରାଜ୍ୟ ରାଜଧାନୀ ଓ ଏହାର ଉପକଣ୍ଠସ୍ଥ ନାରଗୋଦା ଓ ଘଙ୍ଗାପାଟଣାରେ ସରକାରୀ ଜମି ଜବରଦଖଲ, ସାଧାରଣ ଜନତାଙ୍କ ଜମି ଉପରେ ବେଆଇନ୍ କବ୍ଜା ସହ ତାହାକୁ ନିଜ ନାମରେ ପ୍ଲଟ୍ କରି ବିକୁଛନ୍ତି ଜମି ମାଫିଆ। ଭୁବନେଶ୍ୱରରେ ଶାସନ କଳ, ଅମଲା ଓ ପୋଲିସ ବିଭାଗ ଥିବା ସତ୍ତ୍ୱେ ସେମାନଙ୍କ ନାକ ତଳେ ଚାଲିଛି ଏଭଳି ବେଆଇନ ଜମି ହଡ଼ପ। ଏହାର ପ୍ରତିବାଦ ସ୍ୱରୂପ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟ ସଭାପତି ଡକ୍ଟର ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ମଙ୍ଗଳବାର ଡିସିପି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଡକ୍ଟର ସ୍ମୃତି ରଞ୍ଜନ ଲେଙ୍କା କହିଛନ୍ତି ଯେ, ରାଜଧାନୀ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳରେ ମାଫିଆ ଓ ଚିଟ୍‌ଫଣ୍ଡ ଦଲାଲମାନେ ଅବାଧରେ ବେଆଇନ୍ ଜମି କାରବାର ଚଳାଇଛନ୍ତି। ସେମାନଙ୍କ କବ୍‌ଜାରେ ଅନାବାଦୀ ଓ ଗୋଚର ଜମି। ଏବେ ମାଫିଆମାନଙ୍କର ଏଭଳି ବେଆଇନ କାରବାରର ଶିକାର ହୋଇଛନ୍ତି ନାରଗୋଦା ଓ ଘଙ୍ଗାପାଟଣା ଗ୍ରାମବାସୀ। ସେମାନଙ୍କ ଅଭିଯୋଗ ହେଉଛି ଯେ ଶ୍ରୀକ୍ରିଷ୍ଣା କନ୍‌ଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ବ୍ରହ୍ମାନନ୍ଦ ମଙ୍ଗରାଜ ଏଭଳି ବେଆଇନ୍ ଜମି କାରବାରରେ ଲିପ୍ତ ଅଛନ୍ତି। ନାରଗୋଦାରେ ଥିବା ୪.୫୭୫ ଏକର (ପ୍ଲଟ୍ ନଂ-୬୧, ସୁବୁଦ୍ଧିପୁର) ଲିଜ୍ ଜମିକୁ ଚଂଚକତା କରି ଘରବାଡ଼ି ଓ ସ୍ଥିତିବାନ କରି ପ୍ରାୟ ୩୦ କୋଟି ଟଙ୍କାରେ ବିକ୍ରି କରିଛନ୍ତି। ଏହି ଜମି ସଂଲଗ୍ନ ସରକାରୀ ଅନାବାଦୀ ଓ ଗୋଚର ଜମିକୁ ମଧ୍ୟ ଜବରଦଖଲ କରିଛନ୍ତି। ଏହାର ବିରୋଧ କଲେ ଗ୍ରାମବାସୀଙ୍କୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଧମକାଇବା ଓ ମିଛ କେସ୍‌ରେ ଫସାଇବାର ଭୟ ଦେଖାଯାଉଛି। ସେହିପରି ଘଙ୍ଗାପାଟଣା ଗ୍ରାମରେ ଥିବା ପ୍ଲଟ୍ ନଂ-୧୨୧୪ ଜମି, ଗ୍ରାମଦେବୀଙ୍କ ପ୍ରାଚୀନ ମନ୍ଦିର, ମଣ୍ଡପ, ଜଳାଶୟ ଭାଙ୍ଗି ପାଖରେ ଥିବା ସମସ୍ତ ଗଛଗୁଡ଼ିକୁ କାଟି ଦିଆଯାଇଛି। ବେଆଇନ୍ ମାଟି ଚାଲାଣ କରାଯାଉଛି।

ସେହିପରି ତମାଣ୍ଡୋସ୍ଥିତ ଏକ ଜୁନିୟର କଲେଜ ନାଁରେ ମଧ ସେ ଚଂଚକତା କରିଛନ୍ତି। ପିଲାଙ୍କ କ୍ୟାରିୟର ଓ ଭବିଷ୍ୟତ ସହ ଖେଳୁଛନ୍ତି। ଏହାର ପ୍ରତିବାଦ କରି ଉଭୟ ଗ୍ରାମର ଶତାଧିକ ଗ୍ରାମବାସୀ ରାଜ୍ୟ ଯୁବ କଂଗ୍ରେସ ସହ ଡିସିପିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଯୁବ କଂଗ୍ରେସ ସଭାପତି ଡକ୍ଟର ସ୍ମୃତି ରଞ୍ଜନ ଲେଙ୍କା ଚେତାବନୀ ଦେଇଛନ୍ତି।

# ଶହୀଦ ଲକ୍ଷ୍ମଣ ନାଏକଙ୍କର ଦେଶପ୍ରେମ, ବୀରତ୍ୱ ଓ ନେତୃତ୍ୱ ଥିଲା ଅତି ବଳିଷ୍ଠ

ଭୁବନେଶ୍ୱର,୩୦/୦୩(ନି.ପ୍ର): ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟ, ମାତୃଭୂମିର ପରମପୂଜକ ଶହୀଦ ଲକ୍ଷ୍ମଣ ନାଏକଙ୍କର ଦେଶପ୍ରେମ, ବୀରତ୍ୱ ଓ ନେତୃତ୍ୱ ଥିଲା ଅତି ବଳିଷ୍ଠ । ଶହୀଦ ଲକ୍ଷ୍ମଣ ନାଏକ ଥିଲେ ଜନଜାତି ସମୁଦାୟଙ୍କ ଯଥାର୍ଥ ପ୍ରତିନିଧି ଏବଂ ତାଙ୍କରି ନେତୃତ୍ୱରେ ଜନଜାତିଙ୍କ ମଧ୍ୟରେ ନୂତନ ଚେତନା ଜାଗ୍ରତ ହୋଇଥିଲା ବୋଲି ଆଜି ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଆଜି ସନ୍ଧ୍ୟାରେ ଆୟୋଜିତ ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାଏକଙ୍କ ଶ୍ରାଦ୍ଧ ଉତ୍ସବରେ ଅତିଥି ଓ ବକ୍ତାମାନେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି । ଏହି ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ଉତ୍ସବରେ ଅତିଥିମାନେ ଉପସ୍ଥିତ ରହି ପ୍ରଥମେ ଶହୀଦ ଲକ୍ଷ୍ମଣ ନାଏକଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଲକ୍ଷ୍ମଣ ନାୟକଙ୍କୁ କୋରାପୁଟ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ମହାନାୟକ ବୋଲି ବର୍ଣ୍ଣନା କରିବା ସହ ଆଦିବାସୀମାନଙ୍କୁ ସଂଗଠିତ କରି ବ୍ରିଟିଶ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ବୋଲି ପ୍ରକାଶ କରିଥିଲେ । ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଲକ୍ଷ୍ମଣ ନାଏକଙ୍କୁ ଜଣେ ନିଃସ୍ୱାର୍ଥପର ନିର୍ଭୀକ ଜନସେବକ ଏବଂ ଜନସେବା ଯୋଗୁଁ ସେ ଲୋକଙ୍କର ପ୍ରିୟପାତ୍ର ଥିଲେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ ଯୋଗଦେଇ କହିଥିଲେ ଯେ ଓଡ଼ିଶାର ଯେଉଁ କେତେକ ସ୍ୱାଧୀନତା ସଂଗ୍ରାମୀ ଦେଶପ୍ରେମୀ ବୀର ନାଏକ ସ୍ୱାଧୀନତା ସଂଗ୍ରାମରେ ଆଦିବାସୀମାନଙ୍କ ନେତୃତ୍ୱ ନେଇଥିଲେ, ସେମାନଙ୍କ ମଧ୍ୟରେ ମହାତ୍ମା ଗାନ୍ଧୀଙ୍କର ପଟ୍ଟଶିଷ୍ୟ ଲକ୍ଷ୍ମଣ ନାଏକ ଅନ୍ୟତମ । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡ. ଲେନିନ୍ ମହାନ୍ତି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କହିଲେ ଯେ ଶହୀଦ ଲକ୍ଷ୍ମଣ ନାଏକଙ୍କ ସାଂଗଠନିକ ଦକ୍ଷତା ଓ ଅନନ୍ୟ ସାହସିକତା ଓ ନେତୃତ୍ୱ ଜନଜାତି ସଂପ୍ରଦାୟଙ୍କୁ ବ୍ରିଟିଶ ବିରୁଦ୍ଧରେ ସଂଘର୍ଷ କରିବା ପାଇଁ ପ୍ରେରଣା ଯୋଗାଇଥିଲା । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଲେ ଯେ ଶହୀଦ ଲକ୍ଷ୍ମଣ ନାଏକଙ୍କ ନାମରେ ରାଜ୍ୟ ସରକାର ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କଲେ ତାହା ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହୋଇପାରିବ । ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାଏକ କୋରାପୁଟ ମାଟିର ଜନଜାତିଙ୍କ ପାଇଁ ଅବିଶ୍ରାନ୍ତ ସଂଗ୍ରାମ କରିଥିଲେ ବୋଲି ଉଲ୍ଲେଖ କରିବା ସହ କୋରାପୁଟର ବିକାଶ ଆମର ଲକ୍ଷ୍ୟ ହେବା ଉଚିତ ବୋଲି ମତ ରଖିଥିଲେ । ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୀର ଶହୀଦ ଲକ୍ଷ୍ମଣ ନାଏକଙ୍କ ପାଇଁ କୋରାପୁଟର ଜନଜାତି ଗର୍ବିତ ବୋଲି ପ୍ରକାଶ କରିଥିଲେ ।

ସଭାପରେ ଜନଜାତି ସାଂସ୍କୃତିକ ଦଳ, କୋରାପୁଟର କଳାକାରମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା ।ଏହି ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ,ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା , ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ଶବରୀ ସାଂସ୍କୃତିକ ପରିଷଦର ସଦସ୍ୟବୃନ୍ଦ ଏବଂ ବହୁ ବୁଦ୍ଧିଜୀବୀ ଉପସ୍ଥିତି ଥିଲେ ।

# ୧୫ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୩୦/୦୩ (ନି.ପ୍ର): ଗୁରୁ ଦେବପ୍ରସାଦ ଦାସଙ୍କ ସ୍ମୃତିକୁ ଅନୁସରଣ କରି ତ୍ରିଧାରା ଦ୍ୱାରା ଦୁଇଦିନ ଧରି ଅନୁଷ୍ଠିତ ୧୫ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ ଉଦଯାପିତ ହୋଇଯାଇଛି ।

ଉଦ×ଯାପନୀ ସଂଧ୍ୟାର ଅତିଥିମାନେ ଥିଲେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ; ଭୁବନେଶ୍ୱର ମଧ୍ୟର ବିଧାୟକ ଅନନ୍ତ ନାରାୟଣ ଜେନା; ଭୁବନେଶ୍ୱର ବିମା ଲୋକପାଳ ସୁରେଶ ଚନ୍ଦ୍ର ପଣ୍ଡା; ବିଶିଷ୍ଟ ନୃତ୍ୟାଙ୍ଗନା ଗୁରୁ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସମ୍ପାଦିକା ଅରୁଣା ମହାନ୍ତି; ତ୍ରିଧାରାର କାର୍ଯ୍ୟରତ ସମ୍ପାଦିକା ସିମାଞ୍ଚଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା । ପ୍ରାରମ୍ଭରେ ସମ୍ମାନିତ ଅତିଥିଙ୍କ ଦ୍ୱାରା ବିଶିଷ୍ଟ ବଂଶୀବାଦକ ତଥା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ସଂଯୋଜକ ଓ ନିର୍ଦ୍ଦେଶକ ପଦ୍ମ ବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କୁ ଆଜୀବନ ସଙ୍ଗୀତ ସାଧନା ନିମନ୍ତେ ଗୁରୁ ଦେବପ୍ରସାଦ ଲାଇଫଟାଇମ ଆଚିଭମେଂଟ ସମ୍ମାନ ୨୦୨୧ ପ୍ରଦାନ କରାଯାଇଥିଲା ପରେ ପରେ ଗୁରୁ ଦେବପ୍ରଦାସ ସମ୍ମାନ ୨୦୨୧ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଅମୂଲ୍ୟ ଅବଦାନ ପାଇଁ ମାଲେସିଆର ପଦ୍ମଶ୍ରୀ ରାମଲି ଇବ୍ରାହିମ, କଥକ ନୃତ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବିଦୁଶି ସାସ୍ୱତୀ ସେନ ଏବଂ ଛଉ ନୃତ୍ୟ କ୍ଷେତ୍ରରେ ଗୁରୁ ସଦାଶିବ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ ୨୦୨୧ ଜାପାନର ଓଡ଼ିଶୀ ନୃତ୍ୟଶିଳ୍ପୀ କାଓରୀ ନାକା, ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ସଖୀ ନାଟ ଗୁରୁ ଆଲୋକ ବିଶୋଇ ଏବଂ ତେଲେଙ୍ଗାନାର ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଶ୍ରୀ ଜି ନାଗେଶ୍ୱରୀଙ୍କୁ ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବ ପରେ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଶୀ ନୃତ୍ୟ ଗୁରୁ ରାମଲି ଇବ୍ରାହିମ ଓ ତାଙ୍କ ଶିଷ୍ୟା ଗୀଥିକା ଶ୍ରୀଙ୍କ ଦ୍ୱାରା ଦୈତ୍ୟ ଓଡ଼ିଶୀ ନୃତ୍ୟରେ ମଙ୍ଗଳାଚରଣ ହରୀ-ହର ଯାହା ତାଳ ଏକତାଳୀ ଓ ରାଗ ପାହାଡ଼ି ଦରବାରୀ ଉପରେ ନିବଦ୍ଧ ଥିଲା ପରିବେସିତ ହୋଇଥିଲା । ପରେ ପରେ ଜାପାନର ଓଡ଼ିଶୀ ନୃତ୍ୟଶିଳ୍ପୀ କାଓରୀ ନାକାଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ଅର୍ଦ୍ଧନାରିଶ୍ୱର ଏବଂ ବିଦୁଶି ସାସ୍ୱତୀ ସେନଙ୍କ ଦ୍ୱାରା କଥକ ନୃତ୍ୟ ପରିବେସିତ ହୋଇଥିଲା । ଶେଷରେ ଗୁରୁ ସଦାଶିବ ପ୍ରଧାନ ଓ ସାଥୀଙ୍କ ଦ୍ୱାରା ଦଳଗତ ଛଉ ନୃତ୍ୟ ପରିବେସିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ରବୀନ୍ଦ୍ର ମଣ୍ଡପରେ ଉପସ୍ଥିତ ଦର୍ଶକ ମନଭରି ଉପଭୋଗ କରିଥିଲେ । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼. ଇ. ଶ୍ରୀନିବାସ ଘଟୁଆରୀ ।

# ୯ଟି ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ସହାୟତାରେ ୧୦୨ଟି ଗ୍ରାମ ପଞ୍ଚାୟତକୁ ଜଳ ଯୋଗାଣ

ଭୁବନେଶ୍ୱର,୩୦/୦୩ (ନି.ପ୍ର): ରାଜ୍ୟରେ ଏବେ ୪ଟି ଜିଲ୍ଲାରେ ୧୨ଟି ବ୍ଲକ୍‌ରେ ୯ଟି ବୃହତ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ କରୁଛି। ଏହା ମାଧ୍ୟମରେ ୧୦୨ଟି ଗ୍ରାମ ପଞ୍ଚାୟତକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏଥିରେ ୪୫ଟି ଗ୍ରାମ ପଞ୍ଚାୟତ ସଂପୂର୍ଣ୍ଣ ଓ ୫୭ଟି ଆଂଶିକ ଜଳ ଯୋଗାଣ ରହିଛି। ଏହାବାଦ୍ ୧୧୦ଟି ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଆସନ୍ତା କିଛିବର୍ଷ ଭିତରେ ଏସବୁ ପ୍ରକଳ୍ପ ସଂପୂର୍ଣ୍ଣ ହେବ ବୋଲି ବିଧାନସଭାରେ ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା। ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜେନା କହିଛନ୍ତି ଯେ ରାଜ୍ୟରେ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ ପାଇଁ ୨୨,୬୨୫ କୋଟି ଟଙ୍କାର ଅଟକଳ କରାଯାଇଛି। ଏଥିରେ ୧୦,୮୨୮.୨୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।



# ଜାତିଗତ ଜନଗଣନା , ଓବିସି ସଂରକ୍ଷଣ ପ୍ରସଙ୍ଗ ଉଠାନ୍ତୁ ମୁଖ୍ୟମନ୍ତ୍ରୀ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୩୦/୦୩ (ନି.ପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲ୍ଲୀ ଗସ୍ତ ଅବସରରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗକୁ ନେଇ ସେ କେନ୍ଦ୍ରମନ୍ତ୍ରୀ ଓ ଆବଶ୍ୟକ ପଡ଼ିଲେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହିତ ଜାତିଗତ ଜନଗଣନା ଓ ପଛୁଆବର୍ଗ ସଂରକ୍ଷଣ ପ୍ରସଙ୍ଗକୁ ଉତଥାପିତ କରିବା ପାଇଁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଆଜି ଏକ ଚିଠି ଲେଖି ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରିଛନ୍ତି । ଏହି ଚିଠିରେ ସେ ପ୍ରକାଶ କରିଛନ୍ତି ଯେ, ଜାତିଗତ ଜନଗଣନା ନ ହୋଇଥିବା ଯୋଗୁଁ ରାଜ୍ୟର ୫୨ ଭାଗ ପଛୁଆବର୍ଗ ଲୋକ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଥିବା ୨୭% ସ୍ଥାନ ସଂରକ୍ଷଣରୁ ବଞ୍ଚିତ ହେଉଛନ୍ତି । ସେହିଭଳି ଗତ ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନରେ ମାନ୍ୟବର କୋର୍ଟ ମଧ୍ୟ ସେମାନଙ୍କର ସଂରକ୍ଷଣକୁ ଅଗ୍ରାହ୍ୟ କରିଦେଲେ । ଫଳରେ ରାଜ୍ୟର ୫୨ ଭାଗ ଜନସାଧାରଣ ନିଜର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଲେ । ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ସହିତ ଉପସ୍ଥାପିତ କରି ଓଡ଼ିଶା ସଂରକ୍ଷଣ ଆଇନ୍‌କୁ ସମ୍ବିଧାନର '୯ମ ଅନୁଚ୍ଛେଦ'ର ଦୃଢ ଭାବେ ଉଠାଇବା ପାଇଁ ଶ୍ରୀ ବେହେରା ଏହି ପତ୍ରରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୫୯ ଜଣ ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୩୦/୦୩ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୫୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୨୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୧୭ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧୫ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତକାଲି ୩୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ।ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨ ଜଣ, ବାଲେଶ୍ୱର ଜିଲ୍ଲାରୁ ୩ ଜଣ, ବଲାଙ୍ଗୀରରୁ ୨ ଜଣ, କଟକରୁ ୪ ଜଣ, ଦେବଗଡରୁ ୧ ଜଣ, ଗଜପତିରୁ ୫, ଯାଜପୁରରୁ ୩ ଜଣ, ଖୋର୍ଦ୍ଧାରୁ ୧୪ ଜଣ, ମୟୂରଭଞ୍ଜ ଜିଲ୍ଲାରୁ ୪ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧୫ ଜଣ ଓ ଷ୍ଟେଟପୁଲରୁ ୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୭, ୬୦୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୮, ୦୩୫ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୪୦୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ମହିଳା କର୍ମଚାରୀ, ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩୦/୦୩ (ନି.ପ୍ର): ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରା) ପକ୍ଷରୁ ଆଜି ୨୦୧୯-୨୦ ଏବଂ ୨୦୨୦-୨୧ ବର୍ଷ ପାଇଁ ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ କରିଥିବା ରେଳବାଇ କର୍ମଚାରୀମାନଙ୍କ ପିଲାମାନଙ୍କୁ ସମ୍ବର୍ଦ୍ଧନା କରାଯାଇଛି ।

ସେହିଭଳି, ପୂର୍ବତଟ ରେଳପଥର ଉତ୍ସର୍ଗୀକୃତ ମହିଳା କର୍ମଚାରୀମାନଙ୍କୁ ମଧ୍ୟ ସେମାନଙ୍କର ଉତ୍ସର୍ଗୀକୃତ ଓ ନିଷ୍ଠାପର ସେବା ପାଇଁ ସମ୍ମାନିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦାନ କରି ପୂର୍ବତଟ ଓ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ତଥା ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନର ଅଧ୍ୟକ୍ଷ୍ୟା ସୁଶ୍ରୀ ଅର୍ଚ୍ଚନା ଯୋଶୀ କୃତି ଛାତ୍ରଛାତ୍ରୀ ଏବଂ ମହିଳା କର୍ମଚାରୀ ମାନଙ୍କୁ ସମ୍ମାନିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ମହିଳା କଲ୍ୟାଣ ସଂଗଠନର ସଦସ୍ୟା ମାନେ ମଧ୍ୟ ଉପସ୍ଥିତ ରହି ସମ୍ବର୍ଦ୍ଧନା ସଭାକୁ ପରିଚାଳନା କରିଥିଲେ ।

# ଶ୍ରୀମନ୍ଦିର ପ୍ରସଙ୍ଗରେ ଗୃହ କମିଟି ଗଠନ ହେଉ ବା ମନ୍ତ୍ରୀ ଗୃହରେ ବିବୃତ୍ତି ଦିଅନ୍ତୁ: ନରସିଂହ ମିଶ୍ର

ଭୁବନେଶ୍ୱର,୩୦/୦୩ (ନି.ପ୍ର): ଶ୍ରୀମନ୍ଦିରର ସୁରକ୍ଷା ସମ୍ପର୍କିତ ପ୍ରସଙ୍ଗ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବା କାରଣରୁ ଏହା ଉପରେ ବିଧାନସଭାରେ କହି ରେକର୍ଡ କରି ନେଲେ କିଛି ହେବ ନାହିଁ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର । ଶୂନ୍ୟ କାଳରେ ସେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ଶ୍ରୀମନ୍ଦିର ହେଉଛି ଓଡିଶାର ପରିଚୟ । ଯେତେବେଳେ ସେ ଆଇନ ମନ୍ତ୍ରୀ ଥିଲେ ସେତେବେଳେ ଶ୍ରୀମନ୍ଦିରରୁ ପଥର ଖସିଥିଲା ଓ ସେତେବେଳେ ଏ ସମ୍ପର୍କରେ ବିଧାନସଭାରେ ଉଦବେଗ ପ୍ରକାଶ ପାଇଥିଲା । ମାତ୍ର ଏବେ କରିଡର ନିର୍ମାଣ ନାମରେ ଶ୍ରୀମନ୍ଦିରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି । ବିଧାନସଭାରେ ବିଧାୟକ ମାନେ ଏବେ ଏହି ପ୍ରସଙ୍ଗ ଉଠାଇଲେଣି । ଏଏସଆଇର ଅନୁମତି ବିନା ଏହି କାମ ହେଉଛି ବୋଲି ମଧ୍ୟ ଅଭିଯୋଗ ହେଉଛି । ଯଦି ଏହା ସତ୍ୟ ହୋଇଥାଏ ତେବେ ଏହା ସାଂଘାତିକ । ପ୍ରସଙ୍ଗର ଗୁରୁତ୍ୱକୁ ଦେଖି ବାଚସ୍ପତି ଏକ ଗୃହ କମିଟି ଗଠନ କରନ୍ତୁ ଓ ବସ୍ତୁ ସ୍ଥିତିର ଜାଂଚ ପରେ କମିଟିର ରିପୋର୍ଟ ଗୃହକୁ ଜଣାନ୍ତୁ । ନ ହେଲେ ବାଚସ୍ପତି ବିଭାଗୀୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ଯେ ସେ ଏ ବିଷୟରେ ବକ୍ତବ୍ୟ ଦିଅନ୍ତୁ ।

# ରାଜ୍ୟରେ ଥିବା ଅଧାରୁ ଅଧିକ ଶୀତଳଭଣ୍ଡାର ଅଚଳ : କୃଷି ମନ୍ତ୍ରୀ ଅରୁଣ ସାହୁ



ଭୁବନେଶ୍ୱର,୩୦/୦୩ (ନି.ପ୍ର): ରାଜ୍ୟରେ ମୋଟ ୧୨୩ଟି ଶୀତଳ ଭଣ୍ଡାର ଥିବାବେଳେ ସେଥି ମଧ୍ୟରୁ ୭୯ଟି ଅଚଳ ଅବସ୍ଥାରେ ଅଛି । ସଚଳ ଥିବା ଶୀତଳ ଭଣ୍ଡାର ମଧ୍ୟରୁ କୃଷି ବିଭାଗର ୪ଟି ଶୀତଳ ଭଣ୍ଡାର ରହିଛି । ଯାହାର କ୍ଷମତା ୪ ହଜାର ମେଟ୍ରିକ ଟନ । ସମବାୟ ବିଭାଗ ଅଧୀନରେ ୧୮ଟି ଶୀତଳ ଭଣ୍ଡାର ରହିଛି । ଏଥିରୁ କେତେ ଅଚଳ ଓ କେତେ ସଚଳ ତାହାର ତଥ୍ୟ ମୋ ନାହିଁ ବୋଲି କୃଷି ମନ୍ତ୍ରୀ ଅରୁଣ ସାହୁ ଆଜି ବିଧାନସଭାରେ କହିଛନ୍ତି । ଏହା ସହ ଆହୁରି କହିଛନ୍ତି ଯେ ଯେହେତୁ ଶୀତଳ ଭଣ୍ଡାରଗୁଡିକୁ ଶିଳ୍ପ ଭାବେ ଗଣା ଯାଉଛି ତାହାର ବିଦ୍ୟୁତ ଦର ୟୁନିଟ ପିଛା ୪ ଟଙ୍କା ୩୦ ପଇସା ରହିଛି । ତେଣୁ ରାଜ୍ୟ ସରକାର ଓଇଆରସିକୁ ଶୀତଳ ଭଣ୍ଡାରଗୁଡିକୁ କୃଷି ଭିତ୍ତିକ ଶିଳ୍ପରେ ପରିଣତ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଏହା ଦ୍ୱାରା ବିଦ୍ୟୁତ ଜନିତ ଖର୍ଚ୍ଚ କମିବ । ବର୍ତ୍ତମାନ ରାଜ୍ୟ ସରକାର ପ୍ରତି ବର୍ଷ ଶୀତଳ ଭଣ୍ଡାରରେ ଖର୍ଚ୍ଚ ହେଉଥିବା ବିଦ୍ୟୁତ ଦେୟ ଉପରେ ୫୦ ପ୍ରତିଶତ ରିହାତି ଦେଉଛନ୍ତି । ଏହା ସହ ଛତୁ ଓ ଲେମ୍ବୁ ଉତ୍ପାଦନରେ ଓଡିଶା ୧ ନମ୍ବର ରାଜ୍ୟ ହୋଇଛି ଓ ବାଇଗଣରେ ଦୁଇ ନମ୍ବରରେ ରହିଛି । ସେହିପରି ଚାଉଳ ଉତ୍ପାଦନରେ ବଳକା ରାଜ୍ୟ ଓଡିଶା ଚତୁର୍ଥ ସ୍ଥାନରେ ରହିଛି । ବିଦେଶକୁ ୭୦୦ ମେଟ୍ରିକ ଟନ ଚାଉଳ ପଠାଯାଉଥିବାବେଳେ ଆଗକୁ ୧ ହଜାର ମେଟ୍ରିକ ଟନ ଚାଉଳ ପଠାଇବାକୁ ଲକ୍ଷ୍ୟ ରଖିଛନ୍ତି ସରକାର । ବିଧାନସଭାର ପ୍ରଶ୍ନକାଳରେ କୃଷି ମନ୍ତ୍ରୀ ଅରୁଣ ସାହୁ ଏହି ଉତ୍ତର ରଖିଛନ୍ତି ।

# ଅର୍ଥନୈତିକ ସର୍ଭେ ରିପୋର୍ଟରେ ସରକାରୀ ଦାବି : ଆମେ ଆଗରେ ରହିବୁ

ଭୁବନେଶ୍ୱର,୩୦/୦୩ (ନି.ପ୍ର): ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶା ୧୦.୧% ହାରରେ ଅର୍ଥାତ୍ ଉଚ୍ଚ ଅଭିବୃଦ୍ଧି ହାସଲ କରିବ; ଯାହା ଜାତୀୟ ହାର (୮.୮%) ଠାରୁ ଅଧିକ। ବିଧାନସଭାରେ ଆଜି ଉପସ୍ଥାପିତ ହୋଇଥିବା ୨୦୨୧-୨୨ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟରେ ସରକାର ଏଭଳି ଦାବି କରିଛନ୍ତି। କେବଳ ସେତିକି ନୁହେଁ, ଆସନ୍ତାବର୍ଷ ପାଇଁ ମଧ୍ୟ ଚିତ୍ର ଆଙ୍କିଛନ୍ତି ଯେ ଇତିମଧ୍ୟରେ କରୋନା ମହାମାରୀର ପ୍ରକୋପ ହ୍ରାସ ପାଇସାରିଛି ଏବଂ ମେ ?ସୁମୀ ବର୍ଷା ସ୍ୱାଭାବିକ ରହିବ। ତେ ?ଳ ମୂଲ୍ୟରେ ସ୍ଥିରତା ରହିପାରେ। ଏଣୁ ୨୦୨୨-୨୩ରେ ରାଜ୍ୟର ଅଭିବୃଦ୍ଧି ୯-୯.୫% ରହିବା ବିଚିତ୍ର ନୁହେଁ। ହେଲେ ସରକାର ଆଶଙ୍କା ପ୍ରକାଶ କରୁଛନ୍ତି ଯେ ସଂପ୍ରତି ରୁଷ୍-ୟୁକ୍ରେନ୍ ଯୁଦ୍ଧ ଜାରି ରହିଥିବା ପରିପ୍ରେକ୍ଷୀରେ ଆସନ୍ତାବର୍ଷ ଅର୍ଥନୀତି ବଡ ବିପଦର ସାମ୍ନା କରିପାରେ। ଆସନ୍ତାକାଲି ୨୦୨୨-୨୩ ବର୍ଷ ଲାଗି ବାର୍ଷିକ ଆୟ ବ୍ୟୟ ଅଟକଳ ରିପୋର୍ଟ (ବଜେଟ୍ ?) ଉପସ୍ଥାପନ ପୂର୍ବରୁ ଆଜିର ଅର୍ଥନୈତିକ ସର୍ଭେ ରିପୋର୍ଟକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ରିପୋର୍ଟରେ ସରକାର ସ୍ପଷ୍ଟ ଭାବେ ଉଲ୍ଲେଖ କରୁଛନ୍ତି ଯେ କରୋନା ମହାମାରୀ କବଳରୁ ଆପାତତଃ ମୁକୁଳିଯାଇଛି ଓଡ଼ିଶା। ଭାରତର ଅନ୍ୟ ସବୁ ରାଜ୍ୟ ତୁଳନାରେ ଓଡ଼ିଶା ଏଣିକି ଅଧିକ ଦ୍ରୁତ ଗତିରେ ଆଗକୁ ମାଡ଼ି ଚାଲିବ। ଅର୍ଥାତ୍ ରାଜ୍ୟ ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଉଭା ହେବ। ହେଲେ ରାଜ୍ୟ ଅର୍ଥନୀତି ବନାମ ବର୍ତ୍ତମାନର ସ୍ଥିତି ସଂପର୍କରେ ଯେଉଁ ଚିତ୍ର ଆକଳନ କରାଯାଇଛି, ତାହା ଅର୍ଥନୈତିଜ୍ଞ ବିଶେଷଜ୍ଞମାନଙ୍କୁ ବିସ୍ମିତ କରୁଛି। ସବୁଠାରୁ ବଡ଼ କଥା ହେଲା, କୃଷି କ୍ଷେତ୍ର ଉପରେ ରାଜ୍ୟର ସବୁଠାରୁ ଅଧିକ ଲୋକ (୪୮%) ନିର୍ଭର କରୁଥିବା ବେଳେ ଏହି କ୍ଷେତ୍ରକୁ ଝଟ୍ ?କା ଲାଗିଛି। ମୁଣ୍ଡପିଛା ଆୟ ଜାତୀୟ ହାର ଠାରୁ କମ୍ ରହିଛି ଏବଂ ଗରିବି କ୍ଷେତ୍ରରେ ମଧ୍ୟ ଅନୁରୂପ ଚିତ୍ର ଦେଖିବାକୁ ମିଳୁଛି। ତେବେ ସରକାର ଦାରିଦ୍ର୍ୟର ତୀବ୍ରତାକୁ ମାନକ (ଜାତୀୟସ୍ତରରେ ୪୭.୧୩% ବନାମ ଓଡ଼ିଶାରେ ୪୬.୪୨%) ଭାବେ ନେଇ ଏ କ୍ଷେତ୍ରରେ ଗୋଟିଏ ସକାରାତ୍ମକ ସଙ୍କେତ ପ୍ରଦାନ କରିବାକୁ ଚେଷ୍ଟା କରିଛନ୍ତି। ସେହିଭଳି ସହରାଞ୍ଚଳ ଅଭିବୃଦ୍ଧି ସଂପର୍କରେ ରିପୋର୍ଟରେ କୁହାଯାଇଛି, ଅଥଚ ଗ୍ରାମାଞ୍ଚଳ ଚିତ୍ର ନେଇ ନିରବ ଅଛନ୍ତି। ପୂରା ରିପୋର୍ଟରେ ଅନେକ ସୁନେଲି ଚିତ୍ର ଅଙ୍କାଯାଇଥିଲେ ବି ଓଡ଼ିଶାର ୬୦ ଭାଗ ଲୋକ ନିର୍ଭର କରୁଥିବା କୃଷି ଓ ଆନୁଷଙ୍ଗିକ ବା ସହଯୋଗୀ କ୍ଷେତ୍ର ସଂପର୍କରେ ଯେଉଁ ତଥ୍ୟର ଅବତାରଣା କରାଯାଇଛି ତାହା ଆନ୍ଦୋଳିତ କଲାଭଳି। ଗତବର୍ଷ ଭଳି ଏବର୍ଷ ମଧ୍ୟ ଦେଶ ତୁଳନାରେ ଓଡ଼ିଶାର ପ୍ରଦର୍ଶନ ଏ କ୍ଷେତ୍ରରେ ଅତ୍ୟନ୍ତ ଖରାପ ରହିବ। ୨୦୨୧-୨୨ ବର୍ଷରେ ମଧ୍ୟ କୃଷି କ୍ଷେତ୍ରର ବିକାଶ ଘଟିନି ବରଂ ୩.୪% ସଙ୍କୁଚିତ ହୋଇଯାଇଛି। ସରକାର ଏଥିପାଇଁ ମରୁଡି, ଅନିୟମିତ ବୃଷ୍ଟିପାତ, କ୍ୱାଦ୍, ଗୁଲ୍ଲାବ, ୟାସ୍ ଭଳି ବାତ୍ୟାକୁ ଦାୟୀ କରିଛନ୍ତି। ତେବେ ୨୦୨୧-୨୨ରେ ରାଜ୍ୟର ଶିଳ୍ପ ଅଭିବୃଦ୍ଧି ୧୪.୫%, ସେବା ଅଭିବୃଦ୍ଧି ୭.୯% ରହିଥିବା କୁହାଯାଇଛି। ରିପୋର୍ଟ କହୁଛି ଯେ ଶିଳ୍ପ କ୍ଷେତ୍ରର ଦୁଇ ଉପବିଭାଗ କୁହାଯାଉଥିବା ଉତ୍ପାଦନ ଶିଳ୍ପ (୧୪.୦୩%) ଓ ଖଣି ଶିଳ୍ପ (୧୮.୦୧%)ରେ ଚମତ୍କାର ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଅଗ୍ରୀମ ଆକଳନ ଅନୁଯାୟୀ ଓଡ଼ିଶା ଅର୍ଥନୀତିକୁ କୃଷି କ୍ଷେତ୍ରରୁ ପ୍ରାୟ ୨୦.୬%, ଶିଳ୍ପ କ୍ଷେତ୍ରରୁ ୩୯.୫%, ଓ ସେବା କ୍ଷେତ୍ରରୁ ସର୍ବାଧିକ ୩୯.୯% ଅବଦାନ ରହିବ।

# ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ନୂତନ ରାଜ୍ୟ ସଂଯୋଜକ

ଭୁବନେଶ୍ୱର,୩୦/୦୩ (ନି.ପ୍ର): ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ନୂତନ ରାଜ୍ୟ ସଂଯୋଜକ ଭାବେ ନିର୍ବାଚିତ ହୋଇଛନ୍ତି । ସମାଜସେବୀ, ସାମ୍ବାଦିକ ତଥା ଆଇନଜୀବୀ ଲିଙ୍ଗରାଜ ସାହୁଙ୍କୁ ଏହି ଦାୟିତ୍ୱ ଅର୍ପଣ କରାଯାଇଛି । ଭୁବନେଶ୍ୱରର ଉତ୍କଳ ସାମ୍ବାଦିକ ଭବନଠାରେ ଏହି ଅବସରରେ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ଜାତୀୟ ସମ୍ପାଦକ ଡ଼ ବିପିନ ବିହାରୀ ମିଶ୍ର ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମାଜରେ ଦିନକୁ ଦିନ ଦୁର୍ନୀତି ଓ ଭ୍ରଷ୍ଟାଚାର ଦୃତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଏହାଦ୍ୱାରା ସାଧାରଣ ଜନତା ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି । ଦୁର୍ନୀତିର ପ୍ରାଦୁର୍ଭାକୁ କିଛି ମାତ୍ରାରେ ପ୍ରତିହତ କରିବା ପାଇଁ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା ପକ୍ଷରୁ ଓଡ଼ିଶା ରାଜ୍ୟ ସଭାପତି ଭାବେ ଆଇନଜୀବୀ କିଶୋର ଚନ୍ଦ୍ର କର, ସମ୍ପାଦକ ଇଂ ବିପିନ ବିହାରୀ ନାୟକ ସମେତ ବିଭିନ୍ନ ଜିଲ୍ଲାର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଦାଦନ ଖଟୁଛି ହିତାଧିକାରୀ : ମେସିନ୍ କରୁଛି ମନରେଗା କାମ



ନୀଳଗିରି, ୩୦/୦୩ (ନି.ପ୍ର): ବୁଧବାର ଦିବା ୧୧ଘ. ସମୟରେ ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ୨୦୨୦/୨୧ ଆର୍ଥିକ ବର୍ଷର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ଏହି ଜନଶୁଣାଣି ଶିବିରରେ ସମସ୍ତ ନବନିର୍ବାଚିତ ସମିତିସଭ୍ୟ, ସରପଂଚ, ଲୋକ ପ୍ରତିନିଧି ବହୁ ଜନ ସାଧାରଣ ଉପସ୍ଥିତ ଥିଲେ । ବିଭିନ୍ନ ପଂଚାୟତରେ ଚାଲିଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ଜବ୍‌କାର୍ଡଧାରୀମାନେ କରୁ ନ ଥିବା ବେଳେ ମେସିନ୍ ଦ୍ୱାରା କରାଯାଉଛି ବୋଲି ନିର୍ବାଚିତ ପ୍ରତିନିଧିମାନେ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏପରିକି ଜବ୍‌କାର୍ଡଧାରୀମାନେ କାର୍ଯ୍ୟ ପାଉ ନ ଥିବାରୁ ଦାଦନ ଖଟିବାକୁ ଯାଉଛନ୍ତି । ବିଭିନ୍ନ ପଂଚାୟତରେ ବାଧକ ସାଜୁଥିବା ଜଙ୍ଗଲ ଆଇନ ଯୋଗୁଁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇ ପାରୁ ନ ଥିବାର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଜବ୍‌କାର୍ଡଧାରୀଙ୍କ ପେଟକୁ ଜେସିବି ମେସିନ୍ ନାତ ମାରୁଛି ବୋଲି ସଜନାଗଡ଼ର ଉପେନ୍ଦ୍ର କୁମାର ନାୟକ ଅଧିକାରୀଙ୍କୁ ପ୍ରଶ୍ନ କରିବା ସହ ମିଥ୍ୟାରେ ଜବ୍‌କାର୍ଡଧାରୀଙ୍କ ଅର୍ଥ ହରିଲୁଟ ହେଉଥିବା ବେଳେ ଜବ୍‌କାର୍ଡ ଧାରୀମାନଙ୍କର ନାମ ଏହି ଜନଶୁଣାଣି ଶିବିରରେ ଦର୍ଶାଇବା ପାଇଁ ରହିଁଥିଲେ । ମାତ୍ର ଜବ୍‌କାର୍ଡଧାରୀଙ୍କ ନାମ ବିଭାଗୀୟ ଅଧିକାରୀମାନେ ପରିପ୍ରକାଶ କରିପାରି ନ ଥିଲେ । ଫଳରେ ଶିବିରରେ ହୋହାଲ୍ଲା ହୋଇଥିଲା । ସେହିପରି ଆରବନ୍ଧ ପଂଚାୟତର ନୂତନ ସରପଂଚ କୁଳମଣୀ ନାୟକ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବ୍ୟବସ୍ଥାରେ ସଠିକ୍ ରୂପାୟନ କରିବା ପାଇଁ ଯୋଗାଣ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଭିନ୍ନ ପଂଚାୟତର ବହୁଧନୀ ଶ୍ରେଣୀର ବ୍ୟକ୍ତି, ଚାରିଚକିଆ ଯାନ ଥିବା ବ୍ୟକ୍ତି, ଚାକିରି କରିଥିବା ଓ ପେନସନ ପାଉଥିବା ବ୍ୟକ୍ତି, ବିଶେଷଙ୍କୁ ରାସନକାର୍ଡ ମିଳିଥିବା ନେଇ ପ୍ରଶ୍ନ କରିଥିଲେ । ୨୦୨୦-୨୧ ଆର୍ଥିକ ବର୍ଷରେ ଆରବନ୍ଧ ପଂଚାୟତରେ ବିଭିନ୍ନ ପ୍ରକଳ୍ପରେ ଦୁର୍ନିତି ହୋଇଥିବା ନେଇ ଜନଶୁଣାଣୀ ଶିବିରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଏପରିକି ପ୍ରଧାନମନ୍ତ୍ରୀ ଆବସ ଯୋଜନା, ମୋ ବଗିଚା ଯୋଜନାରେ ଦୁର୍ନିତୀ କରାଯାଇଥିବା ନେଇ ନବନିର୍ବାଚିତ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ । ମୋ ବଗିଚ୍ଚ ଯୋଜନାରେ ଗୋଟିଏ ପ୍ରକଳ୍ପ ଥାଇ ଉଦ୍ୟାନ ବିଭାଗ ପକ୍ଷରୁ ଉକ୍ତ ପ୍ରକଳ୍ପ ଦର୍ଶାଯାଇ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ହୋଇଥିଲା । ଏ ସମସ୍ତ ପ୍ରଶ୍ନର ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି ନୀଳଗିରି ବିଡିଓ ଅଶେଷ କୁମାର ନାୟକ ଶିବିରରେ ପ୍ରକାଶ କରିଛନ୍ତି । ଏହି ଜନଶୁଣାଣି ଶିବିରରେ ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ନୂତନ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ବିଡିଓ ଅଶେଷ କୁମାର ନାୟକ, ଉପାଧ୍ୟକ୍ଷ ଜ୍ୟୋର୍ତିମୟ ପୁଥାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତାଂଶୁ ପରିଡ଼ା, ଜି.ପି.ଓ. ମିନତୀ ମାରାଣ୍ଡି, ଯୋଗାଣ ବିଭାଗ ଅଧିକାରିଣୀ କଳ୍ପନା ପଣ୍ଡା, ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ, ଲୋକ ସଂପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ, ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବିଡିଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମାନସଙ୍କ ପୋଷ୍ଟମର୍ଟମ....

ଯୋଗୁ ମାନସଙ୍କ ମୃତ୍ୟୁ ହୋଇଛି । ମାନସଙ୍କୁ ଲୁହା ରଡ଼ରେ ମାଡ଼ ମରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ଇଙ୍ଗିତ କରାଯାଇଛି । ତଦନ୍ତ ସମୟରେ କ୍ରାଇମବ୍ରାଞ୍ଚ କେବଳ ଠେଙ୍ଗା ଜବତ କରିଛି । ତେବେ ହତ୍ୟାକାଣ୍ଡରେ ବ୍ୟବହୃତ ଅନ୍ୟ ସାମଗ୍ରୀ କୁଆଡ଼େ ଗଲା ସେନେଇ କୌଣସି ସୂଚନା ମିଳିନାହିଁ । ଶର୍ମିଷ୍ଠାଙ୍କୁ ଜେରା ପରେ ହୁଏତ ସେସବୁ ସାମଗ୍ରୀ ମିଳିପାରେ । ଶର୍ମିଷ୍ଠା ଓ ତାଙ୍କ ସହଯୋଗୀଙ୍କୁ ଚାଲିଛି ଜେରା । ହତ୍ୟା ରହସ୍ୟ ଖୋଳୁଛି କ୍ରାଇମବ୍ରାଞ୍ଚ । ରିମାଣ୍ଡର ଦ୍ୱିତୀୟ ଦିନରେ ଶର୍ମିଷ୍ଠା ଓ ତାଙ୍କ ସହଯୋଗୀଙ୍କୁ ମାରାଥନ ଜେରା କରିଛନ୍ତି କ୍ରାଇମବ୍ରାଞ୍ଚ ଅଧିକାରୀ । ଶର୍ମିଷ୍ଠା ଓ ତାଙ୍କ ସହଯୋଗୀଙ୍କୁ ଅଲଗା ଅଲଗା ପଚରାଉଚୁରା କରିବା ପରେ ସେମାନଙ୍କୁ ସାମନା ସାମନି ବସାଇ ଗୁଡେଇ ତୁଡେଇ ପ୍ରଶ୍ନ କରିଛି କ୍ରାଇମବ୍ରାଞ୍ଚ । ତେବେ ହତ୍ୟାକାଣ୍ଡ ପଛରେ ଥିବା ମେମୋରି ଚିପ୍ ରହସ୍ୟ ଲୁଚାଇବାକୁ କ୍ରାଇମବ୍ରାଞ୍ଚ ଅଧିକାରୀଙ୍କୁ ଶର୍ମିଷ୍ଠା ବିଭ୍ରାନ୍ତ କରୁଥିବା ସୂଚନା ମିଳିଛି । ଏପରିକି ମେମୋରି ଚିପରେ ବାହାଘର ଫଟୋ ଓ ଭିଡିଓ ଥିବା ଶର୍ମିଷ୍ଠା କହି ମାମଲାକୁ ନୂଆ ମୋଡ ଦେବାକୁ ଉଦ୍ୟମ କରିଥିବା ଜଣାପଡିଛି । ମାନସଙ୍କଠାରୁ ମେମୋରି କାର୍ଡ ହାତେଇ ଥିବା ଶର୍ମିଷ୍ଠା ମାନିଛନ୍ତି, ହେଲେ ତାହା ଏବେ କେଉଁଠି ଅଛି ସେନେଇ କ୍ରାଇମବ୍ରାଂଚ ସ୍ପଷ୍ଟ ତଥ୍ୟ ହାସଲ କରିପାରିନାହିଁ । ୪ଟି ଟିମ୍ କରି ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଆଗକୁ ହତ୍ୟାକାଣ୍ଡସ୍ଥଳକୁ ଅଭିଯୁକ୍ତମାନଙ୍କୁ ନେଇ ସିନ୍ ରିକ୍ରିଏସନ କରିବ । କେଉଁଠି ହତ୍ୟା କରିଥିଲେ, ହତ୍ୟା ପରେ ଶବକୁ ଲୁଚାଇବା ପାଇଁ କଣ କରିଥିଲେ, ଚିପ କେଉଁଠି ଅଛି, ସେସବୁର ଟିକନିକ୍ ତଥ୍ୟ ଆଦାୟ କରିବ କ୍ରାଇମବ୍ରାଂଚ ।

### ବିଧାନସଭାରେ କଦାମଚଳା....

ରାଜ୍ୟ ଅର୍ଥମନ୍ତ୍ରୀ କହିଥିଲେ ଯେ ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ୍ ଆକଳନ ମଧ୍ୟରୁ ପ୍ରଶାସନିକ ଖର୍ଚ୍ଚ ବାବଦକୁ ୮୯,୬୨୦ କୋଟି ଟଙ୍କା ରହିଥିବା ବେଳେ କାର୍ଯ୍ୟକ୍ରମ ଖର୍ଚ୍ଚ ବାବଦକୁ ୧,୦୦,୦୦୦ କୋଟି ଟଙ୍କା , ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଖର୍ଚ୍ଚ ୩,୨୧୦ କୋଟି ଟଙ୍କା ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ହେଉଥିବା ଅର୍ଥରୁ ଖର୍ଚ୍ଚ ବାବଦକୁ ୭,୧୭୦ କୋଟି ଟଙ୍କା ରହିଛି । ଏହି ବଜେଟ୍ ରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ବ୍ୟୟ ଅଟକଳ ବୃଦ୍ଧି କରାଯାଇ ୨୦,୩୪୪ କୋଟି ଟଙ୍କା ଆକଳନ କରାଯାଇଛି । ସେହିପରି ଶିକ୍ଷା ଓ ଦକ୍ଷତା କ୍ଷେତ୍ର ପାଇଁ ୨୩,୯୪୭ କୋଟି ଟଙ୍କା , ସ୍ୱାସ୍ଥ୍ୟଳ କ୍ଷେତ୍ରରେ ୧୨,୨୪୧ କୋଟି ଟଙ୍କା ର ବ୍ୟୟ ବରାଦ କରାଯାଇଛି । ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପ ପାଇଁ ୮,୨୫୫ କୋଟି ଟଙ୍କାର ପୁଂଜି ବିନିଯୋଗ ହେବାକୁ ଥିବା ବେଳେ ଅନୁସୂଚିତ ଜନଜାତି ଓ ଜାତି ମାନଙ୍କ ପାଇଁ ଚିହ୍ନଟ ଯୋଜନା ଦ୍ୱାରା କାର୍ଯ୍ୟକ୍ରମ ବ୍ୟୟ ମାଧ୍ୟମରେ ୩୩,୨୦୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଟିକସ ଓ ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର ଅନୁପାତ ୨୦୨୨-୨୩ ରେ ୬.୪ ପ୍ରତିଶତ ହେବା ଅଟକଳ କରାଯାଇଛି । ମୋଟ ରାଜସ୍ୱରେ ନିଜସ୍ୱ ରାଜସ୍ୱ ର ଭାଗ ପ୍ରାୟ ୫୮% ହୋଇପାରିଛି । ରାଜସ୍ୱ ବଳକା, ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର ୨.୭% ହେବ ବୋଲି ଆକଳନ କରାଯାଇଛି । ବିତୀୟ ନିଅଂଟ , ଘରୋଇ ଉତ୍ପାଦର ଧାର୍ଯ୍ୟ ଲକ୍ଷ୍ୟର ୩ % ମଧ୍ୟରେ ସୀମିତ ରହିବ । ପୁଂଜି ବ୍ୟୟ ବାବଦକୁ ୪୦,୦୧୧ କୋଟି ଟଙ୍କା ଅଟକଳ କରାଯାଇଛି । ଏହା ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (ଜିଏସଡିପି)ର ୫.୬ପ୍ରତିଶତ ଅଟେ ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି ।

### ଶାନ୍ତି ବୈଠକ ପରେ କିଭରୁ ....

ଏହାସହିତ ବିପୁଳ ପରିମାଣରେ ଯୁଦ୍ଧାସ୍ତ୍ର ହରାଇ ରୁଷୀୟ ସେନାବାହିନୀ ଅଣନ୍ୟାନ୍ତ ହୋଇଯାଇଥିବା ୟୁକ୍ରେନ ପ୍ରତିରକ୍ଷା ବିଭାଗରୁ ଦାବି କରାଯାଇଛି । ୩୫ ଦିନ ଧରି ୟୁକ୍ରେନରେ ଯୁଦ୍ଧ ଚାଲିଥିବାବେଳେ ଏତେ ଛୋଟ ଦେଶ ଉପରେ ଦଖଲ କରିପାରୁନାହାଁନ୍ତି ଶକ୍ତିଶାଳୀ ରାଷ୍ଟ୍ରମୁଖ୍ୟ ଭ୍ଲାଦିମିର ପୁଟିନ । ବିପୁଳ ସେନାବଳ ଓ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଥିଲେ ବି ୟୁକ୍ରେନ ସେନା ଆଗରେ ରୁଷ ସେନା ହାର ମାନୁଥିବା ଦେଖିବାକୁ ମିଳିଛି । ଏହାପଛରେ ପାଶ୍ଚାତ୍ୟ ଦେଶର ସହଯୋଗ ମୁଖ୍ୟ କାରଣ ବୋଲି କୁହାଯାଉଛି । ଆମେରିକା, ବ୍ରିଟେନ୍, ସୁଇଜରଲ୍ୟାଣ୍ଡ ଭଳି ବିଭିନ୍ନ ପାଶ୍ଚାତ୍ୟ ଦେଶର ସାମରିକ ସହଯୋଗ ଫଳରେ ରୁଷ ସେନା ଆଗରେ ଚଟାଣ ଭଳି ଛିଡା ହୋଇ ପାରିଛି ଜେଲେନସ୍କିଙ୍କ ସେନା । ସେପଟେ ଯୁଦ୍ଧ ଦିନ ବଢିବା ୟୁକ୍ରେନ ଓ ରୁଷିଆ ସମେତ ସାରା ବିଶ୍ୱରେ ଏହାକୁ ନେଇ ଅନେକ ସମସ୍ୟା ବଢିବାରେ ଲାଗିଲାଣି । ଏଭଳି ସ୍ଥିତି ଭିତରେ ଦୁଇ ଦେଶର ରଷ୍ଟ୍ରମୁଖ୍ୟ ସାମ୍ନା ସାମ୍ନି ବୈଠକ କରିବେ ବୋଲି ସୂଚନା ମିଳିଛି । ଆଗାମୀ ଦିନରେ ଶାନ୍ତି ପ୍ରତିଷ୍ଠା ପାଇଁ ପୁଟିନ୍ ଓ ଜେଲେନସ୍କିଙ୍କ ମଧ୍ୟରେ ଆଲୋଚନା ହୋଇପାରେ ବୋଲି ସଂକେତ ମିଳିଛି । ଆଉ ଏହାକୁ ନେଇ ବିଶ୍ୱବାସୀଙ୍କ ଉତ୍କଣ୍ଠା ବଢିଗଲାଣି ।

### ଦରବୃଦ୍ଧିକୁ ନେଇ ମୋଦୀଙ୍କ....

କରିଛନ୍ତି । ଦର ବୃଦ୍ଧିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ନେତା ରାହୁଲ୍ ଗାନ୍ଧି । ଟୁଇଟରରେ ପ୍ରଧାନମନ୍ତ୍ରୀଙ୍କ ଟୁଡୁ ଲିଷ୍ଟ ଜାରି କରି ସମାଲୋଚନା କରିଛନ୍ତି ରାହୁଲ । ରାହୁଲ ଗାନ୍ଧୀଙ୍କ ଏହି ଟୁଇଟ ଏବେ ବେସ ଚର୍ଚ୍ଚା ସୃଷ୍ଟି କରିଛି । ଟୁଇଟରରେ ନେତାଙ୍କ ମଧରେ ବାକ ଯୁଦ୍ଧ ମଧ ଆରମ୍ଭ ହୋଇଛି । ଦରବୃଦ୍ଧି, ବେକାରୀ ଓ କୃଷି ପ୍ରସଙ୍ଗକୁ ନେଇ ବାରମ୍ବାର ପ୍ରଧାନମନ୍ତ୍ରୀ ମୋଦି ଓ ବିଜେପି ସରକାରଙ୍କୁ ସମାଲୋଚନା କରିଆସୁଛନ୍ତି ରାହୁଲ ଗାନ୍ଧୀ । କିନ୍ତୁ ମଙ୍ଗଳବାର କରିଥିବା ଏହି ଟୁଇଟ ପାଇଁ ,ସେ ଏବେ ବେସ ଚର୍ଚ୍ଚାରେ ରହିଛି ।

## ଭୁବନେଶ୍ୱର ବାର୍ ଆସୋସିଏସନ ପକ୍ଷରୁ ଶପଥ ଗ୍ରହଣ ଉତ୍ସବ

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ଭୁବନେଶ୍ୱର ବାର୍ ଆସୋସିଏସନ ପକ୍ଷରୁ ଓକିଲ ସଂଘର ବାର୍ ଆସୋସିଏସନ ହଲ୍ ନଂ-୧ରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଶପଥ ଗ୍ରହଣ ଉତ୍ସବରେ ନବନିର୍ବାଚିତ ହୋଇଥିବା ସମସ୍ତ ନିର୍ବାଚିତ ପଦାଧିକାରୀଙ୍କୁ ଶପଥ କରାଇଥିଲେ ନିର୍ବାଚନ ଅଧିକାରୀ ଜଗନ୍ନାଥ ଦାସ, ଆଶିଷ ଦାସ, ସୁବାସ ଶତପଥୀ, ରାଜେନ୍ଦ୍ର ହୋତା, ସୌଭାଗ୍ୟ ଶଙ୍କର ଦେଓ । ଆସୋସିଏସନ ସଭାପତି ଭାବେ ରବି ନାରାୟଣ ସାମନ୍ତରାୟ ନିର୍ବାଚିତ ହୋଇଥିବାବେଳେ ରାଜକିଶୋର ଦାସ ସମ୍ପାଦକ, ଅଭିମନ୍ୟୁ ସ୍ୱାଇଁ ଉପସଭାପତି, ରାଜେନ୍ଦ୍ର କୁମାର ଦାସ ସହ ସମ୍ପାଦକ, ଅଶୋକ କୁମାର ବଡ଼ପଣ୍ଡା ଯୁଗ୍ମ ସମ୍ପାଦକ, ଦିବାକର ମିଶ୍ର କୋଷାଧକ୍ଷ ଏବଂ କାର୍ଯ୍ୟକାରୀ ସଭ୍ୟ ରୂପେ ସବ୍ୟସାଚୀ ସୂତାର, କୁଳଦୀପ ରାଉତରାୟ, ଅବିନାଶ ମହାନ୍ତି, ଚିତ୍ରସେନ ଶ୍ରୀଚନ୍ଦନ, ଅଶୋକ କୁମାର ସାହୁ, ବିମଳ କେଶରୀ ଦାସ, ପ୍ରଦୀପ୍ତ କୁମାର ପାଲ, ଦିପ୍ତିରଞ୍ଜନ ଦଳାଇ, ଅମିତ୍ରା ସାହୁ, ବନ୍ଦିତା ସାମଲ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ଶପଥ ଗ୍ରହଣ ଉତ୍ସବକୁ ଜଗନ୍ନାଥ ଦାସ ପରିଚ୍ଚଳନା କରିଥିଲେ । ସର୍ବଶେଷରେ ରାଜକିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ୮୭ତମ ଉପଖଣ୍ଡସ୍ତରୀୟ ଉତ୍କଳ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ




ନୀଳଗିରି, ୩୦/୦୩ (ନି.ପ୍ର): ଆଗାମୀ ଉତ୍କଳ ଦିବସ ଉପଲକ୍ଷେ ନୀଳଗିରି ସଦର ମହକୁମାରେ ୮୭ତମ ଦିବସ ପାଳନ ପାଇଁ ଉପଜିଲ୍ଲାପାଳ ତଥା ପାଳନ କମିଟିର ଅଧକ୍ଷ ଦୀପ୍ତିରଂଜନ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରତ୍ୟୁଷ ୪ଟା ସମୟରେ ସହରାଂଚଳରେ "ବନ୍ଦେ ଉତ୍କଳ ଜନନୀ" ବନ୍ଦନା ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯିବ । ଏନ.ଏ.ସି. ଅର୍ନ୍ତଗତ ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ସକାଳ ୬ଘଟିକା ସମୟରେ ପ୍ରଭାତ ଫେରୀ ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକତ୍ରିତ ହୋଇ ଉତକଳ ଗୌରବ ମଧୁସୂଦନ ଙ୍କ ପ୍ରତିମୂର୍ତିରେ ମୁଖ୍ୟ ଅତିଥି ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିବେ । ପରେ ପରେ ଉତ୍କଳ ବରପୁତ୍ର ମାନଙ୍କ ସହିତ ଜାତିର ପିତା ମହାତ୍ମାଗାନ୍ଧୀ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବେ । ଏହି ଦିବସ ପାଳନ ଅବସରରେ ଏକ ସାଧାରଣ ସଭାରେ ମଧ ଆୟୋଜନ କରାଯାଇ କୃତି ପ୍ରତିଭାମାନଙ୍କୁ ପୁରସ୍କୃତ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି ।

### ଏଥର ଆଡମ୍ବରରେ ପାଳିତ ହେବ ଉତ୍କଳ ଦିବସ

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ଚଳିତ ବର୍ଷ ଉତ୍କଳ ଦିବସକୁ ଆଡ଼ମ୍ବରରେ ପାଳନ କରାଯିବ । ଉକ୍ତ ଦିନ ପ୍ରତି ଜିଲ୍ଲାରେ ସଭା ସମିତି ଆୟୋଜନ କରାଯିବ । ଏହାର ଆୟୋଜନର ଦାୟିତ୍ୱ ଜିଲ୍ଲା ପରିଷଦ ସଭାପତି ମାନେ ନେବେ । ସେହିଦିନ ସନ୍ଧ୍ୟା ୬ଟା ରେ ସମଗ୍ର ରାଜ୍ୟରେ ସମୂହ ଭାବେ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ନେଇ ସରକାର କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି । ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସୂଚନା ଦେଇଛନ୍ତି । କୋଭିଡ୍ କଟକଣା କୋହଳ ହେବା ପରେ ଚଳିତ ବର୍ଷ ଓଡିଶା ଦିବସକୁ ଆକର୍ଷଣୀୟ ଢଙ୍ଗରେ ପାଳନ କରାଯିବାକୁ ଗତକାଲି ଅପରାହ୍ଣରେ ସୂଚନା ଓ ଲୋକ ସଂପର୍କ ବିଭାଗ ଏବଂ ସଂସ୍କୃତି ବିଭାଗ ତରଫରୁ ଆଭାସୀ ମାଧମରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା ।

## ଗୋଟିଏ ଦିନରେ ୫୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୬୦୮ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୦୩୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୦୦ ରହିଛି । ଆଜି ଚିହ୍ନଟ ହୋଇଥିବା ୫୯ ଜଣଙ୍କ ମଧ୍ୟରୁ ୩୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରୁ ସବୁଠାରୁ ଅଧିକ ୧୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳରୁ ଜିଲ୍ଲାର ୨ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଓ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଂଜାମ ଓ ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦ୍ରାପଡା ଓ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଓ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ପୁରୀ ଓ ରାୟଗଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁର ଜିଲ୍ଲାରୁ ୩ ଓ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଷ୍ଟେଟ୍ ପୁଲରୁ ୩ ଆକ୍ରାନ୍ତ ଚିହ୍ନଟ ହୋଇ ଛନ୍ତି ।

## ବ୍ଲକ ସ୍ତରୀୟ ମନରେଗା ଓ ଖାଦ୍ୟସୁରକ୍ଷା ଆଇନ୍‌ର ଜନଶୁଣାଣି




ଜଳେଶ୍ୱର, ୩୦/୩ (ନି.ପ୍ର): ଜଳେଶ୍ୱର ବ୍ଲକରେ ୩୫ଟି ପଂଚାୟତର ୩୫୩୬୧ଟି ଜବ୍‌କାର୍ଡରେ ୮୦୮୫୩ଜଣ ଶ୍ରମିକ ରହିଛନ୍ତି । ସେଥିରୁ ୧୭୯୦୮ ଜବ୍‌କାର୍ଡର ୨୦୬୮୩ଜଣ ଶ୍ରମିକ କାର୍ଯ୍ୟ କରୁଥିବାର ତଥ୍ୟ ବ୍ଲକ ସ୍ତରୀୟ ମନରେଗା ଓ ଖାଦ୍ୟସୁରକ୍ଷା ଆଇନ୍‌ର ଜନଶୁଣାଣୀ ବେଳେ କୁହାଯାଇଛି । ପୂର୍ବରୁ ପ୍ରତିଶ୍ରମିକକୁ ପ୍ରତିଦିନ ୨୦୭ଟଙ୍କା ଦିଆଯାଉଥିବା ବେଳେ ଚଳିତବର୍ଷ ଏହାକୁ ୨୧୫ଟଙ୍କା ବୃଦ୍ଧି କରାଯାଇଛି । ଉପସ୍ଥିତ ପଂଚାୟତରାଜ ବିଭାଗର ନବନିର୍ବାଚିତ ସଦସ୍ୟ/ ସଦସ୍ୟାମାନେ ଏହା ସମୁଦ୍ରକୁ ଶଂଖେ ବୋଲି ଆକ୍ଷେପ କରିଥିଲେ । ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଖାଦ୍ୟ ସୁରକ୍ଷା ଆଇନ୍ ୨୦୧୩ ଅନୁଯାୟୀ ମନରେଗା ଓ ଖାଦ୍ୟସୁରକ୍ଷା ଆଇନ୍‌ର ବିଶେଷ ଆଲୋଚନା ହୋଇଛି । ପୂର୍ବରୁ ବର୍ଷକୁ ୨ଥର ଏହି ଆଲୋଚନା ହେଉଥିବା ବେଳେ ଚଳିତବର୍ଷ କେବଳ ଆର୍ଥିକ ବର୍ଷ ଶେଷରେ ଏହା ଆଲୋଚିତ ହେବ ବୋଲି ଏପିଇଓ ପାୟଲ ସାହୁ ଗୃହକୁ ସୂଚନା ଦେଇଥିଲେ । ଏଥିରେ ବିଡିଓ ଅଶ୍ୱିନୀ କୁମାର ଦାସ ଅଧ୍ୟକ୍ଷତା କରିଥିବା ବେଳେ ନବନିଯୁକ୍ତ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷା ସଂଜିତା ବେହେରା, ଯୋଗାଣ ନିରିକ୍ଷକ ସାଗରିକା ରାଉତରାୟ, ସାମାଜିକ ସମୀକ୍ଷକ ଜୀବନକୃଷ୍ଣ ଗିରି, ବିନ୍ଦୁବାଳା ନନ୍ଦି, ମନିନ୍ଦ ଧର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଜଳେଶ୍ୱର ବ୍ଲକରେ ଶ୍ରମୀକ ମୂଲ୍ୟ କମ୍ ଥିବାରୁ ସେମାନେ କାର୍ଯ୍ୟକୁ ଆସୁନଥିବା ସରପଂଚମାନେ ଅଭିଯୋଗ କରିଥିଲେ । ଏଥିରେ ୩୫ ପଂଚାୟତର ସରପଂଚ, ସମିତି ସଭ୍ୟ, ପିଇଓ, ଜିଆର୍‌ଏସ୍ ପ୍ରମୁଖ ଭାଗ ନେଇଥିଲେ ।

## ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା'ସମ୍ପର୍କିତ ପିଆଇବିର ସାମ୍ବାଦିକ ସମ୍ମିଳନୀ



ଭୁବନେଶ୍ୱର, ୩୦/୦୩ (ନି.ପ୍ର): ଆସନ୍ତା ଏପ୍ରିଲ ୧ ତାରିଖ ପୂର୍ବାହ୍ନ ୧୧ଟାରେ ନୂଆଦିଲ୍ଲୀର ତାଲକଟୋରା ଷ୍ଟାଡ଼ିୟମରେ 'ପରୀକ୍ଷା ପେ ଚର୍ଚ୍ଚା'ର ପଂଚମ ସଂସ୍କରଣ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହିତ ମତ ବିନିମୟ କରିବେ । ସୋମବାର ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ ମାଧମରେ ଏ ସମ୍ପର୍କରେସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀଧର୍ମେନ୍ଦ୍ରପ୍ରଧାନ । ଚାପମୁକ୍ତ ପରୀକ୍ଷା ପାଇଁ 'ପରୀକ୍ଷା ପେ ଚର୍ଚ୍ଚା'କୁ ଏକ ଜନଆନ୍ଦୋଳନର ରୂପ ଦେବାକୁ ସେ ଆହ୍ୱାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଯୁବପିଢ଼ିଙ୍କ ବହୁ ପ୍ରତୀକ୍ଷିତ ଏହି ବାର୍ଷିକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଗାମୀ ଦିନରେ ହେବାକୁ ଥିବା ବୋର୍ଡ ଓ ପ୍ରବେଶିକା ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପୂର୍ବରୁ ଚାପମୁକ୍ତ ହେବା ଦିଗରେ ପରାମର୍ଶ ଦେବେ । କୋଭିଡ୍ କଟକଣା କାରଣରୁ କେବଳ ଦିଲ୍ଲୀ ଏନସିଆର, ଉତରପ୍ରଦେଶ ଏବଂ ହରିୟାଣାର ୧ ହଜାର ଛାତ୍ରଛାତ୍ରୀଙ୍କୁ ତାଲକଟୋରା ଷ୍ଟାଡ଼ିୟମରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ନିମନ୍ତ୍ରଣ କରାଯାଇଛି । ଚଳିତ ଥର ପ୍ରଥମ ଥର ପାଇଁ ସବୁ ରାଜଭବନରେ ରାଜ୍ୟପାଳଙ୍କ ସହ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ଏହି କାର୍ଯ୍ୟକ୍ରମକୁ ଦେଖିବାର କାର୍ଯ୍ୟକ୍ରମ ରହିଛି । ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ସବୁ ଅନୁଷ୍ଠାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ବିଭିନ୍ନ ଅନୁଷ୍ଠାନ, ନର୍ସିଂ ସ୍କୁଲ ତଥା ଭାରତ ସରକାରଙ୍କ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପରୀକ୍ଷା ପେ ଚର୍ଚ୍ଚା ଆୟୋଜନ କରାଯିବାର ମଧ ଯୋଜନା ରହିଛି । ବିଦେଶରୁ ମଧ ଭର୍ଚ୍ଚୁଆଲ ମାଧମରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ଯୋଡିହେବେ । କାର୍ଯ୍ୟକ୍ରମରେ ଓଡ଼ିଶାରୁ ପ୍ରାୟ ୨୬,୦୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ୪୯୮୬ ଶିକ୍ଷକ-ଶିକ୍ଷୟିତ୍ରୀ, ୧୨୨୩ ଅଭିଭାବକ ଯୋଗଦେବେ । ପରୀକ୍ଷା ପେ ଚର୍ଚ୍ଚା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ଏକ ଅଭିନବ କାର୍ଯ୍ୟକ୍ରମ । ପରୀକ୍ଷା ଶୁଣିବା ମାତ୍ର ଛାତ୍ରଛାତ୍ରୀଙ୍କ ମନରେ ଭୟ ଆସେ । ଏହି କାର୍ଯ୍ୟକ୍ରମ ଦ୍ୱାରାଛାତ୍ରଛାତ୍ରୀମାନେ ପରୀକ୍ଷାର ଚାପରୁ ମୁକ୍ତ ହେବେ ଓ ସଫଳତାର ମନ୍ତ୍ର ପାଇପାରିବେ । ଏହି କାର୍ଯ୍ୟକ୍ରମ ନୂଆପିଢ଼ିଙ୍କ ଆତ୍ମବିଶ୍ୱାସକୁ ବଢ଼ାଇବ । ଏହି କାର୍ଯ୍ୟକ୍ରମ ପାଇଁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ତଥା ସମାଜର ସବୁ ଶ୍ରେଣୀର ସହଯୋଗ ଲୋଡ଼ିଛନ୍ତି କେନ୍ଦ୍ରମନ୍ତ୍ରୀଶ୍ରୀପ୍ରଧାନ । ଗତ ବର୍ଷ ମହାମାରୀ ସମୟରେ ଅନଲାଇନରେ ପରୀକ୍ଷା ପେ ଚର୍ଚ୍ଚା ଅନୁଷ୍ଠିତ ହୋଇଥିଲା । ଏହି ବର୍ଷ ପରୀକ୍ଷା ପେ ଚର୍ଚ୍ଚାକୁ ଲୋକପ୍ରିୟ କରିବା ପାଇଁ, ବିଦ୍ୟାର୍ଥୀ ମାନଙ୍କ ପାଖରେ ପହଁଚାଇବା ପାଇଁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଚଳିତ ବର୍ଷ MyGov.in ପ୍ଲାଟଫର୍ମ ମାଧମରେ ୨୦୨୧ ଡ଼ିସେମ୍ବର ୨୮ରୁ ୨୦୨୨ ଫେବୃୟାରୀ ୩ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି । ଏହି ବର୍ଷ ରଚନାତ୍ମକ ଲେଖା ପ୍ରତିଯୋଗିତା ପାଇଁ ୧୫.୭ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଞ୍ଜିକରଣ କରିବା ସହ ଭାଗ ନେଇଥିଲେ । MyGov.in ଦ୍ୱାରା ଆୟୋଜିତ ଏଗଜାମ ଷ୍ଟ୍ରେସ ମ୍ୟାନଜମେଂଟ୍, ସ୍ୱାଧୀନତାର ଅମୃତ ମହୋତ୍ସବ, ପର୍ଯ୍ୟାବରଣ, ଅଭିଭାବକଙ୍କ ଭୂମିକା, ଭୋକାଲ ଫର୍ ଲୋକାଲ ଭଳି ବିଭିନ୍ନ ପ୍ରତିଯୋଗିତାରେ ଚୟନ ହୋଇଥିବା ୨୦୫୦ ଛାତ୍ରଛାତ୍ରୀଙ୍କୁ ଏନସିଇଆରଟିର ନିର୍ଦ୍ଦେଶକଙ୍କ ଦ୍ୱାରା ଏକ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରଚିତ 'ଏଗଜାମ ୱାରିୟର' ପୁସ୍ତକ ଥିବା ସ୍ୱତନ୍ତ୍ର ପରୀକ୍ଷା ପେ ଚର୍ଚ୍ଚା କିଟ୍ ପ୍ରଦାନ କରାଯିବ । ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୫୬ଜଣ ମନୋନୀତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମ ଦୂରଦର୍ଶନ, ରେଡ଼ିଓ ଚ୍ୟାନେଲ, ବିଭିନ୍ନ ଟିଭି ଚ୍ୟାନେଲ ସମେତ, ଶିକ୍ଷା ମନ୍ତ୍ରଣାଳୟ, ନରେନ୍ଦ୍ର ମୋଦୀ, ପିଏମଓ ଇଣ୍ଡିଆ, ପିଆଇବି ଇଣ୍ଡିଆ ଭଳି ଡ଼ିଜିଟାଲ ପ୍ଲାଟଫର୍ମ ତଥା ୟୁଟ୍ୟୁବ ଚ୍ୟାନେଲ ସମେତ ଦୂରଦର୍ଶନ ନ୍ୟାସନାଲ, ଡ଼ିଡି ନ୍ୟୁଜ୍, ମାଇ ଗଭ.ଇଣ୍ଡିଆ, ସଂସଦ ଟିଭି ଏବଂ ସ୍ୱୟଂପ୍ରଭାରେ ସିଧାସଳଖ ପ୍ରସାରଣ କରାଯିବ । ଆଜି ପିଆଇବି ଭୁବନେଶ୍ୱର ଠାରେ ଆୟୋଜିତ ଏ ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଉପ ନିର୍ଦ୍ଦେଶକ ଡ. ଗିରିଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ଦେବା ସହ ଏହାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଗଣମାଧ୍ୟମର ସହଯୋଗ ଲୋଡିଥିଲେ । ସମ୍ମିଳନୀରେ ପିଆଇବିର ଗଣଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ଓ ସହାୟକ ସୂଚନା ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ ଉପସ୍ଥିତ ଥିଲେ ।

## ଯମୁନାଶୂଳ ଓ କଷାଫଳରେ ବାରୁଣୀ ସ୍ନାନ



ଲଙ୍ଗଳେଶ୍ୱର, ୩୦/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ରେ ଯମୁନାଶୂଳ ବେଳାଭୂମି ଓ ସିଂଲା ଥାନା ଅନ୍ତର୍ଗତ କଷାଫଳ ବେଳାଭୂମିରେ ଗତ ଦୁଇଦିନ ଧରି ବାରୁଣୀ ସ୍ନାନ ଅନୁଷ୍ଠିତ ହୋଇଯାଇଛି ।ଗତ ଦୁଇବର୍ଷ ଧରି କୋଭିଡ କଟକଣା ପାଇଁ ବନ୍ଦ ହୋଇ ରହିଥିବାରୁ ଚଳିତବର୍ଷ ବାରୁଣୀ ବୁଡ଼ ପକାଇବା ପାଇଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଉତ୍ସାହିତର ସହିତ ଭିଡ଼ ଜମାଇଥିବାର ଦେଖାଯାଇଛି । ବାରୁଣୀ ତିଥିରେ ସମୁଦ୍ରରେ ବୁଡ଼ ପକାଇଲେ କୋଟି ପୁନ୍ୟ ମିଳେ ବୋଲି ହିନ୍ଦୁ ମାନେ ବିଶ୍ୱାସ କରନ୍ତି ।ଗତ ଦୁଇଦିନ ଧରି ରାତିରୁ ଧାରାବାହିକ ଲୋକ ଯାତାୟାତ କରିବା ସହ ଭିଡ଼ କରିଥିଲେ । ଖୁସିର ସହିତ ସ୍ନାନ କରିବା,ବାଲୁକା ପୂଜା ଏବଂଦାନ ଧର୍ମ କରନ୍ତି । ମେଳାରେ ବିଭିନ୍ନ ପ୍ରକାର ହଜାର ହଜାର ଦୋକାନ ବସିଥିବାରୁ ଲୋକେ ଅଗ୍ରହର ସହିତ କିନାକିଣି କରିବାରେ ଦେଖାଯାଇଥିଲା ।ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଜଳଛାତ୍ର ଦେଇଥିଲେ ।ପୋଲିସ ବାହିନୀ ମଧ ସୁରକ୍ଷା ଦେବାର ଦେଖାଯାଇଥିଲା ।

# ବଜେଟ୍‌ରେ କେଉଁ ବିଭାଗକୁ କେତେ

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ରାଜ୍ୟ ଅର୍ଥମନ୍ତ୍ରୀ ବୁଧବାର ଦିନ ବିଧାନସଭାରେ ୧ଲକ୍ଷ ୬ ହଜାର କୋଟି ଟଙ୍କାର କାମଚଳା ବଜେଟ୍ ଉପସ୍ଥାପନ କରିଛନ୍ତି। ତେବେ ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ୍ ୨ଲକ୍ଷ କୋଟି ହେବ ବୋଲି ଆକଳନ କରାଯାଇଛି। ଏହା ମଧ୍ୟରେ ବିଭିନ୍ନ ବିଭାଗ ପାଇଁ ବ୍ୟୟ ବରାଦ କରାଯାଇଛି। ସୂଚନା ଅନୁଯାୟୀ ସ୍ୱରାଷ୍ଟ୍ର ବିଭାଗ ପାଇଁ ୬୩୭୭.୦୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପାଇଁ ୫୨୨.୬୧ କୋଟି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ୧୪୯୯.୮୪ କୋଟି, ଆଇନ୍ ବିଭାଗ ପାଇଁ ୫୬୦.୧୯ କୋଟି, ଅର୍ଥ ବିଭାଗ ପାଇଁ ୫୮୯୩୩.୬୭ କୋଟି, ବାଣିଜ୍ୟ ବିଭାଗ ପାଇଁ ୧୭୩.୫୯ କୋଟି, ନିର୍ମାଣ ବିଭାଗ ପାଇଁ ୮୩୩୩.୯୭ କୋଟି, ଓଡିଶା ବିଧାନସଭା ପାଇଁ ୧୬୫.୦୫ କୋଟି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପାଇଁ ୧୨୦୪.୮୮ କୋଟି, ବିଦ୍ୟାଳୟ ଓ ଗଣଶିକ୍ଷା ପାଇଁ ୨୦୩୩୦.୭୬ କୋଟି, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପାଇଁ ୪୦୪୯.୬୯ କୋଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ୧୧୫୦୬.୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଅପରପକ୍ଷରେ ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ ପାଇଁ ୬୪୯୮.୪୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପାଇଁ ୧୮୩.୦୮ କୋଟି, କ୍ରୀଡା ଓ ଯୁବ ସେବା ବିଭାଗକୁ ୬୦୧.୯୯ କୋଟି, ଯୋଜନା ଓ ସଂଯୋଜନ ବିଭାଗକୁ ୬୪୫୬.୬୪ କୋଟି. ପଂଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ୨୧୨୪୬.୪୨ କୋଟି, ସାଧାରଣ ଅଭିଯୋଗ ଓ ପେନସନ ବିଭାଗକୁ ୨,୨୧ କୋଟି, ଶିଳ୍ପ ବିଭାଗକୁ ୬୪୬.୪୦ କୋଟି, ଜଳ ସମ୍ପଦ ବିଭାଗକୁ ୧୦୦୪୪.୯୬ କୋଟି, ପରିବହନ ବିଭାଗକୁ ୧୦୦୯.୩୬ କୋଟି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ୧୦୮୮.୦୬ କୋଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗକୁ ୬୨୭୬.୧୨ କୋଟି, ଇସ୍ପାତ ଓ ଖଣି ବିଭାଗକୁ ୧୬୨.୮୫ କୋଟି, ସୂଚନା ଓ ଲୋକସମ୍ପର୍କ ବିଭାଗକୁ ୧୧୯.୯୯ କୋଟି, ଟଙ୍କାର ବ୍ୟୟ ବରାଦ କରାଯାଇଛି।

# ଉତ୍କଳ ଦିବସ ପାଳନ ପାଇଁ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖାର ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୩୦/୦୩ (ନି.ପ୍ର): ସ୍ୱତନ୍ତ୍ର ଉତ୍କଳ ଦିବସ ଅପ୍ରେଲ ୧ ତାରିଖରେ ସମଗ୍ର ରାଜ୍ୟର ପୁରପଲ୍ଲୀରେ ପାଳନ ହେବାର ପ୍ରସ୍ତୁତି ଆରମ୍ଭ ହୋଇଥିଲା ବେଳେ ଯେଉଁ ଜାତୀୟ ଅନୁଷ୍ଠାନ ପାଇଁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ଭବ ହୋଇଥିଲା ସେହି ଉତ୍କଳ ସମ୍ମିଳନୀର ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଏହାକୁ ପାଳନ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶାଖା ପକ୍ଷରୁ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶାଖାର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲ୍ଲା ଶାଖାର ବହୁ ବରିଷ୍ଠ ସଦସ୍ୟ ଯୋଗ ଦେଇ ଏଥି ନିମନ୍ତେ ଆଲୋଚନା କରିଥିଲେ। ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧ ତାରିଖ ଶୁକ୍ରବାର ସକାଳ ୬ଟା ୪୫ମିନିଟ୍ ସମୟରେ ପ୍ରଥମେ ବାଲେଶ୍ୱର ଜିଲ୍ଲା ସ୍କୁଲ ପରିସରରେ ଥିବା କୁଳବୃଦ୍ଧ ମଧୁସୂଦନ, ଫକୀରମୋହନ, ଗୋପବନ୍ଧୁ ପ୍ରଭୃତି ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସମବେତ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯିବା ପରେ ଶାନ୍ତି କାନନ ପରିସରସ୍ଥ ଫକୀର ମୋହନଙ୍କ ପ୍ରତିମୂର୍ତ୍ତି, ଗଡ଼ଗଡ଼ିଆ ଘାଟ ସ୍ଥିତ କବିବର ରାଧାନାଥ ରାୟଙ୍କ ପ୍ରତିମୂର୍ତ୍ତି, କଚେରୀ ହୋଟା ମଧ୍ୟରେ ଥିବା ଉତ୍କଳ ଗୌରବ ମଧୁସୂଦନଙ୍କ ପ୍ରତିମୂର୍ତ୍ତି, ଫକୀରମୋହନ ଗୋଲେଇ ସ୍ଥିତ ଫକୀର ମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ନାରୀ ସଂଘ ପରିସରରେ ଏକ ସାଧାରଣ ସଭା ସକାଳ ୮ଘଣ୍ଟା ୩୦ ମିନିଟ୍ ସମୟରେ ଅନୁଷ୍ଠିତ ହେବ। ଏଥିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବାଲେଶ୍ୱର ସମେତ ଓଡ଼ିଶାର ବରପୁତ୍ରମାନଙ୍କର ଅବଦାନ ସମ୍ପର୍କରେ ଆଲୋଚନା ହେବ। ଏହି ସ୍ମରଣୀୟ ଓଡ଼ିଆ ଜାତୀୟ ଦିବସର ପାଳନ ଉତ୍ସବରେ ଓଡ଼ିଆ ପ୍ରେମୀ ଜନସାଧାରଣଙ୍କୁ ବହୁସଂଖ୍ୟାରେ ଯୋଗ ଦେବାପାଇଁ ଶାଖା ପକ୍ଷରୁ ଅନୁରୋଧ କରାଯାଇଛି। ଆଜିର ଏଇ ବୈଠକରେ ଜିଲ୍ଲା ଶାଖାର ସମ୍ପାଦକ କବି କାଳୀପଦ ପଣ୍ଡାଙ୍କ ସମେତ ଡ. କ୍ଷିତୀଶ୍ୱର ଦାଶ, ନିରଞ୍ଜନ ରାଉତ, ରତ୍ନାକର ଦାସ, ଦୀନବନ୍ଧୁ ଲେଙ୍କା, ଡ. ଶିରୀଶ ଚନ୍ଦ୍ର ଜେନା, ଗୋପାମୁଦ୍ରା ମହାପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ଉତ୍ପଳ କୁମାର ମହାନ୍ତି, ସତ୍ୟପ୍ରିୟ ମହାନ୍ତି, ଅର୍ଚ୍ଚନା ନନ୍ଦୀ, ବ୍ରହ୍ମାନନ୍ଦ ସ୍ୱାଇଁ, ସ୍ନେହଲତା ଦାସପତି, ପ୍ରଦୀପ୍ତ କୁମାର ମିଶ୍ର, ସୁଧାକର ସେଠୀ, ଜ୍ୟୋତିର୍ମୟୀ ଶତପଥୀ, ସୁଧାଂଶୁ ଶେଖର ଦାସ, ପଦ୍ମଲୋଚନ ଦତ୍ତ, ପୁଷ୍ପଲତା ମହାନ୍ତି, ବିଷ୍ଣୁପ୍ରସାଦ ପାଢ଼ୀ, ନିରଞ୍ଜନ ପରିଡ଼ା, କମଳାକାନ୍ତ ନାୟକ ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦାନ କରିଥିଲେ।

## ନୂଆପଡା ଜିଲ୍ଲାରେ କୋର୍ଟ ବନ୍ଦ ରହିବା ପ୍ରସଙ୍ଗ ବିଧାନସଭାରେ ଉଠିଲା

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ନୂଆପଡା ଜିଲ୍ଲାରେ ବିଭିନ୍ନ କୋର୍ଟ ବନ୍ଦ ରହିବା ପ୍ରସଙ୍ଗ ବୁଧବାର ଦିନ ବିଧାନସଭାରେ ଉଠିଛି। କଂଗ୍ରେସ ବିଧାୟକ ଅଧିରାଜ ପାଣିଗ୍ରାହୀ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି ଯେ ଜଜ ମାନଙ୍କ ମଧ୍ୟରେ ବ୍ୟକ୍ତିଗତ ବିବାଦ କାରଣରୁ ନୂଆପଡା ଜିଲ୍ଲାର ବିଭିନ୍ନ କୋର୍ଟ ବନ୍ଦ ରହିଛି। ଫଳରେ ଦୂରଦୂରାନ୍ତରୁ କୋର୍ଟକୁ ଆସୁଥିବା ଲୋକ ମାନେ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି। ତେଣୁ ଏହି ମାମଲାର ଉଚ୍ଚ ସ୍ତରୀୟ ଜାଂଚ କରିବା ଆବଶ୍ୟକ ଯାହା ଫଳରେ ଲୋକ ମାନେ ନ୍ୟାୟରୁ ବଂଚିତ ହେବେ ନାହିଁ। ସେ ବାଚସ୍ପତିଙ୍କୁ ଏହି ମାମଲାରେ ରୁଲିଂ ଦେବାକୁ ଦାବି କରିଥିଲେ।

# ବାବା ଭୁଜାଖିଆ ପୀରଙ୍କ ବାର୍ଷିକ ଉର୍ସ ଉଦ୍‌ଘାଟିତ



ବାଲେଶ୍ୱର,୩୦/୦୩ (ନି.ପ୍ର): ବାଲେଶ୍ୱରର ଭାଇଚାରାର ପ୍ରତୀକ ସୁନଟସ୍ଥିତ 'ବାବା ଭୁଜାଖିଆ ପୀର'ଙ୍କ ୭୮ ତମ ୩ ଦିନିଆ ବାର୍ଷିକ ଉତ୍ସବ 'ଉର୍ସ'ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଆଜି ଗୋସାଲ, କୋରାନ ପାଠ, ମିଲାତ ସରିଫ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋସାଲ କାର୍ଯ୍ୟକ୍ରମରେ ସକାଳୁ ସ୍ଥାନୀୟ ପରମିଟ ଘାଟରୁ ପାଣି ଆଣାଯାଇ ବାବାଙ୍କ ଆସ୍ଥାନରେ ସିଞ୍ଚନ ପରେ ଚାଦର ଚଢ଼ାଯାଇ ସାମୂହିକ କୋରାନ ପାଠ କରାଯାଇଥିଲା। ବିହାରର ଅମଜେର ସରିଫର ବିଶିଷ୍ଟ ଧର୍ମଗୁରୁ ସୟଦ ଜମାଲୁଦ୍ଦିନ ଅବଦୁଲ କାଦ୍ରି, ଶେଖ ଜହିରୁଦ୍ଦିନ୍, ଶେଖ ରଫିକ, ଶେଖ ଅବଦୁଲ ଲତିକ, ଶେଖ ଅବଦୁଲ ମୋହିତ, ଶେଖ ଅବଦୁଲ ଗୁରୁହାନ, ଶେଖ ଶାମସୁଦ୍ଦିନ, ହାପିଜ ବାଦରୁଲ ହସନ, ଶେଖ ସଲିମ, ଶେଖ ଅବଦୁଲ ଇସଲାମ, ଶେଖ ଅବଦସୁଲ କାମିଲ ପ୍ରମୁଖ ଏହି ଗୋସାଲ କାର୍ଯ୍ୟକମ୍ରରେ ଯୋଗ ଦେଇଥିଲେ। ପରେ ଭକ୍ତମାନେ ଦିବସବ୍ୟାପୀ ବାବାଙ୍କୁ ଦର୍ଶନ ସହ ଚାଦର ଚଢାଇଥିଲେ। ଶ୍ରଦ୍ଧାଳୁମାନେ ପୀଠରେ ଲଡୁ, ଗଜା, କୋରା, ଖଜା ଇତ୍ୟାଦି ଶୁଖିଲା ମିଷ୍ଟାନ୍ନ ଭୋଗ ଲଗାଇ ବାଣ୍ଟିଥିଲେ। ବାବାଙ୍କ ଉର୍ସରେ ଦେଖା ଦେଇଥିବା ଜନଗହଳିକୁ ନିୟନ୍ତ୍ରଣ ଓ ଶାନ୍ତିଶଙ୍ଖଳା ରକ୍ଷା ପାଇଁ ଶାନ୍ତି କମିଟି ତଥା ଜିଲା ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ନେତୃତ୍ୱରେ ୩ ଜଣ ଡିଏସପି, ୩ ଜଣ ଇନ୍ସପେକ୍ଟର, ୨୬ଜଣ ଏସଆଇ ଓ ଏଏସଆଇ ଏବଂ ୧୩ ସେକ୍ସନ ପୁଲିସ ଫୋର୍ସ ସହ କନେଷ୍ଟବଳ ଓ ହୋମଗାର୍ଡଙ୍କୁ ମୁତୟନ କରାଯାଇଛି। ବାବାଙ୍କ ପ୍ରତି ମନରେ ଦୃଢ ବିଶ୍ୱାସ ରଖି ପ୍ରତ୍ୟେକ ବର୍ଷ ଉର୍ସ ଉତ୍ସବରେ ହଜାର ହଜାର ସଂଖ୍ୟାରେ ଭକ୍ତ ଏଠାକୁ ଆସିଥାନ୍ତି।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ସି.ପି.ଆଇ.(ଏମ୍)ର ରାଜ୍ୟବ୍ୟାପୀ ଆନ୍ଦୋଳନ ଏପ୍ରିଲ ୨ରେ

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ପେଟ୍ରୋଲ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ଏପ୍ରିଲ ୨ ତାରିଖରେ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଛି। ସିପିଆଇଏମ୍ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ କହିଛନ୍ତି ବିଗତ ନଅଦିନ ଭିତରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ୮ ଥର ବଢ଼ିଛି। ପ୍ରତି ଲିଟର ପିଛା ପ୍ରାୟ ୬ ଟଙ୍କା ବୃଦ୍ଧି ଘଟିଛି। ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ପରେ ପରେ ପୁଣି ତୈଳ ଦର ବୃଦ୍ଧି କରାଯାଇଛି। ଗତ ନଭେମ୍ବର ୨୦୨୧ଠାରୁ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ଘଟି ନଥିଲା। ୨୦୨୨ ମାର୍ଚ୍ଚ ୨୨ଠାରୁ ତେଲ ଦର ବଢିବା ଆରମ୍ଭ ହୋଇଛି। ତୈଳ ଦର ବୃଦ୍ଧି ଯୋଗୁ ସବୁ ଜିନିଷର ମୂଲ୍ୟ ବଢିବା ସହିତ ବସ୍, ଟ୍ରକ୍, ଟ୍ୟାକ୍ସି, ଅଟୋର ଭଡା ବଢିବ। ଦୁଇ ଚକିଆ ଓ ଚାରି ଚକିଆ ଗାଡି ବ୍ୟବହାର କରୁଥିବା ଲୋକଙ୍କୁ ପ୍ରତି ଲିଟର ପିଛା ୬ ଟଙ୍କା ଅଧିକ ଦେବାକୁ ହେବ। ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେବ। ବିଶ୍ୱ ବଜାରରେ ଅଶୋଧିତ ତେଲର ଦାମ ବ୍ୟାରେଲ ପ୍ରତି ୧୧୦ ଡଲାର ହେଲେ, ଲିଟର ପ୍ରତି ମୂଲ୍ୟ ୪୫ ଟଙ୍କା ହେବ। ମାତ୍ର ସରକାର ୪୫ଟଙ୍କା ଟଙ୍କାର ତେଲ ଉପରେ ୫୫ଟଙ୍କାରୁ ଅଧିକ ଟିକସ ବସାଇଛନ୍ତି। ରାଜ୍ୟର ଜନ ସାଧାରଣ ଏହି ମୂଲ୍ୟ ବୃଦ୍ଧିକୁ ସମର୍ଥନ କରୁନାହାନ୍ତି। ତେଲ ଉପରୁ ବିପୁଳ ପରିମାଣର ଟିକସ ପ୍ରତ୍ୟାହାର କରି ଲୋକଙ୍କୁ ଲୁଟିବା ବନ୍ଦ କରିବାକୁ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ସି.ପି.ଆଇ.(ଏମ୍) ପକ୍ଷରୁ ଦାବି କରାଯାଉଛି।

## ମୟୁରଭଂଜ ଜିଲ୍ଲାରେ ଲଘୁ ଖଣିଜ ଲୁଟ ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ମୟୁରଭଂଜ ଜିଲ୍ଲାରେ ଲଘୁ ଖଣିଜର ଲୁଟ ଚାଲିଛି। ବାଲି ମାଫିଆ ତହସିଲଦାର, ପୋଲିସ ଓ ଅନ୍ୟ ସରକାରୀ ଅଧିକାରୀ ମାନଙ୍କର ମଧୁଚନ୍ଦ୍ରିକାରେ ଦିନ ଦ୍ୱିପ୍ରହରରେ ଏହି ଲୁଟ ଚାଲିଥିବା ବେଳେ ବାରମ୍ବାର ବିଧାନସଭାରେ ଏ ସମ୍ପର୍କରେ ଉତଥାପନ କଲେ ସୁଦ୍ଧା ଏହାର କୌଣସି ସୁଫଳ ମିଳୁ ନାହିଁ। ତେଣୁ ଏହାର ଜାଂଚ କରିବାକୁ ଏକ ଗୃହ କମିଟି ଗଠନ କରାଯାଉ। ବଡସାହୀର ବିଜେପି ବିଧାୟକ ସନାତନ ବିଜୁଳି ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇବା ସହ ଉପରୋକ୍ତ ଦାବି କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ରାଜସ୍ୱ ମନ୍ତ୍ରୀ ହେଉଛନ୍ତି ମୟୁରଭଂଜ ଜିଲ୍ଲାର। ଏହା ସତ୍ତ୍ୱେ ମୟୁରଭଂଜ ଜିଲ୍ଲାରେ ସବୁଠାରୁ ଅଧିକ ଲଘୁ ଖଣିଜ ଚୋରୀ ହେଉଛି। ତେଣୁ ଏହି ମାମଲାର ଉପଯୁକ୍ତ ତଦନ୍ତ କରି ଦୋଷୀ ମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରିବାକୁ ସେ ଦାବି କରିଛନ୍ତି।

# ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି



ବାଲେଶ୍ୱର,୩୦/୦୩ (ନି.ପ୍ର): ବାଲେଶ୍ୱରରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ କୃଷି ବିଭାଗର ଅବସରପ୍ରାପ୍ତ ବହୁ ଅଧିକାରୀ, ଅଗ୍ରଣୀ ଚାଷୀ ଓ ବୁଦ୍ଧିଜୀବୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ ସହ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟର ଆବଶ୍ୟକତା ସମ୍ପର୍କରେ ଅବଗତ କରିଥିଲେ। କୃଷିପ୍ରଧାନ ଜିଲା ଭାବେ ବାଲେଶ୍ୱର ବେଶ ଆଗରେ ରହିବା ସାଙ୍ଗକୁ ଏଠାରେ ଉତ୍ତମ ଭିତ୍ତିଭୂମି ମଧ୍ୟ ରହିଛି। ଦେଶର ଉତ୍ତର ପ୍ରଦେଶରେ ୨୫, ପଶ୍ଚିମବଙ୍ଗରେ ୧୯, ମଧ୍ୟପ୍ରଦେଶରେ ୧୪, ଆନ୍ଧ୍ରପ୍ରଦେଶରେ ୨୦, ଦୀଲ୍ଲୀ ୪୧, ଗୁଜରାଟ ୨୯, ମହାରାଷ୍ଟ୍ରରେ ୨୫, ପଞ୍ଜାବ ୧୦, ତାମିଲନାଡୁ ୧୪, କେରଳ ୯, ହରିଆନା ୧୦, କର୍ଣ୍ଣାଟକ ୯, ଅରୁଣାଞ୍ଚଳ ପ୍ରଦେଶରେ ୬ କୃଷି ମହାବିଦ୍ୟାଳୟ ଥିବା ବେଳେ ବେଳେ ଓଡ଼ିଶାରେ ମାତ୍ର ୩ଟି କୃଷି ମହାବିଦ୍ୟାଳୟ ଅଛି। ଅନ୍ୟପକ୍ଷରେ ମହାନଦୀର ଦକ୍ଷିଣ ପାର୍ଶ୍ୱରେ ବହୁ ସରକାରୀ ପ୍ରତିଷ୍ଠାନ ରହିଥିବା ବେଳେ ଉତ୍ତର ପାର୍ଶ୍ୱ ଅର୍ଥାତ ବାଲେଶ୍ୱରରେ ଅବିଳମ୍ବେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରି କୃଷି ଉପରେ ନିର୍ଭର କରୁଥିବା ୮୦ ଭାଗ ଲୋକଙ୍କୁ ସ୍ୱାବଲମ୍ବୀ କରିବାରେ ଯଥାର୍ଥତା ରହିଛି ବୋଲି ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି। କୃଷି ଓ କୃଷକର ବିକାଶ ଦିଗରେ ବିଶେଷ ଗୁରୁତ୍ୱ ଦେଉଥିବା ରାଜ୍ୟ ସରକାାର ଏଦିଗରେ ଉଚିତ ପଦକ୍ଷେପ ନେବା ଏକାନ୍ତ ଆବଶ୍ୟକ ବୋଲି ସ୍ମାରକପତ୍ରରେ ଉଲେଖ କରଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଡ. କେଶବ ଚରଣ ପଣ୍ଡା, ହରନାରାୟଣ ମଣ୍ଡଳ, ସୁଧୀର କୁମାର ପ୍ରଧାନ, ଚୌଧୁରୀ ଅଭୟ ଚନ୍ଦ୍ର ମିଶ୍ର, ଅନନ୍ତ କୁମାର ପଟ୍ଟନାୟକ, ସୁବୋଧ କୁମାର ପାତ୍ର, ଚୌଧୁରୀ ସ୍ୱରୂପ କୁମାର ମହାପାତ୍ର, ଅଜୟ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରବିନାରାୟଣ ଭୋଳ, ନିରଞ୍ଜନ ପରିଡ଼ା, ମୃତ୍ୟୁଞ୍ଜୟ ମହାପାତ୍ର, କିଶୋର ଗିରି ଓ ରବୀନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ନବନିର୍ବାଚିତ ପୌରାଧ୍ୟକ୍ଷା ସବିତା ସାହୁଙ୍କ ଦାୟିତ୍ୱ ଗ୍ରହଣ



ବାଲେଶ୍ୱର,୩୦/୦୩ (ନି.ପ୍ର): ବାଲେଶ୍ୱର ପୌରପାଳିକାର ନବନିର୍ବାଚିତ ଅଧ୍ୟକ୍ଷା ସବିତା ସାହୁ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ନିର୍ବାଚିତ କାଉନସିଲର ଓ ସହଯୋଗୀଙ୍କ ଗହଣରେ ଶ୍ରୀମତୀ ସାହୁ ପୌରପାଳିକାରେ ପହଞ୍ଚି ବିଧିବଦ୍ଧ ଭାବେ ଦାୟତ୍ୱ ଗ୍ରହଣ କରିଥିଲେ। ପୌର ନିର୍ବାଚହୀ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଶୁଭେଚ୍ଛା ଜଣାଇଥିଲେ। ସହରର ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାକୁ ବାଲେଶ୍ୱରରେ ଆହୁରି ଆଗକୁ ନେବା ସହିତ ବାଲେଶ୍ୱର ପୌରପାଳିକାକୁ ରାଜ୍ୟରେ ୧ନଂ ସ୍ଥାନରେ ପହଞ୍ଚାଇବାରେ ତାଙ୍କର ଉଦ୍ୟମ ସର୍ବଦା ଜାରି ରହିବ ବୋଲି ଶ୍ରୀମତୀ ସାହୁ କହିଥିଲେ। ଏନେଇ ସେ ସହରବାସୀଙ୍କ ସହଯୋଗ କାମନା କରିଥିଲେ। ତେବେ ଦାୟିତ୍ୱ ଗ୍ରହଣ ପୂର୍ବରୁ ଶ୍ରୀମତୀ ସାହୁଙ୍କ ସମେତ ନବନିର୍ବାଚିତ ବିଜେଡି କାଉନସିଲରଙ୍କୁ ନେଇ ଦଳୀୟ ଜିଲା କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଜେଡି ଟାଉନ ସଭାପତି ସନତ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏଥିରେ ଯୋଗଦେଇ ନବନିର୍ବାଚିତ ପୌରାଧ୍ୟକ୍ଷା ଓ ସମସ୍ତ କାଉନସିଲରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ସଚିବାଳୟ କ୍ରିକେଟ୍ ଟୁର୍ଣ୍ଣାମେଂଟରେ ସୂଚନା ଓ ଲୋକସଂପର୍କ ବିଭାଗ ରନର୍ସ ଅପ୍

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ସଚିବାଳୟ ଆନ୍ତଃବିଭାଗୀୟ କ୍ରିକେଟ୍ ଟୁର୍ଣ୍ଣାମେଂଟରେ ରନର୍ସ ଅପ୍ ହୋଇ କୃତିତ୍ୱ ଅର୍ଜନ କରିଥିବା ସୂଚନା ଓ ଲୋକସଂପର୍କ ବିଭାଗର ଖେଳାଳୀମାନଙ୍କୁ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଆଜି ସମ୍ବର୍ଦ୍ଧିତ କରିଛନ୍ତି। ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ଖେଳାଳୀମାନଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରି କହିଛନ୍ତି ଯେ କ୍ରୀଡ଼ା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ବ୍ୟକ୍ତିକୁ ସକ୍ରିୟ ତଥା ସୁସ୍ଥ ରଖିବା ସହ ଉତ୍ତମ କର୍ମସଂସ୍କୃତି ନିର୍ମାଣରେ ସହାୟକ ହୋଇଥାଏ। ଶ୍ରୀ ତ୍ରିପାଠୀ କର୍ମଚାରୀମାନଙ୍କୁ ସେମାନଙ୍କର ବୃତିଗତ ଦାୟିତ୍ୱ ନିର୍ବାହ ସହ ପ୍ରବୃତିକୁ ମଧ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସଂପାଦକ ଡ. ଲେନିନ୍ ମହାନ୍ତି କ୍ରୀଡ଼ାବିତ୍ ମାନଙ୍କର ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହି ଖେଳାଳୀମାନେ ଅଧିକ ସଫଳତା ଅର୍ଜନ କରିବେ ବୋଲି ଆଶା ପ୍ରକାଶ କରିଥିଲେ। ବିଭାଗ ପକ୍ଷରୁ କ୍ରିକେଟ୍ ଦଳର ଆଲୋକ ମହାରଣା (ଅଧିନାୟକ), ଅମିତ ମହାପାତ୍ର (ଉପଅଧିନାୟକ), ରାଜେନ୍ଦ୍ର କୁମାର ନାୟକ, ଅଜୟ ନିଆଲ, ଶୁଭ୍ରଜିତ ମଲ୍ଲିକ, ନିହାର ରଞ୍ଜନ ଘଡ଼େଇ, ଶିବାନନ୍ଦ ବେହେରା, ରଘୁନାଥ ପରିଡ଼ା, ଗଣେଶ ଭୋଇ, ତ୍ରିଲୋଚନ ବାରିକ, ନରସିଂହ ରେଚ୍ଛିଙ୍କୁ ବିଭାଗୀୟ ନିର୍ଦ୍ଦେଶକ ଫୁଲତୋଡା ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦଳର ପରିଚାଳକ ତଥା ପ୍ରଶିକ୍ଷକ ସୁଶାନ୍ତ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦଳ ଏହି ସଫଳତା ହାସଲ କରିପାରିଛି ବୋଲି ଖେଳାଳୀମାନେ ମତ ରଖିଥିଲେ।

# ହରପ୍ରସାଦ ଏକାଡେମୀର ରଜତ ଜୟନ୍ତୀ ଓ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା

## ସଂଗତି ମଧ୍ୟରେ ଅସଂଗତି ନ ଥିଲେ କୃଷ୍ଣଙ୍କ ମୁଖନିସୃତ ଗୀତା ଓ ତାଙ୍କ ସୃଷ୍ଟ ମହାଭାରତ ପରିକଳ୍ପନା ଅସମ୍ଭବ



ଜଳେଶ୍ୱର, ୩୦/୩ (ନି.ପ୍ର): ସମ୍ଭବ ମଧ୍ୟରେ ଅସମ୍ଭବ, ସଂଗତି ମଧ୍ୟରେ ଅସଂଗତି ପ୍ରତ୍ୟେକ କ୍ଷେତ୍ରରେ ପରିପୁଷ୍ଟ ହୋଇଥାଏ। ତାହା ହୋଇନଥିଲେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗିତାଶିକ୍ଷା ଦେବା ଓ ମହାଭାରତ ସୃଷ୍ଟି କରିବା ସମ୍ଭବ ହୋଇନଥାନ୍ତା ବୋଲି ଜଳେଶ୍ୱର ବ୍ଲକର ଆରୁହା ପଂଚାୟତର ହରପ୍ରସାଦ ଏକାଡେମୀର ରଜତ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବରେ ମତପ୍ରକାଶ ପାଇଛି। ୩୫ବର୍ଷ ବିତି ଯାଇଥିଲେ ମଧ୍ୟ ହରପ୍ରସାଦ ଏକାଡେମୀ ବହୁ ସାମାଜିକ ବାଦ-ବିସମ୍ବାଦ ମଧ୍ୟରେ ଆରମ୍ଭ କରିଛି ତାର ରଜତ ଜୟନ୍ତୀ। ଆଜି ବୁଧବାର ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ପରିଚାଳନା କମିଟୀ ସଭାପତି ଗୌରହରୀ ଦାସ ପୌରହିତ୍ୱ କରି ସ୍ୱାଗତ, ଉଦ୍ଦେଶ୍ୟ ଜ୍ଞାପନ ଓ ରଜତ ଜୟନ୍ତୀର ଆବଶ୍ୟକତା ସଂପର୍କରେ କହିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସତ୍ୟଶିବ ଦାସ ଯୋଗ ଦେଇ ସ୍ୱଭାବ ସୁଲଭ ଗୁଣରେ କହିଲେ - ଶିକ୍ଷା କୌଣସି ବ୍ୟକ୍ତିର ମାନଦଣ୍ଡ ନୁହେଁ, ବରଂ ପ୍ରତ୍ୟେକଙ୍କର ଅନୁଭୂତିରୁ ଶିକ୍ଷା ସୃଷ୍ଟି ହୋଇଥାଏ। ତଥାପି ଶିକ୍ଷା ସାମାଜିକ ପରିବର୍ତ୍ତନରେ ସହାୟକ ହୋଇଥାଏ। ପୁଣି ସମୟର ଚକ୍ରକୁ ପଛରୁ ଅଟକାଇବା ସମ୍ଭବ ନୁହେଁ କିନ୍ତୁ ଯିଏ ଆଗପଟୁ ସ୍ଥିର କରାଇପାରିଲେ ତାହା ସମ୍ଭବ ହୋଇଥାଏ ବୋଲି କହିଥିଲେ। ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର ମୁଖ୍ୟବକ୍ତାଭାବେ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ଶିକ୍ଷାର୍ଥୀମାନେ ବଡ ମଣିଷ ହେବାର ପରିକଳ୍ପନ କରିବା ସହିତ ଭଲ ମଣିଷ ହେବା ପାଇଁ ପ୍ରଚେଷ୍ଟା କରିବା ଉଚିତ୍ ବୋଲି କହିଥିଲେ। ପ୍ରତ୍ୟେକେ କର୍ତ୍ତବ୍ୟ, ଶୃଙ୍ଖଳା, ସମର୍ପଣ ଓ ସ୍ଥିତପ୍ରଜ୍ଞାତ ମଧ୍ୟରେ ଗତିକଲେ ଜୀବନରେ ସଫଳତା ମିଳିଥାଏ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜୀଲା ବିଜ୍ଞାନ ସୁପର ଭାଇଜର କୃଷ୍ଣ ମୋହନ ସିଂ, ଶ୍ୟାମସୁନ୍ଦର ମହାପାତ୍ର, ଓଷ୍ଟାର ଜିଲା ସଂପାଦକ ମନୋରଂଜନ ଦାସ, ବ୍ଲକ ସଂପାଦକ ଅଜିତ୍ ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷକ ମୂରଲିମୋହନ ପ୍ରଧାନ, ମୋ ସ୍କୁଲର ଜିଲା ସଂଯୋଜକ ସନ୍ଦିପ ଖଟୁଆ, ମିନା ରାଣୀ ପରିଡା, ସୁକୁମାର ରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ଶଚିଦାନନ୍ଦ ମହାନ୍ତି ବିବରଣୀ ପାଠ କରିଥିଲେ। ପ୍ରଶନ୍ନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଆନ୍ତବିଦ୍ୟାଳୟ ପ୍ରତିଯୋଗିତାର ପତାକା ଉତ୍ତୋଳନ ହୋଇଥିବା ବେଳେ ପିଲାମାନଙ୍କ ମଧ୍ୟରେ ଏକକ ଅଭିନୟ, ଏକକ ନୃତ୍ୟ, କଣ୍ଠ ସଂଗୀତ ପ୍ରତିଯୋଗୀତା ହୋଇଥିଲା। ଏଥିରେ ପୁରାତନଛାତ୍ର ସଂସଦ ସହଯୋଗ କରିଥିବା ବେଳେ କୃତି ଶିକ୍ଷାର୍ଥି ମାନଙ୍କୁ ମାନପତ୍ର ଓ ଉପଢୋକନ ପ୍ରଦାନ କରି ପୁରସ୍କୃତ କରାଯାଇଥିଲେ।


**OFFICE OF THE SUPERINTENDING ENGINEER**
BALASORE (ROADS & BUILDINGS) DIVISION-II
CONTACT NO :- 06782-263149
**E Mail ID :- eepwdbls2@gmail.com**
**AT/PO- BHASKARGANJ , BALASORE**
**SHORT TENDER CALL NOTICE**
**BID INVITATION NO. SE (R and B) BLS-II- 52/ 2021-22**
**No. dt.**

| | | | |
|---|---|---|---|
| 1 | The Superintending Engineer , Balasore (R & B) Division-II , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works . | | |
| 2 | No. of Work | : | **1 No.** |
| 3 | Nature of work : | : | Road work of Balasore (R&B) Division-II |
| 4 | Class of Contractor : | : | B & A Class of Contractor |
| 5 | Approx. value of work : | : | **Rs. 41.10 Lakhs** |
| 6 | Tender Cost. : . | : | 6000.00 as per work |
| 7 | Availability of Bid Documents in the website : | : | **From 10.00 Hours of dt. 04.04.2022 to 16:00 hours of dt 11.04.2022.** |
| 8 | Date of Opening of Bid : | : | **Dt. 11.04.2022 at 16.30 Hours.** |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

**OIPR : 34155/11/0001/2122**
**Superintending Engineer,**
**Balasore (R&B) Division-II**



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo